ନବୋତ୍କଳର ଜନକ

ଗଜପତି କୃଷ୍ଣଚନ୍ଦ୍ର ଦେବ

Digitized by srujanika@gmail.com

ନବୋତ୍କଳର ଜନକ

ଗଜପତି କୃଷ୍ଣଚନ୍ଦ୍ର ଦେବ

ଉଦୟନାଥ ଦାସ

ବିଦ୍ୟାପୁରୀ

Digitized by srujanika@gmail.com

NABOTKALARA JANAK
GAJAPATI KRUSHNA CHANDRA DEV
by Udaynath Das
Published by Vidyapuri, Cuttack 753002

ପ୍ରଥମ ପ୍ରକାଶ ଜୁଲାଇ, ୧୯୯୧
ଦ୍ୱିତୀୟ ମୁଦ୍ରଣ ମାର୍ଚ୍ଚ, ୨୦୦୬

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩୦୦୨

ମୁଦ୍ରଣ
ରୟାଲ ହାଫ୍‌ଟୋନ୍ କୋ, କଟକ

ମୂଲ୍ୟ ଟ ୩୫.୦୦

Digitized by srujanika@gmail.com

ମୁଖବନ୍ଧ ପାଇଁ ଦି'ପଦ

ଓଡ଼ିଆ ଜାତିର ଇତିହାସରେ ଦେଶପ୍ରାଣ ନବୋତ୍କଳର ଜନକ ଗଜପତି କୃଷ୍ଣଚନ୍ଦ୍ରଙ୍କର ଜୀବନୀକୁ ପାଠ୍ୟକ୍ରମରେ ଏପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ସେ ଯେ ଉତ୍କଳ ଗୌରବ ମଧୁସୂଦନଙ୍କ ସମସାମୟିକ, ଶତାବ୍ଦୀ ପୁରୁଷ ଏକଥା ଓଡ଼ିଆ ଜାତି କାଳକ୍ରମେ ଭୁଲି ଯାଇଅଛି । ପାରଳାଖେମୁଣ୍ଡି ରହଣି ଭିତରେ ଏକଥା ଏହି ଲେଖକ ମର୍ମେ ମର୍ମେ ଉପଲବ୍ଧି କରିଅଛି ।

ନିଜର ରାଜକୀୟ ଜୀବଦ୍ଦଶାରେ ଯେଉଁ ଜାତୀୟ ବୀର ଓଡ଼ିଆ ଭାଷା, ସାହିତ୍ୟ ଓ ସର୍ବୋପରି ଓଡ଼ିଆ ଜାତିର ଏକତ୍ରୀକରଣରେ ଶ୍ରେଷ୍ଠ ପୃଷ୍ଠପୋଷକ ଓ ଦେଶୋପକାରୀ ଥିଲେ, ସେହି ଉତ୍କଳପ୍ରାଣ ହେଉଛନ୍ତି ମହାରାଜା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ । ସେ ହେଉଛନ୍ତି ପାରଳାଧୀଶ୍ୱର । ଦିବାଲୋକ ପରି ଏହା ନିଘାଟ ସତ୍ୟ ଯେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଆଭାଷୀଙ୍କୁ ଏକତ୍ର କରି ଏକ ନୂତନ ରାଜ୍ୟଭାବେ ଓଡ଼ିଶାକୁ ଗଢ଼ି ଦେଇଥିଲେ ।

ରାଜପରିବାରରେ ଜନ୍ମଗ୍ରହଣ କରି ମଧ୍ୟ ନିଜର ସୁଖସମ୍ଭୋଗକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସେ ଜଳାଞ୍ଜଳି ଦେଇଥିଲେ । ସେ ଥିଲେ ଓଡ଼ିଆ ସ୍ୱାଭିମାନର ଏକ ସୂର୍ଯ୍ୟସମ ଜ୍ୱଳନ୍ତ ପ୍ରତୀକ ଓ ଓଡ଼ିଆ ଆନ୍ଦୋଳନରେ କ୍ରାନ୍ତିକାରୀ ସୁଦକ୍ଷ ସେନାଧକ୍ଷ । ସେ 'ମନ୍ତ୍ର ବା ସାଧୟେତ୍ ଶରୀରଂ ବା ପାତୟେତ୍' (To do or to die)—ଏହି ନୀତି ଧରି ପ୍ରବଳ ଉଦ୍ୟମ କରି ନ ଥିଲେ, ଆଜି ଉତ୍କଳ ପ୍ରଦେଶ ଗଠନ ଭିନ୍ନ ପ୍ରକାର ହୋଇଥାନ୍ତା । ଗଜପତି ବଂଶର ଧୈର୍ଯ୍ୟ ଓ ସାହସର ସେ ଯେଉଁ ପରିଚୟ ଦେଇଛନ୍ତି, ତାହା ଓଡ଼ିଆ ଜାତିକୁ ସମୁନ୍ନତ ଓ ଏକତ୍ରିତ କରିପାରିଅଛି, ଏହି ଏକତ୍ରୀକରଣ (Unification) ହିଁ ଓଡ଼ିଶାର ଇତିହାସ କହିଲେ ମଧ୍ୟ ଚଳିବ ।

ସେଥିପାଇଁ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଓ ନୂତନ ଓଡ଼ିଶାର ସ୍ରଷ୍ଟା ଭାବରେ ଗଜପତି କୃଷ୍ଣଚନ୍ଦ୍ରଙ୍କ ଜୀବନୀର ଏକ ପୂର୍ଣ୍ଣାଙ୍ଗ ବିବରଣୀ ଲେଖିବାର ଆବଶ୍ୟକତା ରହିଛି

Digitized by srujanika@gmail.com

ବୋଲି ମୋର ମନେହେଲା । ତେଣୁ ପାରଳା ପରିଦର୍ଶନ ପରେ ମହାରାଜାଙ୍କ ଜୀବନୀ ଲେଖିବାକୁ କୃତସଂକଳ୍ପ ହେଲି । ଏହି କାର୍ଯ୍ୟରେ ଭଞ୍ଜବିହାରର ଉପକୁଳପତି ପରଲୋକଗତ ଗୋରାଚାନ୍ଦ ରଥ ୧୯୬୯ ମସିହାରେ ହୋଇଥିବା ମହାରାଜାଙ୍କର ଜୟନ୍ତୀ ଉତ୍ସବର ୭୮ ବର୍ଷ ପୂର୍ତ୍ତିରେ ମୋତେ ସ୍ମରଣିକା ପୁସ୍ତକଟିଏ ଦେଇଥିଲେ । ତାହାଛଡ଼ା ରବିବାର ସମ୍ବାଦ, ଉତ୍କଳ ପ୍ରସଙ୍ଗ ପ୍ରଭୃତି ଅନ୍ୟାନ୍ୟ ପତ୍ରପତ୍ରିକା ସାହାଯ୍ୟରେ ଏ ପୁସ୍ତକଟି ଲେଖିଅଛି । ସେଥିପାଇଁ ଏ ସମସ୍ତଙ୍କ ନିକଟରେ ଆପାତତଃ ମୁଁ ଋଣୀ । ମୋର ପ୍ରିୟ ଛାତ୍ର ପଠାଣି ସାମନ୍ତ ମହାବିଦ୍ୟାଳୟ, ଖଣ୍ଡପଡ଼ାର ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଓ ଖଣ୍ଡପଡ଼ା ବ୍ଲକର ବଡ଼ବାବୁ ତ୍ରିଲୋଚନ ପ୍ରହରାଜଙ୍କର ଉତ୍ସାହ ଓ ସାହାଯ୍ୟ ଏଥିପାଇଁ ଅବିସ୍ମରଣୀୟ ।

ମହାରାଜାଙ୍କ ଜୀବନୀ ପୁସ୍ତକ ମୋର ଦୀର୍ଘ ୧୨ବର୍ଷ ସାଧନାର ଫଳ । ମହାରାଜାଙ୍କ ସମ୍ପୂର୍ଣ୍ଣ ଜୀବନୀ ପୁସ୍ତକଟିଏ ଏପର୍ଯ୍ୟନ୍ତ ମୋ ଦୃଷ୍ଟିରେ ପଡ଼ି ନାହିଁ । ତେଣୁ ବହୁ ପରିଶ୍ରମ ଓ ଅଧ୍ୟବସାୟପୂର୍ବକ ଏ ପୁସ୍ତକ ଖଣ୍ଡି ଅଗଣିତ ଓଡ଼ିଆଭାଷୀ ଛାତ୍ରଛାତ୍ରୀଙ୍କ ପାଇଁ ଲେଖିଅଛି । ସେମାନେ ଏ ବହି ପଢ଼ି ମହାରାଜା ଗଜପତି କୃଷ୍ଣଚନ୍ଦ୍ରଙ୍କ ବିଷୟରେ କିଛି ଜାଣିପାରିଲେ ମୋର ଶ୍ରମ ସାର୍ଥକ ହେଲା ବୋଲି ଜାଣିବି । କାରଣ "O God, your sea is so great and our boat is small".— ଏହି ପ୍ରବଚନ ଅନୁସାରେ ମୋ ଲେଖା କେଡ଼େ ସୀମିତ ତାହା ଭାବୁଛି । ବ୍ରିଟିଶ୍ ସରକାରଙ୍କ ଗୋଲ୍‌ଟେବୁଲ୍ ବୈଠକ ଇଂଲଣ୍ଡରେ ୧୯୩୧ ମସିହା ଜାନୁୟାରୀ ୧୬ ତାରିଖରେ ଏକ କ୍ଲାନ୍ତ ମଳିନ ଅପରାହ୍ଣ ପାର୍ଲିଆମେଣ୍ଟରେ ଓଡ଼ିଆ ପାଇଁ ସେ ଯେଉଁ ଭାଷଣ ଦେଇଥିଲେ, ତାହା ଅତି ମର୍ମସ୍ପର୍ଶୀ ।

ତାହା ହେଉଛି — "କୋଟିଏ ଓଡ଼ିଆ ଲୋକଙ୍କ ପକ୍ଷରୁ ସେମାନଙ୍କର ବହୁଦିନର ଗୁହାରି ଶୁଣିବାକୁ ଠିଆ ହୋଇଛି । ଓଡ଼ିଆମାନେ ଚାରୋଟି ବିଭିନ୍ନ ପ୍ରଦେଶରେ ବାଣ୍ଟିହୋଇ ଅଛନ୍ତି । ଆମେ ଚାହୁଁ ଭାଷା ଓ ଜାତି ସୂତ୍ରରେ ପ୍ରଦେଶ ଗଠନ । କୋଟିଏ ଓଡ଼ିଆ ଲୋକଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ନ ଦେଖି ନୂତନ ଶାସନ ସଂସ୍କାର କରିପାରିବେ ନାହିଁ ।" —ମହାରାଜାଙ୍କ ଏହି ଭାଷଣ କେଡ଼େ ଉଚ୍ଚକୋଟୀର, ତାହା ଦେଶଭକ୍ତ ପାଠକମାନେ ସହଜରେ ଉପଲବ୍ଧି କରିପାରିବେ ।

Digitized by srujanika@gmail.com

ମୁଖବନ୍ଧର ଉପସଂହାରରେ ତାଙ୍କ ଜୀବନର ଗୋଟିଏ ଦୁଇଟି ଘଟଣା ଲେଖି ଜଣେ ଆଦର୍ଶ ଶାସକ ତଥା ଆଦର୍ଶ ପ୍ରଶାସକ ଓ ରାଷ୍ଟ୍ରନୀତିଜ୍ଞ ଭାବେ ତାଙ୍କର ଖ୍ୟାତି କିପରି ଥିଲା, ତାହା ଏଠାରେ ଉଲ୍ଲେଖ କରୁଛି ।

ପାରଳା ନିକଟବର୍ତ୍ତୀ କାଶୀ ନଗରରେ ଗୋଟିଏ ସଭାରେ ଯୋଗ ଦେବାପାଇଁ ନିଜ ଗାଡ଼ି ଚଳାଇ ମହାରାଜା ଯାଉଥିଲେ । ପଛରେ ବସିଥିଲେ ସତ୍ୟନାରାୟଣ ରାଜଗୁରୁ । ଗାଡ଼ି ରାସ୍ତାରେ ଗୋଟିଏ ଛୋଟ ଖାଲରେ ପଡ଼ି ଚମକି ଉଠିଲା । ମହାରାଜା ସହାନୁଭୂତି-ସୂଚକ କଣ୍ଠରେ ପଚାରିଲେ, "ରାଜଗୁରୁ ! କଷ୍ଟ ହେଲାକି ? ରାଜଗୁରୁ ଉତ୍ତର ଦେଲେ, "ସ୍ୱୟଂ ମହାରାଜା ଓଡ଼ିଶା ପ୍ରଧାନମନ୍ତ୍ରୀ ଥାଉଁ ଥାଉଁ, ନିଜ ଘରପାଖ ରାସ୍ତାର ଏ ଅବସ୍ଥା । ସେଥିପାଇଁ ବାହାର ଅପେକ୍ଷା ଭିତର ଆଘାତଟା ବେଶି ହେଲା ।" ହସ ହସ ମୁହଁରେ ରାଜାସାହେବ ଉତ୍ତର ଦେଲେ, "ମୁଁ ତ କେବଳ ସରକାର ନୁହେଁ । ସାରା ଓଡ଼ିଶାର ସେବକ ଏ ରାସ୍ତାରେ ଗାଡ଼ି ଚଳାଉଛି । ଓଡ଼ିଶାର ଅନେକ ରାସ୍ତା ଅଛି । ଯେଉଁଠି ସହଜରେ ଗୋଡ଼ ବି ଚଳିବନି । କାହାକୁ ଆଉ ସଜାଡ଼ିବା ?" — ପଦମର୍ଯ୍ୟାଦା, ଆଞ୍ଚଳିକତା ଓ ଅର୍ଥଶକ୍ତିର ବହୁଦୂରରେ ଥିଲା ତାଙ୍କର ଆସ୍ଥାନ । ନିଜର ପ୍ରତ୍ୟେକ ମାସର ଦରମାକୁ ସେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ କରି ଦେଉଥିଲେ ।

ଆଉ ଗୋଟିଏ ଘଟଣା । ୧୯୩୦ ସାଲରେ ଲଣ୍ଡନର ପ୍ରଥମ ଗୋଲ୍‌ଟେବୁଲ୍ ବୈଠକରେ ଓଡ଼ିଶା ପକ୍ଷରୁ ପ୍ରତିଧ୍ୱନିତ କରି ସେ ନିଜ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏଥିରେ ସେ କହିଥିଲେ, "ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାର ସଭ୍ୟରୂପେ ମୋର ଅନୁଭୂତିରୁ ମୁଁ ସ୍ପଷ୍ଟ କହିପାରେ ଯେ ଓଡ଼ିଆଙ୍କ ଅବସ୍ଥା ସଂସ୍କାର ଆଇନ୍ ପ୍ରବର୍ତ୍ତନ ପରେ ଅଧିକ ଶୋଚନୀୟ ହୋଇ ପଡ଼ିଛି । × × × × × ମୁଁ ପୁଣି ଜୋର୍ ଦେଇ କହୁଛି, ସ୍ୱତନ୍ତ୍ର ପ୍ରଦେଶରୁ ଲବେ ମାତ୍ର ଊଣା ହେଲେ ଓଡ଼ିଆମାନଙ୍କର କାମନା ପୂର୍ଣ୍ଣ ହେବ ନାହିଁ । ଅନ୍ୟ କୌଣସି ଉପାୟରେ ଆଂଶିକ ବିଧାନ ଏ ଜାତିର ମନ ବଦଳାଇବା ସମ୍ଭବ ନୁହେଁ । ଏ ଜାତି ଲୋଡ଼େ ସ୍ୱତନ୍ତ୍ର ପ୍ରଦେଶ ।"

ଏହି ଭାଷଣ କେଡ଼େ ମର୍ମସ୍ପର୍ଶୀ, ତାହା ପ୍ରଣିଧାନଯୋଗ୍ୟ । ଭାଷା, ଭାବ, ଆବେଗମୟତାର ତ୍ରିବେଣୀ ସଙ୍ଗମରେ ଏହା ରସାଣିତ ହୋଇ ଉଚ୍ଚ ଜାତୀୟବାଦର ସ୍ଫୁରଣ ପ୍ରତି ପଦରେ ଫୁଟି ଉଠିଛି । ଏହି ଉକ୍ତିରୁ ମହାରାଜାଙ୍କ ସ୍ୱାଭିମାନ, ଭ୍ରାତୃଭାବ, ଦେଶଭକ୍ତି ଓ ମହତ୍ ହୃଦୟ ସହଜରେ ଅନୁମିତ ହୁଏ ।

Digitized by srujanika@gmail.com

ପରିଶେଷରେ ବିଦ୍ୟାପୁରୀର ସ୍ୱତ୍ୱାଧିକାରୀ ମୋର ପ୍ରିୟ ପ୍ରକାଶକ ଶ୍ରୀଯୁକ୍ତ ପୀତାମ୍ବର ମିଶ୍ର, ପ୍ରକାଶନର ଦାୟିତ୍ୱ ବହନ କରିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ । ମୁଁ ଓଡ଼ିଆ, ମୋ ମାତୃଭାଷା ଓଡ଼ିଆ, ମୁଁ ଓଡ଼ିଆ ସନ୍ତାନ, ମୋର ଜନ୍ମଭୂମି ଓଡ଼ିଶା । ଏହି ସ୍ୱାଭିମାନ, ଦେଶାତ୍ମବୋଧଭାବର ଅଗ୍ନି - ସ୍ଫୁଲିଙ୍ଗ ବହନ କରି, ମହାରାଜାଙ୍କ ଜନ୍ମ-ଜୟନ୍ତୀର ଶତବାର୍ଷିକୀ ଉତ୍ସବରେ ତାଙ୍କର ମହନୀୟତା ପ୍ରତି ଓଡ଼ିଆଙ୍କୁ ଉଜ୍ଜୀବିତ କରୁ, ଏହାହିଁ ମହାରାଜାଙ୍କ ପବିତ୍ର ଜନ୍ମବାସର ସ୍ମୃତିରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ।

ଇତି

ଖଣ୍ଡପଡ଼ାଗଡ଼, ସାମନ୍ତନଗର
.ତା ୨୬।୪।୯୧ରିଖ

ବିନୟାବନତ
ଲେଖକ

Digitized by srujanika@gmail.com

ସୂଚୀପତ୍ର

୧.	ମହେନ୍ଦ୍ରତନୟା କୂଳରେ	୧
୨.	ଖେମୁଣ୍ଡିର ପୂର୍ବାଭାସ	୪
୩.	ଜନ୍ମୋତ୍ସବ	୮
୪.	ତୁଳସୀ ଦୁଇପତ୍ରରୁ ବାସେ	୧୨
୫.	ମାତୃଭୂମି ଚିନ୍ତାରେ	୧୬
୬.	ଉତ୍କଳ ସମ୍ମିଳନୀ	୨୦
୭.	ସିଂହାସନ ଆରୋହଣ	୨୫
୮.	ମହାରାଜାଙ୍କ ଗୃହଜୀବନ	୩୦
୯.	ଆଦର୍ଶ ଶାସକ ଭାବରେ	୩୪
୧୦.	ପାରଳା ବିଭାଜନ	୩୮
୧୧.	ମାଣିକେଶ୍ୱରୀ ବେଶରେ ଉତ୍କଳ ଜନନୀ	୪୨
୧୨.	ଓଡ଼ିଶାର ପ୍ରଧାନମନ୍ତ୍ରିତ୍ୱ	୪୭
୧୩.	ମହନୀୟ ଚରିତ୍ରବତ୍ତା	୫୧
୧୪.	ମୋ ପାରଳା ଅନୁଭୂତି	୫୫
୧୫.	ପ୍ରଜାବତ୍ସଳ ମହାରାଜା	୬୦
୧୬.	ଏ ବଡ଼ ଲୋକଙ୍କର ମତ	୬୪
୧୭.	ଗୋଧୂଳି ବେଳାରେ	୬୮

Digitized by srujanika@gmail.com

ମହେନ୍ଦ୍ରତନୟା କୂଳରେ

ପୁଣ୍ୟତୋୟା ମହେନ୍ଦ୍ରତନୟା ନଦୀକୂଳରେ ପାରଳାଖେମୁଣ୍ଡି ସହର ଅବସ୍ଥିତ । ଏହା ଓଡ଼ିଶାର ଦକ୍ଷିଣ ସୀମାନ୍ତ ଅଞ୍ଚଳରେ । ଏହା ଆନ୍ଧ୍ରପ୍ରଦେଶର ସୀମାକୁ ଲାଗି ରହିଛି । ମହେନ୍ଦ୍ରତନୟା ଗଞ୍ଜାମର ମହେନ୍ଦ୍ର ପର୍ବତରୁ ବାହାରି ପୂର୍ବାଭିମୁଖୀ ହୋଇ ବଙ୍ଗୋପସାଗରରେ ପଡ଼ିଅଛି । ମହେନ୍ଦ୍ର ପର୍ବତର ଅପର ପାର୍ଶ୍ୱରୁ ନିର୍ଗତ ହେଉଛି— ବାହୁଦାନଦୀ । ପ୍ରବାଦ ଅଛି, ପରଶୁରାମ ଶ୍ରୀରାମଚନ୍ଦ୍ରଙ୍କଠାରେ ଆତ୍ମସମର୍ପଣ କରିବା ପରେ ତାଙ୍କ ଦ୍ୱାରା ଆଦିଷ୍ଟ ହୋଇ ମହେନ୍ଦ୍ର ପର୍ବତରେ ତପସ୍ୟାରତ ହୋଇଥିଲେ । ସେଥିପାଇଁ ମହେନ୍ଦ୍ର ପର୍ବତ ପୁରାଣ ପ୍ରସିଦ୍ଧ । ଦକ୍ଷିଣ ଓଡ଼ିଶାରେ ଏହା ଏକ ବଡ଼ ପର୍ବତ ।

ନୂତନ ଓଡ଼ିଶା ଗଠିତ ହେବା ପୂର୍ବରୁ ପାରଳାଖେମୁଣ୍ଡି ମାନ୍ଦ୍ରାଜ ପ୍ରଦେଶର ଏକ ତାଲୁକ୍ ଥିଲା । ମାନ୍ଦ୍ରାଜ ପ୍ରଦେଶରୁ ଗଞ୍ଜାମ ଓ କୋରାପୁଟ ଜିଲ୍ଲା ଦ୍ୱୟ ପରେ ଓଡ଼ିଶା ପ୍ରଦେଶ ସହିତ ସାମିଲ ହୋଇଅଛି । ପାରଳାଖେମୁଣ୍ଡି ଗଞ୍ଜାମ ଜିଲ୍ଲାର ଏକ ସବ୍‌ଡିଭିଜନ ଭାବେ ପରିଗଣିତ ହେଉଥିଲା । ବର୍ତ୍ତମାନ ପାରଳାଖେମୁଣ୍ଡି 'ଗଜପତି' ଜିଲ୍ଲା ଭାବରେ ନାମିତ ହୋଇଅଛି— ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ର କରାଇ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଯେଉଁ ଅକ୍ଳାନ୍ତ ପରିଶ୍ରମ, ଅର୍ଥବ୍ୟୟ, ବୁଦ୍ଧିମତ୍ତା ଓ ବିଚକ୍ଷଣ ରାଜନୀତି ପ୍ରୟୋଗ କରିଥିଲେ, ସେଥିପାଇଁ ସେ ସମଗ୍ର ଓଡ଼ିଶାର ତଥା ଓଡ଼ିଆ ଜାତିର ଚିର ନମସ୍ୟ, ଚିର ସ୍ମରଣୀୟ ହୋଇ ରହିଛନ୍ତି । ଏହି କାର୍ଯ୍ୟରେ ସେ ଉତ୍କଳ ଗୌରବ ମଧୁସୂଦନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି । ଆଜୀବନ ଦେଶପାଇଁ, ଜାତି ପାଇଁ ଓ ମାତୃଭାଷା ପାଇଁ, ଯେ ନିଜର ଜୀବନ ଉତ୍ସର୍ଗ କରିଦିଏ, ସେ ହିଁ ସମାଜରେ ପରମ ପୁରୁଷ, ଦିବ୍ୟଦ୍ରଷ୍ଟା ।

Mother and mother country are superior to Heaven — "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" — ଏହି ଉକ୍ତିର ସାରମର୍ମ ସେ ମର୍ମେ ମର୍ମେ ଉପଲବ୍ଧି କରି ବାସ୍ତବ ଜୀବନରେ ଉତ୍କଳ ଜନନୀଙ୍କ ନବ ରୂପାୟନ; ସେ ସବୁଦିନ ପାଇଁ ଦେଖାଇ ଯାଇଛନ୍ତି । ସଂସ୍କୃତରେ ଅଛି : —

Digitized by srujanika@gmail.com

ପଦ୍ମିନୀ ପତ୍ର-ଜଳବତ୍ ସଂସାରେ ସର୍ବମସ୍ଥିରମ୍
କୀର୍ତ୍ତିରକ୍ଷର ସମ୍ବନ୍ଧା ସ୍ଥିର । ଭବତି ଭୂତଳେ ।

ଅର୍ଥାତ୍—ପଦ୍ମପତ୍ରସ୍ଥିତ ଜଳ ଅସ୍ଥିର । କିନ୍ତୁ ମରଲୋକରେ ଯେଉଁମାନେ କୀର୍ତ୍ତି ରଖନ୍ତି ସେମାନେ ଅମର ହୋଇ ରହିଥାନ୍ତି । ଏହି ମହାବାକ୍ୟର ସାର୍ଥକତା ହୃଦୟଙ୍ଗମ କରି ମହାରାଜା ଗଙ୍ଗବଂଶର ଶ୍ରେଷ୍ଠ ଅବତଂଶ ରୂପେ ଉତ୍କଳର ସର୍ବୋଚ୍ଚ ପୃଷ୍ଠ ଭୂମିକାରେ ଅବତରଣ କରି କୀର୍ତ୍ତି କିରୀଟିନୀ ଉତ୍କଳଜନନୀଙ୍କର କୀର୍ତ୍ତି ରଖି ଯାଇଅଛନ୍ତି । ନବ ଉତ୍କଳର ନିର୍ମାତାଭାବରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଦେବ ସମଗ୍ର ଓଡ଼ିଶାରେ ଜଣାଶୁଣା । ତାଙ୍କ ଅବିନାଶୀ କୀର୍ତ୍ତି ସବୁଦିନ ପାଇଁ ସୁବର୍ଣ୍ଣ ସ୍ୱାକ୍ଷରରେ ବିଭୂଷିତ ହୋଇ ରହିବ । ବହୁଦେଶୀୟ ବୈଦେଶିକ ଶିକ୍ଷାବିତ୍ ଏହା ମୁକ୍ତ କଣ୍ଠରେ ସ୍ୱୀକାର କରିଅଛନ୍ତି । ସେ ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି । ସେ ଏ ଦେଶର, ଆମ ଜାତିର ପଥ ପ୍ରଦର୍ଶକ, ଗୋଟିଏ ବିରାଟ ଅନୁଷ୍ଠାନ । ତାଙ୍କର କୀର୍ତ୍ତି ଚିର ଭାସ୍ୱର, ଅବିନଶ୍ୱର ।

ପାରଳାଖେମୁଣ୍ଡି ଏକ ଜମିଦାରୀ । ତାହା ମୟୂରଭଞ୍ଜ, କେନ୍ଦୁଝର, ପାଟନା, କଳାହାଣ୍ଡି, ଜୟପୁର ଭଳି ଆୟତନରେ ବଡ଼ ନୁହେଁ । ଏହାର କ୍ଷେତ୍ରଫଳ ସୀମିତ ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ । କିନ୍ତୁ ଏହି କ୍ଷୁଦ୍ର ରାଜ୍ୟ ମଧ୍ୟରେ ଯେତେ ସଂଖ୍ୟାରେ ମୌଳିକ ଚିନ୍ତାଶୀଳ ପ୍ରତିଭାବାନ୍ ବିଦ୍ୱାନ୍ ଜନ୍ମଲାଭ କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି, ତାହା ପ୍ରାକୃତିକ ଓଡ଼ିଶାର କେଉଁଠି ସାଧାରଣତଃ ଦେଖାଯାଏ ନାହିଁ । ଓଡ଼ିଆ ସାହିତ୍ୟର ଇତିହାସରେ ଏହି ଗରିମାମୟ ଅଧ୍ୟାୟ, ଏହି ରାଜବଂଶରେ କେବଳ ଦେଖାଯାଏ । ରାଜବଂଶର ସାହିତ୍ୟ-ସଙ୍ଗୀତ-ଅନୁରାଗୀ ପୃଷ୍ଠପୋଷକତା ଯୋଗୁଁ ଏହା କେବଳ ସମ୍ଭବ ହୋଇପାରିଛି । ଓଡ଼ିଆ ନାଟକ ସହିତ ମଞ୍ଚ ସ୍ଥାପନ, ସଙ୍ଗୀତ ଚର୍ଚ୍ଚା, ଉଚ୍ଚକୋଟୀର କୁଟୀରଶିଳ୍ପ ଓ ଅନ୍ୟାନ୍ୟ ପ୍ରଗତିଶୀଳ କାର୍ଯ୍ୟମାନଙ୍କରେ ଗଜପତି ମହାରାଜାଙ୍କ ପ୍ରଚ୍ଛନ୍ନ ପୃଷ୍ଠପୋଷକତା ଏହି ସର୍ବାଙ୍ଗୀଣ ଉନ୍ନତିର ଅନ୍ତରାଳରେ ଯେ କାର୍ଯ୍ୟ କରୁଥିଲେ, ଏକଥା ସର୍ବବାଦିସମ୍ମତ । ରାଜକୀୟ ଧାର୍ମିକତା ଓ ଭାବପ୍ରବଣତା ତାଙ୍କ ଜୀବନର ଶ୍ରେଷ୍ଠତମ ବିକାଶ । ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ଭଳି ସେ ଥିଲେ ଜଣେ ଆଦର୍ଶ ରାଜା, ଆଦର୍ଶ ଶାସକ ଓ ଚରିତ୍ରବାନ୍ । ଏକପତ୍ନୀବ୍ରତ ଛଡ଼ା ତାଙ୍କର ଦ୍ୱିତୀୟା ନ ଥିଲା ।

ମହାରାଜା ସାହେବ ଦେଶ ତଥା ଜାତି ପାଇଁ ଧନ ଖର୍ଚ୍ଚ କରିବାକୁ ବଡ଼ମୁକ୍ତ ହସ୍ତ ଥିଲେ । ତାଙ୍କର ସର୍ବଶ୍ରେଷ୍ଠ ପ୍ରଶଂସନୀୟ କାର୍ଯ୍ୟ ଗୋଲ୍‌ଟେବୁଲ୍ ବୈଠକ (Round Table Conference) ଏବଂ ତାଙ୍କର ସଂଯୁକ୍ତ ନିର୍ବାଚିତ କମିଟି (Joint Select

Digitized by srujanika@gmail.com

Committee) ରେ ସଦସ୍ୟ ଥିବା ବିଷୟ ଓ ତାଙ୍କର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ପାଇଁ ଯେଉଁ ମହତ୍ କାର୍ଯ୍ୟ ତାହା ଅବିସ୍ମରଣୀୟ ହୋଇ ରହିବ । କିନ୍ତୁ ଓଡ଼ିଶା ପାଇଁ ତାଙ୍କର ଅଲୌକିକ ଅକ୍ଳାନ୍ତ ପରିଶ୍ରମ ଲଣ୍ଡନ ଓ ନୂଆଦିଲ୍ଲୀରେ ଥିବା କାର୍ଯ୍ୟାବଳୀ କଦାପି ଭୁଲି ହେବ ନାହିଁ । ତାହା ସବୁଦିନ ଜାଜ୍ୱଲ୍ୟମାନ ହୋଇ ରହିବ । ଓଡ଼ିଶା ମିଶ୍ରଣରେ ଓଡ଼ୋନେଲ୍ କମିଟି ପାଇଁ ଯେଉଁ କାର୍ଯ୍ୟ ଓ ମହାନୁଭାବୁକତା ତାହା ଓଡ଼ିଶା ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ ।

୧୯୩୫ରେ ଭାରତ ଶାସନ ସଂସ୍କାର ବିଲ୍ ପାସ୍ ହେଲା । ୧୯୩୬ ମସିହା ଏପ୍ରିଲ ପହିଲାରେ ନୂତନ ଓଡ଼ିଶା ପ୍ରଦେଶ ଓ ସିନ୍ଧୁ ପ୍ରଦେଶ ଗଠିତ ହେଲା । ସେତେବେଳେ ଇଂରାଜୀ ରାଜତ୍ୱ । ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ରାଜ୍ୟ ଭାର ଗ୍ରହଣ କରିବାକୁ ତାଙ୍କୁ ସରକାରଙ୍କଠାରୁ ନିମନ୍ତ୍ରଣ ଆସିଲା । ଏହି ଦାୟିତ୍ୱ ବହନ କରିବାକୁ ସେ ଏକମାତ୍ର ଉପଯୁକ୍ତ ବ୍ୟକ୍ତି ଥିଲେ । ଓଡ଼ିଶା ପ୍ରଦେଶର ତତ୍କାଳୀନ ବ୍ୟବସ୍ଥାପକ ସଭାର ଜାତୀୟ ଦଳ (National Party)ର ସେତେବେଳର ଅଗ୍ରଣୀ ଥିଲେ । ପୁନଶ୍ଚ ଦ୍ୱିତୀୟ ମହାସମର (୧୯୪୨-୪୫) ମଧ୍ୟରେ ସେ ଦ୍ୱିତୀୟଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ତାଙ୍କ ସମୟରେ ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କର ଶିକ୍ଷାମନ୍ତ୍ରୀ ଥିଲେ । ପଣ୍ଡିତ ମିଶ୍ରଙ୍କର ଦେଶପ୍ରୀତି ସହିତ ମହାରାଜାଙ୍କ ଶିକ୍ଷା ପ୍ରସାର, ଗଠନ ମନୋବୃତ୍ତି ଯୋଗୁଁ 'ଉତ୍କଳ ବିଶ୍ୱବିଦ୍ୟାଳୟ' ପ୍ରତିଷ୍ଠିତ ହୋଇ ପାରିଥିଲା । ଆଧୁନିକ ଶିକ୍ଷାର ପ୍ରସାର ପାଇଁ କେତେକ ଜିଲ୍ଲାରେ ନୂଆ ହୋଇ କଲେଜମାନ ଗଢ଼ି ଉଠିଥିଲା । ତେଣୁ ମହାରାଜା ଉତ୍କଳ ବିଶ୍ୱବିଦ୍ୟାଳୟର 'ଜନକ' ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପାରଳାଖେମୁଣ୍ଡିର ଐତିହ୍ୟ ସାଂସ୍କୃତିକ ପରମ୍ପରା ସହିତ ପରିବେଶ ନିଶ୍ଚିତ ଭାବରେ ଉଚ୍ଚକୋଟୀର । ମହେନ୍ଦ୍ରତନୟା କୂଳରେ ଅବସ୍ଥିତ ଥିବାରୁ, ଗଡ଼ଟିର ସୌନ୍ଦର୍ଯ୍ୟ, ଜଳପ୍ଳାବନ, କୃଷିକ୍ଷେତ୍ର, ରାମସାଗର, ସୀତାସାଗର ପ୍ରଭୃତି ବନ୍ଧ ଦର୍ଶନୀୟ । କଲେଜ ପଛ ପାଖରେ ପର୍ବତମାଳା ଯୋଗେ ଗଡ଼ର ପ୍ରାକୃତିକ ଦୃଶ୍ୟ ବଡ଼ ଚିତ୍ତାକର୍ଷକ ଓ ରମଣୀୟ ।

ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଚିର ଆବାସସ୍ଥଳୀ ସ୍ୱରୂପ ଚିରପ୍ରବାହିତ ମହେନ୍ଦ୍ରତନୟା ନଦୀକୂଳରେ ପାରଳାଖେମୁଣ୍ଡି ସର୍ବଦା ଶସ୍ୟଶ୍ୟାମଳା । ବଂଶଧାରା ନଦୀ ମଧ୍ୟ ଏ ରାଜ୍ୟରେ ପ୍ରବାହିତା । ଏହି ନଦୀ ଏହି ରାଜ୍ୟକୁ ଅଧିକ ଉର୍ବର କରିଥାଏ । ରାଜନୀତିକ ଘନ-ଘଟାରେ ପାରଳାଖେମୁଣ୍ଡି ରାଜ୍ୟର ଜନ୍ମ ପରିଗ୍ରହ । ସମଗ୍ର ଓଡ଼ିଶାର ଏକତ୍ରୀକରଣରେ ଓଡ଼ିଆଭାଷୀ ଉପାନ୍ତ ଅଞ୍ଚଳମାନ ଏବେ ମଧ୍ୟ ଆନ୍ଧ୍ର, ମଧ୍ୟପ୍ରଦେଶ, ବିହାର ଓ ବଙ୍ଗଳାରେ ରହି ଯାଇଅଛି । ଆମ ଓଡ଼ିଶା ପାଇଁ ଏହି ପ୍ରସଙ୍ଗ ଏବେ ମଧ୍ୟ କ୍ଷୋଭ ଆଉ ପଶ୍ଚାତ୍ତାପର ବିଷୟ ।

Digitized by srujanika@gmail.com

ଖେମୁଣ୍ଡିର ପୂର୍ବାଭାସ

ପୁରୀର ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କ ପରେ ତାଙ୍କର ଅଠର ପୁଅଙ୍କ ମଧ୍ୟରେ ସିଂହାସନ ପାଇଁ ଖଣ୍ଡଯୁଦ୍ଧ ଲାଗିଲା । କିନ୍ତୁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶରେ କୃଷ୍ଣାନଦୀ କୂଳରେ କପିଳେନ୍ଦ୍ର ଦେବଙ୍କର ଦେହାବସାନ ସମୟରେ ତାଙ୍କର ଅତି ପ୍ରିୟ ପୁତ୍ର ଜଗନ୍ନାଥଙ୍କ ଭକ୍ତ ପୁରୁଷୋତ୍ତମଙ୍କୁ ରାଜମୁକୁଟ ଅର୍ପଣ କରି ସେ ମୃତ୍ୟୁବରଣ କଲେ । ସେହି ସମୟରେ ପାରଳା, ଦେବରକୋଣ୍ଡା, ବଡ଼ ଓ ସାନ ଖେମୁଣ୍ଡି ଓ ବାମଣ୍ଡା ପ୍ରଭୃତି ରାଜ୍ୟରେ ଏହି ଗଜପତି ବଂଶର ଦାୟାଦମାନେ ରାଜା ହୋଇ ରହିଗଲେ । ପାରଳାଖେମୁଣ୍ଡି ରାଜ୍ୟ ଏହି ଗଜପତି ବଂଶୋଦ୍ଭବ । ତେଣୁ କୃଷ୍ଣଚନ୍ଦ୍ରଙ୍କୁ ଗଜପତି ମହାରାଜା ବୋଲି କୁହାଯାଏ । 'ମହାରାଜା' ପଦବୀ ଗୁଣଗ୍ରାହୀ ଇଂରେଜ ସରକାରଙ୍କ ପ୍ରଦତ୍ତ ଉପାଧି ।

ପାରଳାଖେମୁଣ୍ଡି ଉତ୍କଳର ଏକ ମହାନ୍ ସଂସ୍କୃତିପୀଠ । ପାରଳାର ଅବଦାନ କଥା ଭାବିବସିଲେ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଅସୀମ ଗର୍ବ ଓ ଆନନ୍ଦ ଜାତ ହୁଏ । ଖେମୁଣ୍ଡିର ପୂର୍ବନାମ ହେଉଛି 'କ୍ଷିତିମୁଣ୍ଡି' । ଏହାର ଅର୍ଥ ସଂସାର ମଣ୍ଡନକାରୀ । 'କ୍ଷିତିମୁଣ୍ଡି' ଶବ୍ଦରୁ କାଳକ୍ରମେ 'ଖିମୁଣ୍ଡି' ଶବ୍ଦ ଅପଭ୍ରଂଶ ହୋଇ 'ଖେମୁଣ୍ଡି' ନାମରେ ଜଣାଶୁଣା ହୋଇଅଛି । ଅତୀତ ଉତ୍କଳର ବହୁ ପରମ୍ପରା ସହିତ ଏହା ଓତପ୍ରୋତ ଭାବେ ବିଜଡ଼ିତ । ଗଙ୍ଗବଂଶ ପରେ କପିଳେନ୍ଦ୍ରଦେବଙ୍କ ସ୍ଥାପିତ ସୂର୍ଯ୍ୟବଂଶର ଗଜପତି ରାଜାଙ୍କର ପାରଳାଖେମୁଣ୍ଡିର ପୂର୍ବ ବଂଶଧରମାନଙ୍କର ଘନିଷ୍ଠ ସମ୍ପର୍କ ଥିଲା । ଖେମୁଣ୍ଡି ରାଜ୍ୟ, ପୁରାତନ ମୁଖ୍ୟ କଳିଙ୍ଗ ରାଜ୍ୟର ଅତି ନିକଟତର ଥିଲା । କଳିଙ୍ଗ ହେଉଛି ଅତୀତ ଉତ୍କଳର ପ୍ରଥମ ସ୍ୱରୂପ । ଏହି କଳିଙ୍ଗ ମହାଭାରତ ଯୁଗର । ଅଶୋକଙ୍କ କଳିଙ୍ଗ ଆକ୍ରମଣ (ଖ୍ରୀ:ପୂ: ୨୬୧) ହେଉଛି ତାର ଐତିହାସିକ ପ୍ରମାଣ । କଳିଙ୍ଗ ପରେ କଙ୍ଗୋଦ, ଉଡ୍ର, ଓଡ଼ିଶା ଓ ଉତ୍କଳ ହୋଇଅଛି । ଏହାର ଭାଷା ଓଡ଼ିଆ । ଉତ୍ତର ଭାରତୀୟ ସଂସ୍କୃତିମୂଳକ ଭାଷାରୁ ଏହା ସୃଷ୍ଟ । ଦ୍ରାବିଡ଼ୀୟ ଆନ୍ଧ୍ରର ତେଲଗୁ ଭାଷା, ଏହାର ପଡ଼ୋଶୀ ଭାଷା । କଳିଙ୍ଗର ବୀରମାନେ ଅତି ସାହସୀ । ତେଣୁ ପୁରାଣ ସାହିତ୍ୟରେ 'କଳିଙ୍ଗାଃ ସାହସିକାଃ' ବୋଲି ଉଲ୍ଲେଖ ଅଛି ।

ମଧ୍ୟଯୁଗର କଙ୍ଗୋଦ ସାମ୍ରାଜ୍ୟରେ ପାରଳା ଥିଲା କେନ୍ଦ୍ରସ୍ଥଳ । ଗଙ୍ଗବଂଶର ପ୍ରତିଷ୍ଠାତା ଚୋଳଗଙ୍ଗ ଦେବଙ୍କର ଏହି ପାରଳା ନିକଟସ୍ଥ 'ମୁଖଲିଙ୍ଗ' ଥିଲା ଗଙ୍ଗବଂଶର

Digitized by srujanika@gmail.com

ରାଜଧାନୀ । ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ପାଣ୍ଡବମାନେ ବନବାସ ସମୟରେ ରହିଥିଲେ । ପାରଳାର ନୈସର୍ଗିକ ସୌନ୍ଦର୍ଯ୍ୟକୁ ମହେନ୍ଦ୍ରତନୟା ନଦୀ ଅଧିକ ଭାବରେ ଦ୍ୱିଗୁଣିତ କରୁଅଛି । ଏହାର ମନଲୋଭା ପ୍ରକୃତିରାଣୀ ଅତୀବ ଶୋଭନୀୟା । ପାରଳାର ଚିରନ୍ତନ ପ୍ରାକୃତିକ ଶୋଭାସମ୍ପଦ ବହୁ କବି, ଲେଖକଙ୍କର କଳ୍ପନା-ବିଳାସ ପାଇଁ ଲୀଳାକ୍ଷେତ୍ର ହୋଇ ଆସିଅଛି । ମହେନ୍ଦ୍ରତନୟା ତଟ ପାରଳାସ୍ଥ ମୁଖଲିଙ୍ଗ, ଉତ୍କଳର ସର୍ବ ପ୍ରଥମ ଜନବସତି ହୋଇଥିଲା ବୋଲି ପ୍ରତ୍ନତାତ୍ତ୍ୱିକମାନେ ମତବ୍ୟକ୍ତ କରିଥାନ୍ତି । ଗଙ୍ଗବଂଶୀୟ ରାଜାମାନଙ୍କ ସମୟରେ ଦାକ୍ଷିଣାତ୍ୟର ଶାସନ କାର୍ଯ୍ୟରେ ଶାସକଗଣ ଏହି ପାରଳାରେ ଅବସ୍ଥାପିତ ହୋଇ ରହୁଥିଲେ । ସେମାନେ ବୈଷ୍ଣବଧର୍ମାବଲମ୍ବୀ ଥିଲେ । ତେଣୁ ଅତୀତ ଯୁଗର ପାରଳାଖେମୁଣ୍ଡି ବୈଷ୍ଣବ ଧର୍ମର ସନାତନତ୍ୱ ରଖି ଆସିଅଛି । ବୈଷ୍ଣବୀୟ ଚିନ୍ତାଧାରାକୁ ଚିରଦିନ ପାଇଁ ସଞ୍ଜୀବିତ କରିବା କ୍ଷେତ୍ରରେ ପାରଳାର ଅବଦାନ ବହୁକାଳରୁ ଚିର ପ୍ରସିଦ୍ଧ ।

ଗଜପତି ମହାରାଜା ପ୍ରତାପରୁଦ୍ର ହେଉଛନ୍ତି ପୁରୁଷୋତ୍ତମ ଦେବଙ୍କର ଔରସରେ ମହାରାଣୀ ପଦ୍ମାବତୀଙ୍କ ଗର୍ଭରୁ ସମ୍ଭୂତ । ପ୍ରତାପରୁଦ୍ରଙ୍କ ସମୟରେ ଶ୍ରୀଚୈତନ୍ୟ ଠାକୁର ନବଦ୍ୱୀପରୁ ଆସି ଓଡ଼ିଶାରେ ବୈଷ୍ଣବଧର୍ମ ପ୍ରଚାର କରିଥିଲେ । ଏହି ପ୍ରତାପରୁଦ୍ରଙ୍କର ଦାକ୍ଷିଣାତ୍ୟର ଅନ୍ୟତମ ଗଭର୍ଣ୍ଣର ରାୟ ରାମାନନ୍ଦ ପଟ୍ଟନାୟକ ବୈଷ୍ଣବ ଧର୍ମର ଗୂଢ଼ତତ୍ତ୍ୱ ପ୍ରଚାର କରିଥିଲେ । ରାଧାକୃଷ୍ଣଙ୍କ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ସେ 'ଜଗନ୍ନାଥବଲ୍ଲଭ' ନାଟକ ରଚନା କରିଥିଲେ । ସେତେବେଳେ ରାଜମହେନ୍ଦ୍ରୀ ତାଙ୍କର ରାଜଧାନୀ ଥିଲା । ଜଳନ୍ତର, ଚିକିଟି, ଇଛାପୁର, ସୋମପେଣ୍ଟ, ବିଶାଖାପାଟଣା ପ୍ରଭୃତି ଓଡ଼ିଆଭାଷୀ ଅଞ୍ଚଳରେ ସେତେବେଳେ ବୈଷ୍ଣବ ଧର୍ମର ସ୍ୱତଃ ମନ୍ଦାକିନୀ ଧାରାରେ ସୁଅ ଛୁଟିଥିଲା । ପାରଳାରେ ଅଧିକାଂଶ ବିଷ୍ଣୁ ମନ୍ଦିର । ଏଗୁଡ଼ିକ ବୈଷ୍ଣବ ଧର୍ମ ପ୍ରଭାବରେ ଅନୁଷ୍ଠିତ ହୋଇଥିଲା । ସେଥିପାଇଁ ରାଧାକାନ୍ତ ରାୟମୋହନ ମଠ, ଚୈତନ୍ୟ ମଠ ଏହାର ଶ୍ରେଷ୍ଠ ନିଦର୍ଶନ । ପାରଳା ଓ ଗଞ୍ଜାମ ରାୟ ରାମାନନ୍ଦଙ୍କ ପ୍ରଚାରିତ ବୈଷ୍ଣବ ଧର୍ମର ଅନ୍ତର୍ଭୁକ୍ତ ଥିଲା । ମୁଖଲିଙ୍ଗର ବହୁ ଧର୍ମପୀଠ—ବିଖ୍ୟାତ କୂର୍ମ ମନ୍ଦିର, ସୀମାଚଳସ୍ଥ ବରାହ, ନୃସିଂହ ମନ୍ଦିର, ଭଦ୍ରାଚଳର ରାମ ମନ୍ଦିର ପ୍ରଭୃତି ତାଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ରାୟ ରାମାନନ୍ଦ ଦାକ୍ଷିଣାତ୍ୟର ସାମାଜିକ ପରିବେଶ ତଥା ଜନଜୀବନର ନୈତିକ ଜୀବନ ଧାରାରେ ବୈଷ୍ଣବୀୟ ଚିନ୍ତାଧାରା ଉଦ୍ରେକ କରାଇଥିଲେ ।

ଏହି କାରଣରୁ କୋଟାମ୍ବଲିରେ ବହୁ କବି ସୃଷ୍ଟି ହୋଇଥିଲେ, ସେଥିଯୋଗୁଁ ଶ୍ରୀରାଧାକୃଷ୍ଣଙ୍କୁ ଅବଲମ୍ବନ କରି ପରବର୍ତ୍ତୀ ଯୁଗମାନଙ୍କରେ ବହୁ ଚୌପଦୀ, କବିତାମାନ ରଚିତ ହୋଇଥିଲା । ସ୍ୱନାମଧନ୍ୟ ଲେଖକମାନଙ୍କ ମଧ୍ୟରେ ଅପର୍ଣ୍ଣା ପରିଚ୍ଛା, ରଘୁନାଥ ପରିଚ୍ଛା, ସିଂହାଦ୍ରି ପଟ୍ଟନାୟକ ଓ ଶ୍ୟାମସୁନ୍ଦର ରାଜଗୁରୁଙ୍କ ନାମ ଉଲ୍ଲେଖଯୋଗ୍ୟ ।

Digitized by srujanika@gmail.com

ଗୋପାଳକୃଷ୍ଣଙ୍କର ଲୋକପ୍ରିୟ ରାଧାକୃଷ୍ଣ ସମ୍ବଳିତ ସଙ୍ଗୀତାବଳୀ ଏବେବି ଲୋକ ମୁଖରେ ମୁଖରିତ ହେଉଅଛି । ପାରଳାଖେମୁଣ୍ଡି ଗୋଟିପିଲା ନାଚ ଓ ସଙ୍ଗୀତ ସାହିତ୍ୟରେ ଗୋପାଳକୃଷ୍ଣଙ୍କ ସଙ୍ଗୀତ ଅତି ସୁନ୍ଦର ଓ ମନୋମୁଗ୍ଧକର । ପ୍ରସିଦ୍ଧ ଭାଷାକୋଷବିତ୍ ଗୋପୀନାଥ ନନ୍ଦଙ୍କ 'ଉତ୍କଳ ଭାଷାତତ୍ତ୍ୱ ଗ୍ରନ୍ଥ' ବିଖ୍ୟାତ ପାରଳା ମହାରାଜାଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ ହୋଇଅଛି । ସେପରି ତାତ୍ତ୍ୱିକ ଭାଷାକୋଷ ଓଡ଼ିଆ ଭାଷାରେ ପ୍ରଥମ ଶ୍ରେଣୀୟ । ଆଜି ମଧ୍ୟ ବହୁ ପଣ୍ଡିତ ଜ୍ଞାନୀ ଲୋକମାନେ ସେହି ଅମୂଲ୍ୟ ଅଭିଧାନର ଗ୍ରନ୍ଥ ପ୍ରଣେତାଙ୍କ ବିଦ୍ୱତ୍ତା, ପରିଶ୍ରମ ଓ ପାଣ୍ଡିତ୍ୟକୁ ସମ୍ମାନ ଜଣାନ୍ତି ।

ଓଡ଼ିଆ ସାହିତ୍ୟର ଉନ୍ନତି ନିମନ୍ତେ ପାରଳାଖେମୁଣ୍ଡିର ବହୁ ଲେଖକ ବହୁ ପରିଶ୍ରମ କରି ମାତୃଭାଷାର ଖ୍ୟାତି ବଜାୟ ରଖିଛନ୍ତି । ଏଥିରେ ପାରଳା ମହାରାଜାଙ୍କ ପୃଷ୍ଠପୋଷକତା ଅନସ୍ୱୀକାର୍ଯ୍ୟ । ଲେଖକ, କବି, ପଣ୍ଡିତ, ନାଟ୍ୟକାର ଓ ସଙ୍ଗୀତ ସାହିତ୍ୟକୁ ପାରଳା ରାଜବଂଶର ଅନୁପ୍ରେରଣା ସହିତ ଅନୁଦାନ ନିଶ୍ଚିତ ଭାବେ ସ୍ମରଣୀୟ । ଏଥିରେ ରାଜବଂଶର ମୁଖ୍ୟ ଭୂମିକା ଅନ୍ତର୍ନିହିତ । ସ୍ୱର୍ଗୀୟ ରାଜା ପଦ୍ମନାଭ ଗଜପତିଙ୍କ ପୃଷ୍ଠପୋଷକତାରେ 'ଧ୍ରୁବ ନାଟକ' ରଚନା କରିଥିଲେ । ତାଙ୍କ ଆନ୍ତରିକ ଉଦ୍ୟମ ହେଉଛି—ଓଡ଼ିଶାର ସର୍ବପ୍ରଥମ ରଙ୍ଗମଞ୍ଚ । ଆଧୁନିକ ଥିଏଟର ଦଳ ପ୍ରଥମେ ପାରଳାରେ ସ୍ଥାପିତ ହୋଇଥିଲା । କାବ୍ୟ, ନାଟକ, ସଙ୍ଗୀତ ପ୍ରଭୃତି ସାରସ୍ୱତ ସାଧନାରେ ପାରଳା ରାଜାମାନଙ୍କର ପାରମ୍ପରିକ ଅବଦାନ ଓ ଉତ୍ସାହ ଆଜି ସୁଦ୍ଧା ବଜାୟ ରହିଅଛି ।

ପାରଳାଧୀଶ୍ୱର ସ୍ୱର୍ଗୀୟ ଶ୍ରୀଜଗନ୍ନାଥ ଦେବଙ୍କ ଦ୍ୱାରା ବିରଚିତ 'ଶ୍ରୀ ବୃନ୍ଦାବନ ବିହାର' କାବ୍ୟଟି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଦ୍ୱାରା ୧୯୧୭ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା । ପ୍ରକାଶକ ଭାବେ ମହାରାଜା ଏକ ଉପାଦେୟ ଅବତରଣିକା ଗ୍ରନ୍ଥାରମ୍ଭରେ ଲେଖିଛନ୍ତି । ସେହି ଅବତରଣିକାର କେତେକ ପଂକ୍ତି ଏଠାରେ ଉଲ୍ଲେଖ କରୁଛି । ଦେଶପ୍ରାଣ ମହାରାଜାଙ୍କ ସାହିତ୍ୟ ଜ୍ଞାନ ଓ ଜ୍ଞାନପିପାସା କେତେ ସୁନ୍ଦର ଏହି ଅବତରଣିକାରୁ ସହଜେ ଅନୁମେୟ ।

ଶ୍ରୀ ବୃନ୍ଦାବନଚନ୍ଦ୍ର ବିହାର' ରଚୟିତା ଶ୍ରୀ ଜଗନ୍ନାଥ ଗଜପତି ନାରାୟଣ ମହାରାଜା ପାରଳାଖେମୁଣ୍ଡିର ଜଣେ ଲବ୍ଧପ୍ରତିଷ୍ଠ କବି ଥିଲେ । ରଣନୈପୁଣ୍ୟ ସଙ୍ଗେ ସଙ୍ଗେ ସାହିତ୍ୟ ଚର୍ଚ୍ଚା ଓ ପ୍ରଗାଢ଼ ଈଶ୍ୱର ଭକ୍ତି ତାହାଙ୍କର ଅବଲମ୍ବନ ଥିଲା । ସେ ବୋଧହୁଏ ୧୭୬୦ରୁ ୧୮୦୦ ପର୍ଯ୍ୟନ୍ତ ପାରଳାର ଗଜପତି ଆସନ ଅଳଙ୍କୃତ କରିଥିଲେ ।

ତାହାଙ୍କ ସମୟରେ ମୁସଲମାନମାନେ ଗଞ୍ଜାମର ରାଜଧାନୀ ଆକ୍ରମଣ କରିବା ପରେ ପାରଳାଖେମୁଣ୍ଡି ମଧ୍ୟ ଆକ୍ରମଣ କରିଥିଲେ । କିନ୍ତୁ ପ୍ରବଳ ପରାକ୍ରମୀ ଜଗନ୍ନାଥ

Digitized by srujanika@gmail.com

ଦେବଙ୍କ ଦ୍ୱାରା ସେମାନେ ବାରମ୍ବାର ପରାସ୍ତ ଓ ବିତାଡ଼ିତ ହୋଇଥିଲେ । ସେ ବିଜୟନଗରର କିୟଦଂଶ ନିଜ ରାଜ୍ୟରେ ମିଶାଇ ସମଗ୍ର ଓଡ଼ିଶାରେ ନିଜର ଆଧିପତ୍ୟ ସ୍ଥାପନ କରିବା ଲାଳସାରେ ସସୈନ୍ୟ ଓଡ଼ିଶା ଆକ୍ରମଣ କରି ପୁରୀ ମହାରାଜା ଶ୍ରୀ ବୀରକେଶରୀ ଦେବଙ୍କୁ ପରାସ୍ତ କରି ପୁରୀ ସିଂହାସନ ଆରୋହଣ କରିଥିଲେ । ମାତ୍ର ପୁରୀ ଗଜପତି ମରହଟ୍ଟା ସୁବେଦାର ଶିବଭଟ୍ଟ ସାମନ୍ତରାଙ୍କ ସାହାଯ୍ୟପ୍ରାର୍ଥୀ ହୋଇଥିବାରୁ ସ୍ୱୀୟ ରାଜ୍ୟରୁ ସୁଦୂର ଅବସ୍ଥାନବଶତଃ ଶତ୍ରୁପକ୍ଷୀୟ ବହୁସଂଖ୍ୟକ ସୈନ୍ୟ ଦ୍ୱାରା ପରାସ୍ତ ଓ ଧୃତ ହେବା ଆଶାରେ ସେ ପାରଳାଖେମୁଣ୍ଡି ଗଡ଼ଜାତ ପ୍ରଦେଶରେ ବାସ କରୁଥିଲେ ।

ଶ୍ରୀକ୍ଷେତ୍ର ବିଜୟର ପ୍ରତ୍ୟାବର୍ତ୍ତନ ପରେ ସେ ଭାରତର ସୁବିଖ୍ୟାତ ତୀର୍ଥସ୍ଥାନମାନ ପର୍ଯ୍ୟଟନ କରିଥିଲେ । କାଶୀ, ବୃନ୍ଦାବନ ତାଙ୍କ ତୀର୍ଥଯାତ୍ରାର ପ୍ରଧାନ ସ୍ଥଳ ଥିଲା । ସେ ବୃନ୍ଦାବନରୁ ଫେରିଲା ପରେ ଆପଣାର ଇଷ୍ଟଦେବତାଙ୍କ ଶ୍ରୀ ଛାମୁରେ ଅବସ୍ଥାନ କରି ଦେଶ ସେବାରେ ମନୋନିବେଶପୂର୍ବକ ୧୬୮୫ ଶକାବ୍ଦ କାର୍ତ୍ତିକ ଶୁକ୍ଳ ପଞ୍ଚମୀରେ 'ଶ୍ରୀ ବୃନ୍ଦାବନଚନ୍ଦ୍ର ବିହାର ନାମକ ଏକ ଗ୍ରନ୍ଥ ପ୍ରାରମ୍ଭ କରି ମାଘ ବସନ୍ତ ପଞ୍ଚମୀ ଦିବସରେ ପୂର୍ଣ୍ଣ କରିଥିଲେ ।

'ଶ୍ରୀ ବୃନ୍ଦାବନଚନ୍ଦ୍ର ବିହାର' ପ୍ରାଚୀନ ଛନ୍ଦୋବଦ୍ଧରେ ବିରଚିତ ଭକ୍ତି ରସାତ୍ମକ ଚତୁର୍ଦ୍ଦଶ 'ପ୍ରକାଶ' ବିଶିଷ୍ଟ ଏକ କାବ୍ୟ । କାବ୍ୟକବିତାର ଭାଷା ଯେପରି ସରଳ ପ୍ରତ୍ୟେକ ପ୍ରକାଶ ସେହିପରି ଭାବପୂର୍ଣ୍ଣ । ମହାରାଜା ଜଗନ୍ନାଥ ନାରାୟଣ ଦେବଙ୍କ ବହୁବର୍ଷ ପରେ ପାରଳାର ସ୍ୱର୍ଗୀୟ ମହାରାଜା ଶ୍ରୀ ପଦ୍ମନାଭ ନାରାୟଣ ଦେବ ଏହି ଗ୍ରନ୍ଥର ପାଣ୍ଡୁଲିପି ସଞ୍ଚୟ କରିଥିଲେ । ଏହା ବହୁବର୍ଷ ଲାଗି ଅପ୍ରକାଶିତ ରହିଥିଲା । ବର୍ତ୍ତମାନ ତାଳପତ୍ର ବହିରୁ ଏହା ମୁଦ୍ରିତ ହୋଇଅଛି । ଏହା ସାଧାରଣତଃ ହେଉଛି ୩।୧।୫।୧୭ ମସିହାର କଥା । ଏହା ମହାରାଜାଙ୍କ ଅନନ୍ୟ କୀର୍ତ୍ତି ଯୁଗେ ଯୁଗେ ପାରଳାଖେମୁଣ୍ଡି ପାଣ୍ଡିତ୍ୟର ପରମ ଆଧାର ସ୍ଥଳୀ । ଏହାର ପ୍ରାକୃତିକ ସମୃଦ୍ଧି ଲକ୍ଷ୍ମୀ-ବିଳାସ-ପୀଠ ରୂପେ ଅନୁକୀର୍ତ୍ତିତ ହୋଇଅଛି ଓ ହୋଇଆସିଛି । ଏହା ସହିତ ସାରସ୍ୱତ ଶାଶ୍ୱତ ନିକେତନ ରୂପେ ପ୍ରଖ୍ୟାତି ମଧ ରହିଛି । ଯଥାର୍ଥରେ କବିବର ରାଧାନାଥ ଉଦ୍‌ବେଳିତ କଣ୍ଠରେ ଗାଇଥିଲେ:—

"ପୁଷ୍ପଫଳ ଶସ୍ୟ-ଶାଳିନୀ-ଚପଳା
ଅଚପଳା ଯହିଁ ଚପଳା ଚପଳା ।"

Digitized by srujanika@gmail.com

ଜନ୍ମୋତ୍ସବ

ମହାମତି ଉଇଲିୟମ୍ ଜୋନ୍‌ସ କହିଛନ୍ତି - "ଆମେ ଯେତେବେଳେ ଜନନୀ ଜଠରୁ ଜନ୍ମ ହୋଇ ଭୂମିଷ୍ଠ ହେଉଁ, ସେତେବେଳେ କୁଆଁ କୁଆଁ ରାବ କରି କାନ୍ଦିଉଠୁଁ। ସାଇପଡ଼ିଶା ଦେଖଣାହାରି ଆନନ୍ଦିତ ହୁଅନ୍ତି । ଜୀବଦଶା ମଧ୍ୟରେ ଆମେ ଏପରି ଭଲ କାମ କରିବା ଯେପରିକି ଆମେ ଯେତେବେଳେ ମରିଯିବା ହସି ହସି ମରିବା—ଆଉ ଦେଖଣାହାରି, ଜ୍ଞାତି ପରିଜନ ସମସ୍ତେ କାନ୍ଦି ଉଠିବେ । 'ଆହା, ଆହା' ବୋଲି କହିବେ, ଏ ହେଉଛି ପରୋପକାରୀ 'ଦେଶସେବୀ, ସଜ୍ଜନ, ଗୁଣବାନ୍ ଲୋକଙ୍କର କାର୍ଯ୍ୟ । ଆମ ପ୍ରବଚନରେ ଅଛି —

"ଜନ୍ମ ହୋଇବ ଯଥା କଥା କର୍ମ ହୋଇଲେ ଭଲ ।
କର୍ମ ଯଦି ଭଲ ନୁହଇ ଜୀଇଁ ଥାଉଁ ଥାଉଁ ମଲ ।"

ମହାପୁରୁଷ ଶ୍ରୀକୃଷ୍ଣ, ବୁଦ୍ଧ ଓ ଯିଶୁଖ୍ରୀଷ୍ଟ ଯେଉଁ ସ୍ଥାନରେ ଯେଉଁ ପରିବେଶରେ ଜନ୍ମଗ୍ରହଣ କରିଥିଲେ, ତାଙ୍କୁ ନେଇ ସେମାନେ ଭବିଷ୍ୟତ୍ ଜୀବନରେ କେଡ଼େ ଉଚ୍ଚକୋଟୀର ଯୋଗଜନ୍ମା ମହାନ୍ ବ୍ୟକ୍ତି ହୋଇପାରିଲେ, ତାହା କଳ୍ପନାତୀତ । ଶ୍ରୀକୃଷ୍ଣ କଂସର ବନ୍ଦିଶାଳା, ବୁଦ୍ଧ ଲୁମ୍ବିନୀ ଉପବନରେ ଏବଂ ଯିଶୁଖ୍ରୀଷ୍ଟ ମେଣ୍ଢାଶାଳରେ ଜନ୍ମଗ୍ରହଣ କରିଥିଲେ । କିନ୍ତୁ ଏମାନେ ଜଗତର ଯୁଗପୁରୁଷ ରୂପେ ପ୍ରତିପାଦିତ ହେଲେ । ରାଜକୁଳରେ ବହୁ ମହାପୁରୁଷ ଜନ୍ମଗ୍ରହଣ କରି ସ୍ୱକୀୟ କାର୍ଯ୍ୟ ବଳରେ ଅତି ଉପରକୁ ଉଠି ଶ୍ରେଷ୍ଠ ମାନବରୂପେ ପରିଗଣିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର, ଶ୍ରୀରାମଚନ୍ଦ୍ର, ମହାଦାନୀ କର୍ଣ୍ଣ, ଶ୍ରୀକୃଷ୍ଣ ଓ ବୁଦ୍ଧ ପ୍ରଭୃତି ମହାପୁରୁଷମାନଙ୍କ ନାମ ଉଲ୍ଲେଖଯୋଗ୍ୟ । ଦେଶସେବକ ଉତ୍କଳ ମାତାର ବରେଣ୍ୟ ସନ୍ତାନ ରୂପେ ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବଙ୍କ ନାମ ଜଣାଶୁଣା । ଏହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଅଛି । ଉତ୍କଳ ପ୍ରଦେଶର ଏକଦା ପ୍ରଧାନମନ୍ତ୍ରୀ, ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ ଓ ପ୍ରଜାବତ୍ସଳ ଦାନବୀର ରୂପେ ସର୍ବଜନବିଦିତ । ନିଜ ଜୀବନର କାର୍ଯ୍ୟକଳାପ ଦ୍ୱାରା ସେ ଜାତି, ଦେଶର ସମୁନ୍ନତି ସାଧନ କରିଯାଇଛନ୍ତି । ପାରଳା-ଗଜପତି ମହାରାଜାଙ୍କର ଜନ୍ମ ହିଁ ଯଥାର୍ଥରେ ସାର୍ଥକ ହୋଇଅଛି ।

Digitized by srujanika@gmail.com

ସେ ୧୮୯୨ ମସିହାରେ ବୈଶାଖ କୃଷ୍ଣ ଅମାବାସ୍ୟା ତିଥି ଅପ୍ରେଲ୍ ତା ୨୬ ରିଖରେ ଜନ୍ମଗ୍ରହଣ କରିଥିଲେ । ପାରଳାର ଗଜପତି ରାଜବଂଶରେ ଜନ୍ମଗ୍ରହଣ କରିଥିବାରୁ ସେଦିନ ରାଜଉଆସ, ପରିବାର ଓ ସାରା ରାଜ୍ୟରେ ଆନନ୍ଦର କଳକୋଳାହଳ ଲାଗି ରହିଥିଲା । କିନ୍ତୁ ତାଙ୍କ ଉତ୍ତର ଜୀବନରେ ସେହି ଆନନ୍ଦ ଉଲ୍ଲାସ ସାରା ଦେଶରେ ପ୍ରଚାରିତ ହୋଇଥିଲା । ତାଙ୍କ ଗୁଣ ଓ କାର୍ଯ୍ୟାବଳୀ ଗଗନ ପବନ ମୁଖରିତ ହୋଇ ପଡ଼ିଥିଲା । ମହାରାଜା କୃଷ୍ଣଚନ୍ଦ୍ରଙ୍କୁ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟର ଅନ୍ୟତମ ନିର୍ମାତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଦେଶ ଓ ଜାତିର ସର୍ବାଙ୍ଗୀଣ ଉନ୍ନତି କଳ୍ପେ ସେ ଯାହା କରି ଯାଇଅଛନ୍ତି ଏବେ ମଧ୍ୟ ତାହା ଅପୂର୍ଣ୍ଣ ହୋଇ ରହିଯାଇଅଛି । ବର୍ତ୍ତମାନ ସୁଦ୍ଧା ଉପାନ୍ତ ଅଞ୍ଚଳର ଓଡ଼ିଆ ଭାଇମାନେ ନିଜ ମାତୃଭାଷାରେ କଥା ନ କହି ବାଧ୍ୟ ହୋଇ ବଙ୍ଗଳା, ହିନ୍ଦୀ ଓ ତେଲୁଗୁ ଭାଷାରେ କଥା କହିବା ଓ ଉପାନ୍ତ ଅଞ୍ଚଳର ଭାଷା ପଢ଼ିବାକୁ ବାଧ୍ୟ ହେଉଛନ୍ତି । ଦେଶାତ୍ମବୋଧକ ଜ୍ଞାନ ଯାହାର ଅଛି, ମାତୃଭାଷା, ମାତୃଭୂମି ବିଷୟରେ ଯେଉଁମାନେ ଚିନ୍ତା କରୁଛନ୍ତି, ସେମାନଙ୍କ ପକ୍ଷରେ ଏହା କେତେ କ୍ଷୋଭର ବିଷୟ ସେହିମାନେ କେବଳ ଏହା ଉପଲବ୍ଧି କରିପାରୁଥିବେ । କବିଙ୍କ ଭାଷାରେ —

ମାତୃଭୂମି, ମାତୃଭାଷାରେ ମମତା
ଯା ହୃଦୟେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗୁଣରେ ଗଣିବା
ଅଜ୍ଞାନୀ ରହିବେ କାହିଁ ?

ଗଜପତି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ନାରାୟଣ ଦେବଙ୍କ ପିତାଙ୍କ ନାମ ଶ୍ରୀ ଗୌରଚନ୍ଦ୍ର ଗଜପତି ଓ ତାଙ୍କ ପିତୃବ୍ୟ ହେଉଛନ୍ତି ପଦ୍ମନାଭ ଗଜପତି ନାରାୟଣ ଦେବ ।

ଏକାକୀ ମହାରାଜା କୃଷ୍ଣଚନ୍ଦ୍ର ହିଁ ତାଙ୍କ ଏକକ ଉଦ୍ୟମ ଫଳରେ ଯେଉଁ ଅସାଧ୍ୟ ସାଧନ କଲେ ଆଂଶିକ ଭାବରେ ହେଉ ପଛକେ, ଓଡ଼ିଆଭାଷୀ କେତେକ ଅଞ୍ଚଳକୁ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟଗଠନ କରିବାରେ ଯେଉଁ ସଫଳତା ଲାଭ କଲେ, ଓଡ଼ିଶା ଇତିହାସରେ ତାହାର ଭବିଷ୍ୟତ୍ ବଂଶଧରମାନଙ୍କ ପାଇଁ ନିଶ୍ଚିତ ଭାବେ ଲିପିବଦ୍ଧ ହୋଇ ରହିବ । ସ୍ୱାଧୀନତା ପରେ ଓଡ଼ିଆ ଭାଷା ଭିତ୍ତିରେ ରାଜ୍ୟ ପୁନର୍ଗଠନ ବେଳେ ଓଡ଼ିଶା ଯେଉଁଭଳି ନ୍ୟାୟ ପାଇଲା, ସେ ଦୃଷ୍ଟିରୁ ବିଚାର କଲେ ଭାରତୀୟ ଦରବାରରେ ଓଡ଼ିଶାର ଜାତୀୟ

Digitized by srujanika@gmail.com

ସଭାର ସ୍ୱାତନ୍ତ୍ର୍ୟ ପାଇଁ ଯେଉଁ ଗୌରବ ମିଳିଲା, ତାହା ମହାରାଜା କୃଷ୍ଣଚନ୍ଦ୍ରଙ୍କ ଏକ ମହାନ୍ ଓ ଶ୍ରେଷ୍ଠ ଅବଦାନ । ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ରାଜ୍ୟ ଦାବି କରି ଓ ତାକୁ ବାସ୍ତବ କ୍ଷେତ୍ରରେ ଚରିତାର୍ଥ କରିବାକୁ ସେ ପ୍ରାଣମୂର୍ଚ୍ଛା ପରିଶ୍ରମ ସହ ବିପୁଳ ଅର୍ଥ ବ୍ୟୟ କରିଥିଲେ । ସେ ନିଜେ ଯଦି ଲାଗି ପଡ଼ି ନ ଥାନ୍ତେ ତାହା ହେଲେ ସ୍ୱାଧୀନ ଭାରତରେ ଆଜି ଆମର ଅବସ୍ଥା କ'ଣ ହୋଇ ନ ଥାନ୍ତା... ? ତାହା ଚିନ୍ତା କରିବାର ବିଷୟ ।

ପାରଳା ରାଜବଂଶର ଅବଦାନ ଓଡ଼ିଆ ସାହିତ୍ୟ ଜାତୀୟତା, ସଭ୍ୟତା, ମାତୃଭାଷାର ମମତା, ଜାତିପ୍ରୀତି ଓ ଓଡ଼ିଶାର ଜାତୀୟତା ଦୃଷ୍ଟିରୁ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଏହା ଏକ ଐତିହାସିକ ସତ୍ୟ ବୋଲି ମାନିବାକୁ ହେବ । ଏହି ସତ୍ୟ ଓ ପରମ୍ପରାକୁ ମହାରାଜା କୃଷ୍ଣଚନ୍ଦ୍ର କେବଳ ବଜାୟ ରଖି ନାହାନ୍ତି, ତାକୁ ନିଜ ଜୀବନର ସାଧନାରତ ହୋଇ ସିଦ୍ଧିଲାଭ କରିପାରିଛନ୍ତି । ଓଡ଼ିଶା ଏକତ୍ରୀକରଣରେ ତାଙ୍କର ଦେଶସେବା ବ୍ରତ ଅଧିକ ମହତ୍ତର ଓ ଉଜ୍ଜ୍ୱଳତର ହୋଇ ରହିଅଛି ।

ଇଂରେଜମାନେ ନିଜାମଙ୍କ ସହିତ ଚୁକ୍ତି କରି ଖ୍ରୀ ୧୭୬୬ରେ ଓଡ଼ିଶାର ଦକ୍ଷିଣ ଭାଗକୁ ଗଙ୍ଗବଂଶର ରାଜତ୍ୱ ପରେ ହାଇଦ୍ରାବାଦର ନିଜାମଙ୍କ ଦ୍ୱାରା ଶାସିତ ଉତ୍ତର ସରକାର ଅଞ୍ଚଳକୁ ନିଜ ଅଧିକାରଭୁକ୍ତ କରିଥିଲେ । କିନ୍ତୁ ଗଙ୍ଗବଂଶୀୟ ରାଜାମାନେ ଏହାକୁ ବରଦାସ୍ତ କରି ନ ଥିଲେ । ଫଳରେ ଦକ୍ଷିଣ ଓଡ଼ିଶା ବିଶେଷତଃ ଗଞ୍ଜାମ ଓ ଜୟପୁରରେ ବିଦ୍ରୋହର ଅଗ୍ନି ଜଳିଉଠିଲା । ଏହା ସ୍ମରଣ କରିବାକୁ ହେବ ଯେ ଉତ୍ତର ଭାରତରେ ୧୮୫୭ରେ ଇଂରେଜ ଆଧିପତ୍ୟକୁ ମୂଳୋତ୍ପାଟନ କରିବାକୁ ଯେଉଁ ଜାତୀୟ ଗଣଆନ୍ଦୋଳନ ଘଟିଲା, ତାହାର ପ୍ରାୟ ୭୦/୮୦ ବର୍ଷ ପୂର୍ବରୁ ଓଡ଼ିଶା ଭୂଇଁରେ ଗୋଟିକ ପରେ ଗୋଟିଏ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ବିଶିଷ୍ଟ ଭାରତୀୟ ରାଜବଂଶ ସବୁ ସ୍ୱାଧୀନତାକୁ ଜଳାଞ୍ଜଳି ଦେଇ ଇଂରେଜ ଆଧିପତ୍ୟକୁ ମାନିନେଇ ଗୋଟିଏ ଗୋଟିଏ ବୃହତ୍ ରାଜ୍ୟର ଅଧିକାରୀ ହୋଇ ପଡ଼ିଥିଲେ । କାଶ୍ମୀରଠାରୁ କନ୍ୟାକୁମାରୀ, କାମରୂପଠାରୁ ଗୁଜୁରାଟ ପର୍ଯ୍ୟନ୍ତ ଯେତେ ଦେଶୀୟ ରାଜ୍ୟ ଥିଲା, ଊଣାଅଧିକରେ ସମସ୍ତ ରାଜା, ମହାରାଜା ଇଂରେଜଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନପୂର୍ବକ ନିଜ ନିଜର ସ୍ଥିତି ବଜାୟ ରଖିଥିଲେ ।

ଐତିହାସିକ ତଥ୍ୟ ସମ୍ବଳିତ ଜନଶ୍ରୁତିରୁ ଜଣାଯାଏ ଯେ ଓଡ଼ିଶା ନିଜର ସ୍ୱାଧୀନତା ରକ୍ଷାପାଇଁ ବରାବର ଇଂରେଜଙ୍କ ସଙ୍ଗେ ଖଣ୍ଡ ଯୁଦ୍ଧ ଚଳାଇ ଆସିଥିଲା । ପାରଳାଖେମୁଣ୍ଡି ଇତିହାସରୁ ଜଣାଯାଏ ଯେ ଇଂରେଜଙ୍କ ବିରୋଧରେ ବିଦ୍ରୋହ କରିବା

Digitized by srujanika@gmail.com

ଅଭିଯୋଗରେ ପାରଳାଖେମୁଣ୍ଡିରୁ ୧୫ ଜଣ ଫାଶୀ, ୨୮ ଜଣ ଦ୍ୱୀପାନ୍ତର ଦଣ୍ଡ ପାଇଥିଲେ । ସେତେବେଳେ ଆଣ୍ଡାମାନ ନିକୋବର ଦ୍ୱୀପକୁ କଳାପାଣି ବା ଦ୍ୱୀପାନ୍ତର ବୋଲି କୁହାଯାଉଥିଲା । ଗଞ୍ଜାମର ମହୁରୀ, ଘୁମୁସର ଆଦି ରାଜ୍ୟମାନେ ଇଂରେଜମାନଙ୍କ ସହିତ ସନ୍ଧିସୂତ୍ରରେ ସାଲିସ୍ ନ କରିବା ହେତୁ ସେମାନଙ୍କ ରାଜ୍ୟ ସବୁ ଖାସ୍ ହୋଇ ଯାଇଥିଲା । ଏହି ସମୟରେ ଖୋର୍ଦ୍ଧା, ଅନୁଗୁଳ, ସମ୍ବଲପୁର, କନିକା ପ୍ରଭୃତି ଉତ୍ତର ଓଡ଼ିଶାର ବହୁ ରାଜ୍ୟ ଏଭଳି ନିଜ ନିଜର ଶାସନ ଅଧିକାର ଚିରଦିନ ପାଇଁ ହରାଇ ବସିଲେ । ନୋହିଲେ ସେତେବେଳେ ଓଡ଼ିଶା ରାଜ୍ୟ ଦକ୍ଷିଣ ଓ ଉତ୍ତର ଓଡ଼ିଶା ନାମରେ ଦୁଇଟି ଦେଶୀୟ ରାଜ୍ୟରେ ପରିଣତ ହୋଇଯାଇଥାନ୍ତା ।

ଅଶିକ୍ଷାର ଅନ୍ଧକାରରେ ଦେଶ ଯେତେବେଳେ ସଢୁଥିଲା, ସେତେବେଳେ ମହାରାଜା କୃଷ୍ଣଚନ୍ଦ୍ର ନିଜ ଉଦ୍ୟମରେ ପାରଳାରେ କଲେଜଠାରୁ ଆରମ୍ଭ କରି ପ୍ରାଥମିକ ସ୍ତର ଯାଏ ବହୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ସଂସ୍କୃତ କଲେଜ ତଥା ବାଳିକା ବିଦ୍ୟାଳୟମାନ ବସାଇଥିଲେ । ତଦ୍ଦ୍ୱାରା ପାରଳା ଜ୍ଞାନାଲୋକର ଶିଖାରେ ଉଦ୍‌ଭାସିତ ହୋଇ ଉଠିଲା ।

ସ୍ଥୂଳରେ କହିବାକୁ ଗଲେ, ଓଡ଼ିଶାର ମୂଳଭିତ୍ତି ପକାଇ ତାକୁ ଆଧୁନିକତାର ରୂପ ଦେବାରେ ସେ ପ୍ରାଥମିକ ପ୍ରୟାସ କରିଥିଲେ । ତାଙ୍କ ବଦାନ୍ୟତାର ଅମୃତମୟ ସ୍ପର୍ଶରେ ଏ ଜାତି ଧନ୍ୟ ହୋଇଅଛି ।

Digitized by srujanika@gmail.com

ତୁଳସୀ ଦୁଇପତ୍ରରୁ ବାସେ

ସଂସ୍କୃତ ସାହିତ୍ୟ ଆମ ଭାଷା ସାହିତ୍ୟର ଗନ୍ତାଘର । ଆଜି ସଂସ୍କୃତ ଭାଷାର ଆଦର, ଆମ ଭାରତୀୟ ପ୍ରାନ୍ତୀୟ ତଥା ପ୍ରାଦେଶିକ ଭାଷା-ବିଜ୍ଞାନ ସ୍ତରରେ ବହୁତ କମିଯାଇଛି । ତା' ସ୍ଥାନରେ ଇଂରେଜୀ ତା'ପଛକୁ ହିନ୍ଦୀର ଆଦର ବଢ଼ିଯାଇଛି । ସେଦିନ ମୋର ପ୍ରିୟ ପଣ୍ଡିତ ମହାଶୟେ କହୁଥିଲେ 'ନରଃ' କହିଲେ ଟ୧୦/- ଓ 'man' କହିଲେ ଟ୧୦୦/- । ଏହା ତାଚ୍ଛଲ୍ୟ ବାକ୍ୟ ହେଲେହେଁ ଏଥିରେ ଯେ ନିରାଟ ସତ୍ୟ ଭରି ରହିଛି, ଏହା ଅଙ୍ଗଲିଭା କଥା । ଆଜି ସଂସ୍କୃତ ସାହିତ୍ୟ ଯାହାକି ଭାରତୀୟ ସାହିତ୍ୟର ମୂଳଭିତ୍ତି ଓ ବିଶ୍ୱଭାଷାର ଯେ ମାତୃସ୍ୱରୂପା, ଏକଥା ସମସ୍ତେ ଭୁଲି ଯାଇଛନ୍ତି । ତୁଳସୀ ଓ ବେଲଗଛ ସବୁଠାରୁ ଉପାଦେୟ ବୃକ୍ଷ । ଏହା ଦେହ ପକ୍ଷରେ ମୃତ ସଞ୍ଜୀବନୀ ସଦୃଶ । ସଂସ୍କୃତରେ ତୁଳସୀ ବୃକ୍ଷ ସମ୍ବନ୍ଧେ ଗୋଟିଏ ଶ୍ଳୋକ । ତାହା ହେଉଛି —

"ତୁଳସୀ ଗନ୍ଧ ମାଦାୟ ଯତ୍ର ବହତି ମାରୁତଃ
ଦଶୋଦିଶ ଭବେତ୍ ପୂତଃ ସର୍ବତ୍ର ବାୟୁମଣ୍ଡଳଂ ।"

ତୁଳସୀ ଗନ୍ଧ, ପବନ ସହିତ ଦଶଦିଗକୁ ପବିତ୍ର କରେ । ବାୟୁମଣ୍ଡଳ ଶୁଦ୍ଧ ପୂତ ହୋଇଥାଏ । ତୁଳସୀ ଗନ୍ଧରେ ସର୍ପ ଭଳି ବିଷାକ୍ତ ଜୀବ ଘରେ ପଶିପାରନ୍ତି ନାହିଁ । ଗୋବର ଓ ତୁଳସୀର ଉପାଦେୟତା ଆୟୁର୍ବେଦ ଶାସ୍ତ୍ରରେ ଦ୍ରଷ୍ଟବ୍ୟ । ତୁଳସୀ ଦୁଇପତ୍ରରୁ ବାସେ । ବିଛୁଆତି ଦୁଇପତ୍ରରୁ କୁଣ୍ଡାଇ ହୁଏ । ଉତ୍ତମ ଚରିତ୍ରବାନ୍ ଲୋକ ସହିତ ତୁଳସୀ, ଆଉ ଖଳ, ଅସାଧୁ ସହିତ ବିଛୁଆତିକୁ ତୁଳନା କରାଯାଏ । ଏବେ ବିଛୁଆତି ସଂଖ୍ୟା ଏତେ ବେଶୀ ହେଲାଣି ଯେ ସାମାଜିକ ଜୀବନରେ ତୁଳସୀ ସଂଖ୍ୟା ନଗଣ୍ୟ । ଭଲ ଲୋକଙ୍କ ସଂଖ୍ୟା ଶତକଡ଼ା ପାଞ୍ଚ କି ତହିଁରୁ କମ୍ ।

ତୁଳସୀ ଦୁଇପତ୍ରରୁ ବାସିଲା ଭଳି ଗଜପତି କୃଷ୍ଣଚନ୍ଦ୍ରଙ୍କ ଚରିତ୍ର ତାଙ୍କ ବାଲ୍ୟ ଜୀବନରୁ ଜଣା ପଡ଼ିଥିଲା । ତାଙ୍କୁ ଯେତେବେଳେ ୧୩ ବର୍ଷ ବୟସ, ସେତେବେଳେ ତାଙ୍କ ପିତା ଶ୍ରୀ ଗୌରଚନ୍ଦ୍ର ନାରାୟଣ ଦେବଙ୍କର ଦେହାନ୍ତ ହୋଇଥିଲା । ମହାରାଜ

Digitized by srujanika@gmail.com

ନାବାଳକ ଥିବାରୁ ରାଜ୍ୟ ତଦାନୀନ୍ତନ ନିୟମାନୁସାରେ କୋର୍ଟ ଅଫ୍ ଓଆର୍ଡ୍ସରେ ରହିଲା । ରାଜାଙ୍କ ତରଫରୁ ଜଣେ ସୁପରିନ୍‌ଟେଣ୍ଡେଣ୍ଟ ରାଜ୍ୟ ପରିଚାଳନା କଲେ । ମହାରାଜାଙ୍କର ବାଲ୍ୟାବସ୍ଥାରେ ସ୍ୱର୍ଗତ ଅପର୍ଣ୍ଣା ପଣ୍ଡା ବାଲ୍ୟ ଶିକ୍ଷକ ଭାବେ ରାଜଭବନରେ ରହି ପଢ଼ାଇଥିଲେ । ତାପରେ ସ୍ୱର୍ଗତ ଶ୍ୟାମସୁନ୍ଦର ରାଜଗୁରୁ ତାଙ୍କର ଶିକ୍ଷାଗୁରୁ ଭାବରେ ଶିକ୍ଷାଭାର ବହନ କଲେ । ଓଡ଼ିଶାରେ ଗଞ୍ଜାମ ଜିଲ୍ଲାର ସେ ସର୍ବପ୍ରଥମ ଗ୍ରାଜୁଏଟ୍ । ସେ ବି.ଏ. ପାସ୍ କରି ମହାରାଜାଙ୍କ ଗୃହଶିକ୍ଷକ ହୋଇ ରହିଲେ । ମହାରାଜା ବାଲ୍ୟକାଳରେ ତାଙ୍କର ବଜ୍ର ନିର୍ଘୋଷ ସ୍ୱର ସହିତ ଭୀମକାନ୍ତ ରୂପ ସଂଦର୍ଶନ କରି ଭୀତତ୍ରସ୍ତ ହେଉଥିଲେ । ଏହାହିଁ ବାଳକ କୃଷ୍ଣଚନ୍ଦ୍ରଙ୍କର ବାଲ୍ୟଶିକ୍ଷା ।'

ଦିନକର କଥା । ତାଙ୍କର ବାଲ୍ୟକାଳ ସମୟ । ମହାରାଜାଙ୍କ ଜାଗିରି ଜମି ଖାଇ ଛତିଶ ନିଯୋଗ ଚାକିରିଆ ଥା'ନ୍ତି । ଦିନେ ବାଳକ କୃଷ୍ଣଚନ୍ଦ୍ର ତାଙ୍କ ପିତା ଗୌରଚନ୍ଦ୍ର ଗଜପତିଙ୍କ ଦାନ୍ତକାଠି ସଫା କରି ପାଣି ଢାଳ ସହ ଦାନ୍ତ ଘଷିବା ପାଇଁ ଜଣେ ଛତିଶ ନିଯୋଗିଆ ଥୋଇଦେଇ ଚାଲିଗଲା ପରେ ସେ ଚୁପ୍ ଚୁପ୍ ଆସି ନିଜ କାନରେ ଝୁଲୁଥିବା ହୀରାବସା ସ୍ୱର୍ଣ୍ଣ କୁଣ୍ଡଳକୁ ବାହାର କରିଥିଲେ । ସେହି ଦାନ୍ତକାଠି ସଫା କରିବା ଛୁରୀରେ ଅତି ସନ୍ତର୍ପଣରେ ହୀରାକଣି ଖଣ୍ଡକ ବାହାର କରି ତା'ର ଜ୍ୟୋତିରେ ମୁଗ୍‌ଧ ହୋଇ ସେ ହୀରାଖଣ୍ଡିକୁ ଅଜ୍ଞାନତାବଶତଃ ଖାଇ ଦେଇଥିଲେ । ହୀରା ଚୁମ୍ବି ଦେଲେ ଚେତା ବୁଡ଼ିଯାଏ, ଅତ୍ୟଧିକ ପ୍ରୟୋଗରେ ମୃତ୍ୟୁ ଘଟେ । ମହାରାଜା କୃଷ୍ଣଚନ୍ଦ୍ରଙ୍କ ବାଳଲୀଳାର ଏ ଗୋଟିଏ ମର୍ମନ୍ତୁଦ ଘଟଣା ।

ସେ ଦିନ ରାଜଦରବାରରେ ଚହଳ ପଡ଼ିଗଲା । ସମଗ୍ର ପାରଳାରେ ଏହି ଘଟଣାରେ ହୁଲସ୍ଥୁଲ ପଡ଼ିଗଲା । ରାଜବାଟୀ ହାହାକାରରେ ପୂରିଉଠିଲା । କୃଷ୍ଣଚନ୍ଦ୍ରଙ୍କ ଅବସ୍ଥା ସାଙ୍ଘାତିକ ହୋଇପଡ଼ିଲା । ଇଷ୍ଟଦେବୀ ମାଣିକେଶ୍ୱରୀ ମାଜଣା ହେଲେ । ସମସ୍ତ ଦେବ ମନ୍ଦିରରେ ଭୋଗରାଗ ହେଲା । ରାମମନ୍ଦିର, ଜଗନ୍ନାଥ ମଠ, ରାଧାକାନ୍ତ ଓ ବଡ଼ ମଠରେ ସଂକୀର୍ତ୍ତନ ହେଲା । ଶିଶୁ ଯୁବରାଜାଙ୍କର ପୁନର୍ଜନ୍ମ ହେଲା । ମହାରାଜାଙ୍କ ଗୌରବୋଜ୍ଜ୍ୱଳ ଜୀବନ କାହାଣୀର ଏହା ଗୋଟିଏ ଛିନ୍ନ ପୃଷ୍ଠା ମାତ୍ର ।

ଉତ୍ତର ଓଡ଼ିଶାର ରାଜାମାନେ କୋର୍ଟ ଅଫ୍ ଓଆର୍ଡ୍ସ ସମୟରେ ଯେପରି ରାୟପୁର ରାଜକୁମାର କଲେଜକୁ ପଢ଼ିବାକୁ ଯା'ନ୍ତି ଏବଂ ସେଠାରେ କୃତବିଦ୍ୟ ହେବାପରେ ରାଜଗାଦି ପାଇବା ପାଇଁ ଉପଯୁକ୍ତ ବିବେଚିତ ହୁଅନ୍ତି, ସେହିପରି ମହାରାଜାଙ୍କୁ ମାନ୍ଦ୍ରାଜରେ ଥିବା ରାଜକୁମାର କଲେଜ 'ନିଉଇଙ୍ଗଟନ୍' କୁ ପଠାଇ ଦିଆ

Digitized by srujanika@gmail.com

ଯାଇଥିଲା । ତାହା ସୁଦୂର ମାନ୍ଦ୍ରାଜ ସହରରେ ଅବସ୍ଥିତ । ସେ ସେଠାରେ ଓଡ଼ିଆ ଛଡ଼ା ତେଲଗୁ ଭାଷାରେ ମଧ୍ୟ ଶିକ୍ଷା ପାଇଥିଲେ । ମାନ୍ଦ୍ରାଜରେ ଅଧ୍ୟୟନ ରତ ଥିବାବେଳେ ସେଠାରେ ଜଣେ ପ୍ରସିଦ୍ଧ ଇଂରେଜ ଶିକ୍ଷାବିତ୍ ଭୌଗୋଳିକ ମି: ମୋରିସିନ୍ ସାହେବ ମହାରାଜାଙ୍କ ଅଭିଭାବକ ରୂପେ ସ୍ୱୀକୃତ ହେଲେ । ଘରୋଇ ଶିକ୍ଷକ ଭାବେ ସେ ମହାରାଜାଙ୍କୁ ପଢ଼ାଉଥିଲେ । ୧୯୧୩ ମସିହାରେ ମହାରାଜା ତାଙ୍କର ଶିକ୍ଷା ସମାପ୍ତ କରି ନିଜ ରାଜ୍ୟକୁ ଫେରି ଆସିଲେ । ବହୁ ଦିନ ପରେ ମହାରାଜା ଫେରିବା ଦେଖି ରାଜଭକ୍ତ ପ୍ରଜା ଓ ପାରିଷଦବର୍ଗ ଆନନ୍ଦ ଉତ୍ସବରେ ନାଚି ଉଠିଲେ । ଏହି ଦିନଟି ଗୋଟିଏ ସ୍ମରଣୀୟ ଦିବସ । ସେ ଦିନ ଉତ୍ସବରେ ସାରା ପାରଳାରେ ଆନନ୍ଦର ବନ୍ୟା ଛୁଟିଗଲା ।

ଏହା ପରେ ମହାରାଜାଙ୍କର ଖରସୁଆଁ ରାଜଜେମାଙ୍କ ସହିତ ବିବାହ ହେଲା । ଏହା ୧୯୧୩ ମସିହା କଥା । ସେହି ବର୍ଷ ପୃଥିବୀର ପ୍ରଥମ ମହାସମର ହୋଇଥିଲା । ଏହି ମହାସମରର ଘନଘଟା ପୂର୍ବରୁ ସେ ନିଜ ରାଜ୍ୟର ଶାସନ ଭାର ଗ୍ରହଣପୂର୍ବକ ସିଂହାସନ ଆରୋହଣ କଲେ । ବିବାହ ପରେ ରାଜାଙ୍କର ଦୁଇ ପୁତ୍ର ଜନ୍ମ ଗ୍ରହଣ କଲେ । ମାତ୍ର ବୈବାହିକ ଜୀବନ ତାଙ୍କର ଦୀର୍ଘକାଳ ସ୍ଥାୟୀ ହୋଇ ନ ଥିଲା । ମହାରାଜାଙ୍କ ଏକମାତ୍ର ପାଟରାଣୀଙ୍କର ଅକାଳ ବିୟୋଗ ଘଟିଲା । ସେ ଏକପତ୍ନୀବ୍ରତ ଗ୍ରହଣ କରିଥିଲେ । ସାଂସାରିକ ଜୀବନକୁ ଜଳାଞ୍ଜଳି ଦେଇ ସେ ରାଜସିଂହାସନରେ 'ପ୍ରଜାପାଇଁ ରାଜାର ଜନ୍ମ' - ଏହି ଆପ୍ତବାକ୍ୟ ମାନି ନେଇ ପ୍ରଜାନୁରଞ୍ଜନ ସକାଶେ ଜୀବନ ଉତ୍ସର୍ଗ କରିଥିଲେ ।

ପ୍ରଥମ ମହାଯୁଦ୍ଧ ସମୟରେ ସେ ଯୁଦ୍ଧ ଋଣକୁ ୩ ଲକ୍ଷ ଦଶ ହଜାର ଟଙ୍କା ସାହାଯ୍ୟ କରିଥିଲେ । ଗୁଣଗ୍ରାହୀ ଇଂରେଜ ସରକାର ତାଙ୍କୁ ବହୁ ସମ୍ମାନ ଦେଇଥିଲେ । ନିଜେ ମହାସମରରେ ଅବୈତନିକ କମିସନର ପଦବୀ ଗ୍ରହଣ କରିଥିଲେ । ଯୁଦ୍ଧଜୟୀ ଗୁଣଗ୍ରାହୀ ଇଂରେଜ ସରକାର ତାଙ୍କୁ ଗୋଟିକ ପରେ ଗୋଟିଏ ତାଙ୍କର ଯୋଗ୍ୟ ପ୍ରାପ୍ୟ ପ୍ରଦାନ କରି କୃତଜ୍ଞତା ଜ୍ଞାପନ କରିଥିଲେ । ଜଣେ ସୁଯୋଗ୍ୟ ରାଜପୁରୁଷ ଭାବରେ ସେ ଯେଉଁ ପଦବୀମାନଙ୍କରେ ସମ୍ମାନିତ ହୋଇଥିଲେ, ତାହା ହେଉଛି ୧୯୧୮ରେ 'ରାଜାସାହେବ' ୧୯୨୨ ମସିହାରେ ଉକ୍ତ ପଦବୀ ବଂଶୀୟ ଭାବେ ସ୍ୱୀକୃତି, ୧୯୩୬ରେ ମହାରାଜା ଓ ୧୯୩୬ରେ K. C. I. E. (Knight of the Chamber of Indian Empire) ପଦବୀ ।

Digitized by srujanika@gmail.com

ରାଜ୍ୟାଭିଷେକ ପରେ ସେ ପାଞ୍ଚୋଟି ଶପଥ ଗ୍ରହଣ କରିଥିଲେ -

୧ । ପିତାଙ୍କ ସଂରକ୍ଷିତ ରାଜକୋଷରୁ (୨୫ ଲକ୍ଷ ଟଙ୍କା) ସେ ସ୍ପର୍ଶ କରିବେ ନାହିଁ । ସେ ସେହି ଗଚ୍ଛିତ ଧନ ଦେଶୋପକାରରେ ଲଗାଇବେ । ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ ଭୋଗ ବିଳାସରେ ତାହା ଖର୍ଚ୍ଚ କରିବେ ନାହିଁ ।

୨ । ପୂର୍ବପୁରୁଷଙ୍କର କୀର୍ତ୍ତିମାଳାକୁ ବଢ଼ାଇବାରେ ଯତ୍ନବାନ୍ ହେବେ ।

୩ । ପ୍ରଜା ମଙ୍ଗଳ ନିମନ୍ତେ ଲୋକହିତକର କାର୍ଯ୍ୟରେ ସତତ ନିଯୁକ୍ତ ହେବେ ।

୪ । ପଦବ୍ରଜରେ ଯାଇ ହିମାଳୟସ୍ଥ ବଦ୍ରିନାଥଙ୍କଠାରେ ବ୍ରହ୍ମକପାଳରେ ପିତୃପୁରୁଷଙ୍କର ପିଣ୍ଡଦାନ କରିବେ ।

୫ । ସ୍କଟଲାଣ୍ଡର ବନାନୀ ମଧ୍ୟରେ ପଶୁ ଶିକାର କରିବେ ।

ରାଜକୁମାର କଲେଜରେ ପଢ଼ିବା ସମୟରେ ତାଙ୍କର ଏହି ଅଭିଳାଷ ଥିଲା ।

ଏହାପରେ ମହାରାଜା ତାଙ୍କ ଯୁବକସୁଲଭ ସାହସ, ଉତ୍ସାହ ଓ ସ୍ୱାଭିମାନ ନେଇ ଏହି ସମସ୍ତ ଶପଥକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ନିଜର କେତେକ ବିଶ୍ୱାସୀ ପାରିଷଦବର୍ଗ ଓ ଭୃତ୍ୟଙ୍କ ସହିତ ସେ ବଦ୍ରିନାଥସ୍ଥ ବ୍ରହ୍ମକପାଳକୁ ପଦବ୍ରଜରେ ଯାଇ ପିତୃପିତାମହଙ୍କୁ ପିଣ୍ଡଦାନ କରିଥିଲେ । ଏହାହିଁ ପ୍ରକୃତ ରାଜୋଚିତ ଶ୍ରେଷ୍ଠ ପୁରୁଷାର୍ଥର

Digitized by srujanika@gmail.com

ମାତୃଭୂମି ଚିନ୍ତାରେ

ଏହାପରେ ସ୍ୱକୀୟ ଗୁଣ ବଳରେ ମହାରାଜା କୃଷ୍ଣଚନ୍ଦ୍ର ମେଡ଼ିକାଲ୍ ଗବେଷଣା ସମିତିର ଓ ତାପରେ ଭାରତୀୟ ରାଜକୀୟ କୃଷି କମିସନର ସଭ୍ୟ ହେଲେ । କୃଷି କାର୍ଯ୍ୟ ପାଇଁ ତାଙ୍କର ପ୍ରବଳ ଉତ୍ସାହ ଥିଲା । ୧୯୨୬ ରୁ ୧୯୨୮ ପର୍ଯ୍ୟନ୍ତ ସେ କୃଷି କମିସନର ଭାବେ ରହିଥିଲେ । ସେତେବେଳକୁ ଗଞ୍ଜାମ, କୋରାପୁଟ ଓ ପାରଳାଖେମୁଣ୍ଡି ମାନ୍ଦ୍ରାଜ ଅଧୀନରେ ଥିଲା । ତେଣୁ ସେ ପାରଳାଖେମୁଣ୍ଡିର ଭୋଟପାଇ ମାନ୍ଦ୍ରାଜ ବ୍ୟବସ୍ଥା ପରିଷଦର ସଭ୍ୟଭାବେ ରହିଥିଲେ । କୋଇମ୍ବାଟୁର୍ କୃଷି କଲେଜର ପରାମର୍ଶଦାତା ଓ ପରିଦର୍ଶକ ଭାବେ ସେ ମଧ୍ୟ ନିଯୁକ୍ତ ହୋଇଥିଲେ ।

ମହାରାଜା ୨୧ ବର୍ଷ ବୟସରେ ମାନ୍ଦ୍ରାଜରେ କଲେଜ ଶିକ୍ଷା ସମାପନ କରି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ଏହାପରେ ନିଜ ଜମିଦାରୀର ଶାସନ ଭାର ଗ୍ରହଣ କଲେ । ସେହି ବର୍ଷ ୧୯୧୪ ଡିସେମ୍ବର ୨୬ ତାରିଖରେ ପାରଳାଖେମୁଣ୍ଡିରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଜୟପୁରର ସ୍ୱନାମଧନ୍ୟ ସ୍ୱର୍ଗୀୟ ମହାରାଜା ବିକ୍ରମଦେବ ବର୍ମା ଏଥିରେ ସଭାପତି ହୋଇଥିଲେ । ଅତି ଅଳ୍ପ ବୟସରୁ ଗଜପତି କୃଷ୍ଣଚନ୍ଦ୍ର 'ଉତ୍କଳ ସମ୍ମିଳନୀ' ଦ୍ୱାରା ପ୍ରଭାବିତ ହୋଇଥିଲେ । ସେତେବେଳେ ରାଜା କୃଷ୍ଣଚନ୍ଦ୍ର ଯୁବକ । ସମ୍ମିଳନୀର ସମସ୍ତ ଆୟୋଜନ ପାରଳା ରାଜା କରିଥିଲେ । ଏଥିପାଇଁ ତାଙ୍କ ହୃଦୟରେ ପ୍ରଥମଥର ପାଇଁ ଜାତୀୟ ଆନ୍ଦୋଳନର ବୀଜବପନ ହୋଇଥିଲା । ତାଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ପାରଳା ଅଧିବେଶନ ସବୁଠାରୁ ଫଳପ୍ରଦ ହେଲା । ଏହି ଅଧିବେଶନ ଏପରି ଉତ୍କୃଷ୍ଟତମ, ସୁସଙ୍ଗଠିତ, ଆଡ଼ମ୍ବରପୂର୍ଣ୍ଣ ଥିଲା ଯେ ତାହା କଦାପି ଭୁଲି ହେବ ନାହିଁ । ମହାରାଜା ମାତୃଭୂମି ଓଡ଼ିଶାକୁ କିପରି ସ୍ୱତନ୍ତ୍ର ପ୍ରଦେଶ କରିବେ, ଏଥିପାଇଁ ସେ ସେହିଦିନୁ ମନପ୍ରାଣ ଦେଇ ଲାଗି ପଡ଼ିଲେ । କୌଣସି ଅଧାପନ୍ତରିଆ ଉଦ୍ୟମକୁ ସେ ପସନ୍ଦ କରୁ ନ ଥିଲେ । ଅଧା କାମ କରି କୌଣସି ଉଦ୍ୟମକୁ ଛାଡ଼ି ଚାଲିଯିବା ତାଙ୍କୁ କେହି ଦେଖି ନାହାନ୍ତି । ତାଙ୍କର ଏହି ମହତ୍ ଗୁଣ ଅନୁକରଣୀୟ ଓ ଅତି ଶିକ୍ଷଣୀୟ ।

Digitized by srujanika@gmail.com

ଏହି ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପରଠାରୁ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରାଇବା ଲାଗି ସେ ଜୀବନର ପ୍ରଧାନ ବ୍ରତରୂପେ ଗ୍ରହଣ କରିଥିଲେ । ପାରଳା ସମ୍ମିଳନୀହିଁ ତାଙ୍କୁ ପ୍ରଥମ ଜାତୀୟ ପ୍ରେମରେ ଉଦ୍‌ବୁଦ୍ଧ କରି ପବିତ୍ର ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଥିଲା । ସେଥିପାଇଁ ଦେଶସେବକ ଜାତୀୟ କବି ସ୍ୱର୍ଗତ ଗୋବିନ୍ଦ ରଥ (ବାଙ୍କି) ଆନନ୍ଦରେ ଗାଇଥିଲେ : -

ବାଳକ, ଯୁବା, ବୃଦ୍ଧ, ଅକିଞ୍ଚନ ସମୃଦ୍ଧ
ପଣ୍ଡ, ପାଠୁଆ, ମୂଢ଼, ଜ୍ଞାନୀ
ସାଉକାର, ଖାତକ, ସ୍ୱାମୀସହ ସେବକ
ଏକତ୍ରେ ବସି ଧନୀ ମାନୀ ।।
ସେ ସମ୍ମିଳନୀ
ନୋହିଲା, ନୋହିବ ଅବନୀ
ଥିଲା ଯେ ଚମତ୍କାର ବନୀ
ଇତି ପୂର୍ବରୁ ନବ ସମ୍ମିଳନୀ ବିଭବ
କେ ଦେଖିଛ କିଏ ମେଦିନୀ
ସେ ସମ୍ମିଳନୀ ।।୪।।
ପାରଳା ଗଜପତି ମଞ୍ଜୁଷାର ଭୂପତି
ଟିକାଲୀ ଯୁବରାଜ ମୂର୍ତ୍ତି
ବିରାଜିଥିଲେ ଅତି ଯତନେ କରି ସ୍ଥିତି
ବଢ଼ାଇ ସ୍ୱଜାତୀୟ ଧୃତି,
ସେ ଭାଇମାନେ ।।
ଭାଇ ଦେଖିବେ ଧାଇଁଛନ୍ତି କା'ପରେ କେ ଯାଇ ପଡ଼ନ୍ତି
ପ୍ରେମ ଆନନ୍ଦଭରେ ସକଳ ସମାନରେ
କରି କାମନା ଦେଶୋନ୍ନତି
ସେ ଭାଇମାନେ ।। ୬ ।।

× × × × ×

Digitized by srujanika@gmail.com

ପାରଳା ଗଜପତି ଆଜ ଉଦ୍‌ଯୋଗୀ ତେଣୁ ଏ ସମାଜ
ତାଙ୍କ ବିଭବ ନାମ ଓଜପ୍ରତାପ ଧାମ
ଅନୁରୂପରେ ସୁବିରାଜେ
ସେ ମହାରାଜା ॥ ୭ ॥

ବିଶାଖାପାଟଣା ତଥା ଜୟପୁରର ସୁବିଖ୍ୟାତ ଉତ୍କଳ ହିତୈଷୀ ମହାରାଜା ବିକ୍ରମଦେବ ବର୍ମା ଏହି ବିରାଟ ସଭାର ସଭାପତି ଆସନ ମଣ୍ଡନ କରିଥିଲେ । ସେ ପାରଳାଖେମୁଣ୍ଡିର ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଔରସ ମାମୁ । 'ଉତ୍କଳ ସମ୍ମିଳନୀ' ଶିରୋନାମାରେ 'ଗଡ଼ଜାତ ବାସିନୀ' ତା ୨ । ୧ । ୧୪ ରିଖରେ ଲେଖିଥିଲେ - "ଗଜପତି ଶ୍ରୀମାନ୍ କୃଷ୍ଣଚନ୍ଦ୍ର ନାରାୟଣ ଦେବ ମହାରାଜା ସ୍ୱୟଂ ରେଳଷ୍ଟେସନରେ ବିରାଜମାନ ହୋଇ ଆଗନ୍ତୁକ ପ୍ରତିନିଧିମାନଙ୍କ ସହିତ ସ୍ନେହ ସମ୍ଭାଷଣ କରି ମଟରକାର, ଘୋଡ଼ାଗାଡ଼ିମାନଙ୍କରେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କୁ ନେଇ ଯାଉଥିଲେ । ସମୁଦାୟ ବିଷୟର ତତ୍ତ୍ୱ ସ୍ୱୟଂ ଗ୍ରହଣ କରିଥିଲେ । ଏହା ଓଡ଼ିଆ ପକ୍ଷରେ କମ ଗୌରବର ବିଷୟ ନୁହେଁ । ଏଥର ସମ୍ମିଳନୀରେ ଜୟପୁର ରାଜା, ଚିକାଲିର ରାଜା, ଯୁବରାଜ, ମଞ୍ଜୁଷାର ରାଜା ଓ ତରଳାର ରାଜକୁମାରମାନେ ଯୋଗ ଦେଇଥିଲେ । ଓଡ଼ିଶାର ସମୁଦାୟ ଅଞ୍ଚଳର ପ୍ରତିନିଧି ଓ ସ୍ଥାନୀୟ ଦର୍ଶକଙ୍କ ସହିତ ପ୍ରାୟ ଦୁଇଶହ ଲୋକ ସମ୍ମିଳନୀରେ ସମବେତ ହୋଇଥିଲେ ।

ମଧୁପୁର ରାଜା ପ୍ରସ୍ତାବ ଉପସ୍ଥାପନା କରନ୍ତେ, ପାରଳା ରାଜା କୃଷ୍ଣଚନ୍ଦ୍ର ନାରାୟଣ ଦେବ ତାହାକୁ ଅନୁମୋଦନ କଲେ । 'ମୁକୁର' ସମ୍ପାଦକ ଜମିଦାର ବ୍ରଜସୁନ୍ଦର ଦାସ (ବି.ଏ.) ସମର୍ଥନ କଲା ପରେ ସଭାପତି ଆସନ ଗ୍ରହଣ କଲେ । ଏହି ଅଧିବେଶନର ଯାବତୀୟ ବ୍ୟୟଭାର, ପାରଳା ମହାରାଜା ମହୋଦୟ ବହନ କରିଥିଲେ । ରାଜକୀୟ ବ୍ୟୟରେ ଆଗନ୍ତୁକମାନଙ୍କ ନିମନ୍ତେ ବସା ଓ ଆହାର, ରେଳରେ ଯାତାୟାତ କରିବା ପାଇଁ ସ୍ପେଶାଲ୍ ଟ୍ରେନ୍‌ର ବନ୍ଦୋବସ୍ତ କରାଇଥିଲେ । ପୁଣି ସେଥିସକାଶେ ଭଡ଼ା ନିଆଯାଇ ନ ଥିଲା । ଏଥିରୁ ଯୁବକ ନରପତି ମହୋଦୟଙ୍କ ଗଭୀର ଜାତୀୟ ଭାବର ସୁସ୍ପଷ୍ଟ ପରିଚୟ ମିଳୁଅଛି । ଏଥିପାଇଁ ଆମ୍ଭେମାନେ ତାହାଙ୍କୁ ଅନ୍ତଃକରଣରେ ଧନ୍ୟବାଦ ପ୍ରଦାନ କରି ତାଙ୍କର ମଙ୍ଗଳ କାମନା କରୁଅଛୁଁ । ଏବର୍ଷ ସମ୍ମିଳନୀର କାର୍ଯ୍ୟ ସର୍ବାଙ୍ଗ ସୁନ୍ଦର ହୋଇଥିଲା ।"

ଦେଶପ୍ରାଣ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ବିଷୟରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଲେଖିଛନ୍ତି -"ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ପରି ବିଦ୍ୟୋତ୍ସାହୀ ଜମିଦାର

Digitized by srujanika@gmail.com

ଭାରତରେ କ୍ୱଚିତ୍ ଦେଖାଯାଆନ୍ତି । ତାଙ୍କର ପିତାମହ, ପିତା ପିତୃବ୍ୟ ଏ କ୍ଷେତ୍ରରେ ଅଗ୍ରଗଣ୍ୟ ଥିଲେ । ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବାର ପ୍ରାୟ ପଚିଶବର୍ଷ ପୂର୍ବରୁ ସେ ନିରବଚ୍ଛିନ୍ନ ଭାବରେ ଦେଶମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ସମ୍ପର୍କରେ ଯାବତୀୟ କାର୍ଯ୍ୟରେ ଯୋଗଦାନ କରି କାୟମନୋବାକ୍ୟରେ ସେବାଦାନ କରିଛନ୍ତି । ସେ ଏହି କାର୍ଯ୍ୟ କରିବାରେ ଆନନ୍ଦଲାଭ କରିଅଛନ୍ତି ଏବଂ ସର୍ବ କାର୍ଯ୍ୟକ୍ରମ ମଧ୍ୟରେ ଏହି ସ୍ଥାନକୁ ଅଗ୍ରସ୍ଥାନ ଦେଇଛନ୍ତି । ସେ ଏ କ୍ଷେତ୍ରରେ ଲକ୍ଷ ଲକ୍ଷ ଟଙ୍କା ଅକାତରରେ ବ୍ୟୟ କରିଛନ୍ତି । ତାଙ୍କର ନିଃସ୍ୱାର୍ଥପର ଦେଶସେବା ନିଷ୍ଫଳ ହୋଇ ନାହିଁ । ଏ ପ୍ରାଚୀନ ଜାତି ମୃତ୍ୟୁଶଯ୍ୟାରୁ ଉଠି ଆସିଛି । ଏ ମୃତକଳ୍ପ ଜାତିର ପିଣ୍ଡରେ ସେ ପ୍ରାଣସଞ୍ଚାର କରିଛନ୍ତି । ସେ ଓଡ଼ିଆ ଜାତିର ପ୍ରାଣଦାତା କହିଲେ ଅତ୍ୟୁକ୍ତି ହେବ ନାହିଁ ।"

ସ୍ୱର୍ଗୀୟ ଫକୀରମୋହନ ସେନାପତି ମହାରାଜାଙ୍କ ପିତୃବ୍ୟ ସ୍ୱର୍ଗତ ପଦ୍ମନାଭ ଦେବ ଡାକନାମ ଚନ୍ଦ୍ରମହାରାଜାଙ୍କୁ ଲକ୍ଷ୍ୟକରି ତାଙ୍କ 'ଉତ୍କଳ ଭ୍ରମଣ' କାବ୍ୟରେ ପାରଳାଖେମୁଣ୍ଡି ବିଷୟରେ ଲେଖିଛନ୍ତି -

"ଓଡ଼ିଶା ଦକ୍ଷିଣ ସୀମା ପାରଳା ଖିମିଡି
ଧନେ ମାନେ କିଏ ଆଉ ଅଛି ତାଙ୍କୁ ବଢ଼ି ?
କବିତ୍ୱ ଗୌରବ ସ୍ଥାନ ନ ଦେଖେ ସେପରି
ଗାଉଥିଲେ ବସି ଗୀତ ଯହିଁ ଗୌରହରି ॥
'ଟେଲର' ତ ଦେଇଥିଲା ଓଡ଼ିଆ ଉଡ଼ାଇ
ଗୌରଚନ୍ଦ୍ର ଗଜପତି ଦେଲେ ଯା' ରଖାଇ ॥
ମହାରାଜା ଆପଣଙ୍କ ଏକଥା ପଦକ
କରିଥିବି ସବୁଦିନେ ହୃଦୟେ ପଦକ ॥
ପଶ୍ଚିମରେ 'ପାଟ୍ରିଏଟ' ଦକ୍ଷିଣେ ନିରସ୍
ଉତ୍ତରେ ଏ ସବୁକଥା ମୂଳରୁ ରେଫୁଜ୍ ॥
ଏହିପରି ଜଣେ ଯେବେ ଥାଆନ୍ତେ ଉତ୍ତରେ
ବୁଲୁଥାନ୍ତି ମୁହିଁ ହାତ ପକାଇ ନିଶରେ ॥"

Digitized by srujanika@gmail.com

ଉତ୍କଳ ସମ୍ମିଳନୀ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ରଥୀ ମହାରଥୀମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନାମ ବିଶେଷ ଭାବେ ଉଲ୍ଲେଖଯୋଗ୍ୟ । ଉତ୍କଳମଣିଙ୍କ ସହକର୍ମୀ ପଣ୍ଡିତ ଗୋଦାବରୀଶ ମଧ୍ୟ ଦେଶପ୍ରେମୀ ଥିଲେ । ଏମାନଙ୍କ ପୂର୍ବରୁ ବ୍ୟାସକବି ଫକୀରମୋହନ, ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ରଭଞ୍ଜ, ଜୟପୁର ରାଜା ବିକ୍ରମ ଦେବଙ୍କ ନାମ ମଧ୍ୟ ସ୍ମରଣୀୟ । ଏହାଛଡ଼ା ଉତ୍କଳୀୟ ବଙ୍ଗବାସୀଙ୍କ ମଧ୍ୟରୁ ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ରାଜା ଶ୍ୟାମାନନ୍ଦ ଦେ ଓ ତାଙ୍କ ପୁତ୍ର ବୈକୁଣ୍ଠନାଥ ଦେଙ୍କ ଭୂମିକା ଓଡ଼ିଶାବାସୀ କଦାପି ଭୁଲିପାରିବେ ନାହିଁ । କବିବର ରାଧାନାଥଙ୍କ ଓଡ଼ିଆ ଭାଷା ପ୍ରତି ଅବଦାନ ମଧ୍ୟ ଅବିସ୍ମରଣୀୟ । ଉତ୍କଳପ୍ରାଣ ଗୋପବନ୍ଧୁ ବାଲ୍ୟରୁ ଜଗନ୍ନାଥ ଦାସଙ୍କ ଭାଗବତ ଦ୍ୱାରା ଗଭୀର ଭାବରେ ଅନୁପ୍ରାଣିତ ହୋଇଥିଲେ । ସେ ମୁକ୍ତାର ରାମଚନ୍ଦ୍ରଙ୍କ ହୃଦୟରେ ଜାତୀୟତାବାଦ ଜାଗରିତ କରିଥିଲେ ।

ଗୋପବନ୍ଧୁଙ୍କ ଦୃଷ୍ଟିରେ ଅତୀତ ଓଡିଶାର କଳା, ସ୍ଥାପତ୍ୟ, ସାର୍ଥକ ଚରିତ୍ରବତ୍ତା ଓ ବୀରତ୍ୱ ଅତି ଉଚ୍ଚକୋଟୀର ଥିଲା । ବିଶ୍ୱ ଦରବାରରେ ଓଡ଼ିଆର ବ୍ୟକ୍ତିତ୍ୱ ହେଉଛି ବଡ଼ ଉଦାର । ପଥର ବୁକୁରେ ରାଧାକୃଷ୍ଣ, ସୀତାରାମ ନାୟକ ନାୟିକାଙ୍କ ମୂର୍ତ୍ତି ଅଙ୍କନ କରିବା, କେତେ କଷ୍ଟ ଓ ସାଧନାସାପେକ୍ଷ ତାହା ଓଡ଼ିଆ ଶିଳ୍ପୀ ଜାଣେ । କେତେବେଳେ ସେ ପାଇକ ସାଜି ଯୁଦ୍ଧ କରେ କେତେବେଳେ ଓଡ଼ିଆ ଝିଅ ଖୁଦୁରୁକୁଣୀ ପୂଜାରେ ଆତ୍ମହରା ହୁଏ, ତାର ପାନବଟୁଆ, ପଟ୍ଟଚିତ୍ର, କଉଡ଼ିଖେଳ, ପଖାଳ, ପୋଡ଼ପିଠା, ସରୁଚକୁଳି, ଛୁଞ୍ଚି ପତର, କାଞ୍ଜିଖୁଦ, ବାଡ଼ି ବଗିଚାର ଲେଉଟିଆ ପଟାଳି, ସଜନାଶାଗ, ଏସବୁ ଓଡିଆ ଜାତୀୟ ଜୀବନର ଚିତ୍ର । ଏହା ସାଙ୍ଗକୁ ସନ୍ଧ୍ୟା ସମୟରେ ଭାଗବତ ପଢ଼ା, ଦିନଯାକର ଜଞ୍ଜାଳ ଭିତରେ ଯାହା ସ୍ୱର୍ଗର ବାଣୀ ଶୁଣାଇଥାଏ ।

ଓଡିଆର ଏକାନ୍ନବର୍ତ୍ତୀ ପାରିବାରିକ ଜୀବନର ସଂହତି, ଶାନ୍ତି ଓ ସହଯୋଗର ମୂଳନୀତିର ଗ୍ରାମ୍ୟ ସଭ୍ୟତା ଗଢ଼ି ଉଠିଥାଏ । ବାପ, ଭାଇ, ଅପା, ଦାଦି, ଖୁଡ଼ୀ , ଦେଢେଇ, ନାନୀ, ଅଜା, ଆଇ, ଦିଅର ଭାଉଜର ପବିତ୍ର ସମ୍ପର୍କରେ ଗ୍ରାମ୍ୟ ଜୀବନରେ 'ବସୁଧୈବ

Digitized by srujanika@gmail.com

କୁଟୁମ୍ବକମ୍' ର ସନ୍ଧାନ ମିଳିଥାଏ । ଶାଶୂଘରକୁ ଭାରଯିବା, ବଡ଼ି ଜାଇ ଅନୁକୂଳ, ପହିଲି ପାଳିରେ ନବବଧୂର ବାପଘର ଯାତ୍ରା ଏସବୁ ଗୋପବନ୍ଧୁଙ୍କ 'ଅବକାଶ ଚିନ୍ତା', 'କାରା କବିତା' ଠାରୁ 'ସମାଜ' ସମ୍ପାଦକୀୟ ମଧ୍ୟରେ ଆବଦ୍ଧ ଥିଲା । ପ୍ରତ୍ୟେକ ରଚନା, ଲେଖା, ବକ୍ତୃତାରେ ସେ ଓଡ଼ିଶାର ସ୍ୱକୀୟତା ଦେଖିବାରେ ଆତ୍ମବିହ୍ୱଳ ହୋଇ ପଡୁଥିଲେ । ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ, ପ୍ରପୀଡ଼ିତ ଦରିଦ୍ର ଜନତାର ସେବାରେ ସେ ଆତ୍ମନିୟୋଗ କରି 'ଉତ୍କଳ ଗାନ୍ଧି' ନାମରେ ନାମିତ ହୋଇଥିଲେ ।

୧୯୦୩ ମସିହାରେ ରମ୍ଭାଠାରେ ଅନୁଷ୍ଠିତ 'ଗଞ୍ଜାମ ଜାତୀୟ ସମିତି' ବୈଠକରୁ ଆରମ୍ଭ କରି ୧୯୨୦ ମସିହା ପର୍ଯ୍ୟନ୍ତ ଗୋପବନ୍ଧୁ ନିଜର ସହଯୋଗୀ ବନ୍ଧୁ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ ଓ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ସହିତ ସିଂହଭୂମ ଅଞ୍ଚଳରେ ଓଡ଼ିଆଭାଷା ପ୍ରଚଳନ ଓ ବିଚ୍ଛିନ୍ନାଞ୍ଚଳରେ ମିଶ୍ରଣ ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ । ୧୯୧୫ ମସିହାରେ ସମ୍ବଲପୁରଠାରେ 'ଉତ୍କଳ ସମ୍ମିଳନୀ' ବସିଥିଲା । ସେଠାରେ ମଧ୍ୟପ୍ରଦେଶରୁ ସମ୍ବଲପୁର ବସ୍ତର ଓ ରାୟପୁର ଆସିବାକୁ ପ୍ରସ୍ତାବ ହୋଇଥିଲା । ୧୯୧୯ ସୁଦ୍ଧା ୧୪୦ଟି ଓଡ଼ିଆ ସ୍କୁଲ ସିଂହଭୂମରେ, ଓଡ଼ିଆ ଭାଷାର ବ୍ୟାପକ ପ୍ରସାର ପାଇଁ ସେ ପଇସିକିଆ ପାଣ୍ଠି ପ୍ରତିଷ୍ଠା କରିଥିଲେ । ମଧୁବାବୁଙ୍କ ମୃତ୍ୟୁ ୧୯୩୪ ରେ ଓ ଗୋପବନ୍ଧୁଙ୍କ ପ୍ରୟାଣ ୧୯୨୮ ରେ ହୋଇଥିଲା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେବାର ବାସ୍ତବ ଦୃଶ୍ୟ ଏହି ବରେଣ୍ୟ ଦୁଇ ନେତା ଦେଖିପାରି ନ ଥିଲେ ।

ଗୋପବନ୍ଧୁଙ୍କ ପ୍ରିୟ ସିଂହଭୂମ, ଷଢ଼େଇକଳା, ଖରସୁଆଁ, ଫୁଲ୍‌ଝର, ମଞ୍ଜୁଷା, ତରଲା, ଜଳନ୍ତର ପ୍ରଭୃତି ଓଡ଼ିଶାରୁ ଚିରକାଳ ପାଇଁ ବିଚ୍ଛିନ୍ନ ହୋଇଗଲା । ଏହି ଦୁଇ ଦେଶସେବୀ ବରେଣ୍ୟ ନେତାଙ୍କ ସ୍ୱପ୍ନ ଏବେ ମଧ୍ୟ ସ୍ୱପ୍ନ ହୋଇ ରହିଅଛି ।

ଦ୍ୱାଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ଶେଷଭାଗ ପର୍ଯ୍ୟନ୍ତ ଓଡ଼ିଶାରେ ଗଙ୍ଗବଂଶୀୟ ନରପତିମାନେ ରାଜତ୍ୱ କରୁଥିଲେ । ଏମାନଙ୍କ ସମୟରେ ଓଡ଼ିଶା ଗଙ୍ଗାଠାରୁ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ସେତିକିବେଳେ ଓଡ଼ିଶାସାରା ସାଂସ୍କୃତିକ ଅଭ୍ୟୁଦୟ ଘଟିଥିଲା । କିନ୍ତୁ ଏହାପରେ ଓଡ଼ିଶାର ପରାଜୟ, ଗ୍ଲାନି ଓ ଅପଚୟ ଘଟିଥିଲା । ମୋଗଲମାନେ ଆକବରଙ୍କ ସମୟରେ ଓଡ଼ିଶା ଅଧିକାର କଲେ । ୧୮୦୩ ରେ ଇଂରେଜମାନେ ମରହଟ୍ଟାମାନଙ୍କଠାରୁ ଓଡ଼ିଶା ଦଖଲ କଲେ । ଇଂରେଜ ଶାସନରେ ଓଡ଼ିଶାର ଚରମ ଅବନତି ଘଟିଥିଲା । ଓଡ଼ିଶାରେ ଏହି ସମୟରେ ଖଣ୍ଡବିଖଣ୍ଡିତ ବିଚ୍ଛିନ୍ନତାର ପ୍ରକ୍ରିୟା ଆରମ୍ଭ ହେଲା । ଗଞ୍ଜାମ ଜିଲ୍ଲା ସର୍ବପ୍ରଥମେ ଅଲଗା ହୋଇ ଆନ୍ଧ୍ର ସହିତ

Digitized by srujanika@gmail.com

ସାମିଲ ହେଲା । ତାପରେ ବାଲେଶ୍ୱର ଓ ମେଦିନୀପୁର ଅଞ୍ଚଳ ବଙ୍ଗଭାଷୀ ଅଞ୍ଚଳରୂପେ ଘୋଷଣା କରାଗଲା । ପଶ୍ଚିମାଞ୍ଚଳ, ଯଥା - ସମ୍ବଲପୁର, ରାୟପୁର, ବିଳାସପୁର ଓ ବସ୍ତର ଓଡ଼ିଶାରୁ ବିଛିନ୍ନ ହୋଇ ମଧ୍ୟପ୍ରଦେଶରେ ରହିଲା । ସିଂହଭୂମ, ବୀରଭୂମ, ଧଳଭୂମ, ବିହାର ପ୍ରଦେଶକୁ ହସ୍ତାନ୍ତରିତ ହେଲା । ଓଡ଼ିଶା ଜମିଦାରୀ ଲୋପ, ଲୁଣମରା ଅଧିକାର ବାଜ୍ୟାପ୍ତି ଆଦି ଚରମ ଦୁର୍ଦ୍ଦଶା ଆରମ୍ଭ ହେଲା । ଏହା ସାଙ୍ଗକୁ ବଢ଼ି, ମରୁଡ଼ି ସହିତ ଦାରିଦ୍ର୍ୟ ବଢ଼ିବାକୁ ଲାଗିଲା । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କଳାକୁ ଅବହେଳା କରାଗଲା । ଏଥିରେ ବଙ୍ଗୀୟ ଶାସନକର୍ତ୍ତା, ବୁଦ୍ଧିଜୀବୀ ଓ ଆମର କେତେକ ଚାଟୁକାର, ତୋଷାମୋଦକାରୀ ସ୍ୱାର୍ଥାନ୍ୱେଷୀଙ୍କର ହାତ ଥିଲା, ନୋହିଲେ କଳିଙ୍ଗ ଭଳି ଏକ ପ୍ରାଚୀନ ବୀର ଜାତିର ଏତେ ଅଧୋପତନ ହୋଇ ନ ଥାନ୍ତା ।

ଓଡ଼ିଆ ଆନ୍ଦୋଳନର ଅନ୍ତୁଡ଼ିଶାଳ ଗଞ୍ଜାମ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗଞ୍ଜାମରେ ଜାତୀୟ ଜାଗରଣ ଆରମ୍ଭ ୧୮୭୦ ମସିହାରୁ । ୧୮୭୩ ସାଲରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଭାଷା ରୂପେ ସ୍ୱୀକୃତି ଲାଭ କଲା । ଏହି ସମୟରେ ତେଲଗୁମାନଙ୍କର କୂଟଚକ୍ରାନ୍ତରେ ଓଡ଼ିଆ ସାହିତ୍ୟ ଭାଷା ଓ ରାଜ୍ୟରେ ଅରାଜକତା ସୃଷ୍ଟି କରିବା ଲାଗି ଉଦ୍ୟମ ଚାଲିଥାଏ । ପାରଳାଖେମୁଣ୍ଡିର ଦ୍ୱିତୀୟ ରାଜକୁମାର ପଦ୍ମନାଭ ଗଜପତିଙ୍କ 'ପ୍ରହ୍ଲାଦ' ନାଟକ ଅଭିନୀତ ହୋଇଥିଲା । ପଣ୍ଡିତ ଶ୍ୟାମସୁନ୍ଦର ଏହାର ସମାଲୋଚକଙ୍କୁ ଉତ୍ତର ଦେବାକୁ ଯାଇ 'ଉତ୍କଳ ଦୀପିକା' ରେ ପ୍ରକାଶ କରିଥିଲେ । ସେଥିରେ ସେ ଲେଖିଥିଲେ, 'ଭାଷାର ପ୍ରକୃତ ପ୍ରାଣ ପ୍ରାଦେଶିକତାରେ'' । ଏହାର ସମର୍ଥନ ପାଇଁ ଭାଷାତତ୍ତ୍ୱ ବିଶାରଦ ପାଶ୍ଚାତ୍ୟ ପଣ୍ଡିତ ମ୍ୟାକସ୍‌ମୁଲାର ଓ ବୀମ୍‌ସ ସାହେବ ଉପଯୁକ୍ତ ମତ ଦେଇଥିଲେ ।

ଓଡ଼ିଆ ଭାଷାର ଆନ୍ଦୋଳନ ପାଇଁ ଶ୍ୟାମସୁନ୍ଦର ରାଜଗୁରୁ ଯେଉଁ ଆନ୍ଦୋଳନ କରିଥିଲେ ଏହା ଅନସ୍ୱୀକାର୍ଯ୍ୟ । ପାରଳାର ଭାଷା ଶାସ୍ତ୍ର ବିଶାରଦ ଗୋପୀନାଥ ନନ୍ଦଶର୍ମା 'ଶବ୍ଦତତ୍ତ୍ୱ ଅଭିଧାନ' ଓ 'ଓଡ଼ିଆ ଭାଷାତତ୍ତ୍ୱ' ରଚନା କରିଥିଲେ । ପାରଳାଖେମୁଣ୍ଡିର ପଦ୍ମନାଭ ଗଜପତି, ଶ୍ୟାମସୁନ୍ଦର ରାଜଗୁରୁ, ଅପର୍ଣ୍ଣା ପଣ୍ଡା ଓ ନୀଳମଣି ପରିଛାଙ୍କ ଉଦ୍ୟମରେ ପାରଳାର 'ଉତ୍କଳ ହିତୈଷିଣୀ' ୧୮୮୫ରେ ପ୍ରତିଷ୍ଠିତ ହେଲା । ଏହି ସମୟରେ ଫକୀରମୋହନ ସେନାପତିଙ୍କର 'ବାଲେଶ୍ୱର ସମ୍ବାଦ ବାହିକା'

Digitized by srujanika@gmail.com

ଚନ୍ଦ୍ରଶେଖର ବେହେରାଙ୍କର 'ସମ୍ବଲପୁର ହିତୈଷିଣୀ' , କର୍ମବୀର ଗୌରୀଶଙ୍କର 'ଉତ୍କଳଦୀପିକା' - ଓଡ଼ିଆ ଭାଷାର ପ୍ରସାର ପାଇଁ ପ୍ରକାଶ ପାଇଥିଲା । ପାରଳାଖେମୁଣ୍ଡିରେ ୧୮୮୮ରେ ବହୁ ଲୋକ 'ଉତ୍କଳ ହିତୈଷିଣୀ' ଯୋଗେ ଓଡ଼ିଆ ଭାଷା ଶିକ୍ଷା କଲେ ଓ ଓଡ଼ିଆରେ ଗ୍ରନ୍ଥ ଲେଖିଲେ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପାରଳା ଗଜପତି କୃଷ୍ଣଚନ୍ଦ୍ର ନାରାୟଣଙ୍କ ଭୂମିକା ଏକାନ୍ତ ଉଲ୍ଲେଖନୀୟ । ମରହଟ୍ଟା ଶାସନକାଳରେ ପାରଳାର ଜଗନ୍ନାଥ ନାରାୟଣ ଦେବଙ୍କର ଆହ୍ୱାନ (୧୭୬୦-୧୮୨୪) ସ୍ମରଣୀୟ । ଇଂରେଜ ଶାସନରେ ଓଡ଼ିଆ ଜାତି ବିଚ୍ଛିନ୍ନ ହୋଇ ଚାରୋଟି ପ୍ରଦେଶରେ ରହିବାକୁ ବାଧ ହେଲା । ୧୮୬୬ ନ'ଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶା ଛାରଖାର ହୋଇଗଲା । ୧୮୬୮ରେ ବିଲାତରେ ଥିବା ସେକ୍ରେଟାରୀ ଅଫ୍ ଷ୍ଟେଟସ୍, ଆସାମ ଓ ଓଡ଼ିଶାକୁ ଗୋଟିଏ ପ୍ରଦେଶରେ ଶାସନାଧୀନ କରିବାକୁ ପ୍ରସ୍ତାବ ଉଠାଇଥିଲେ । ସେହିବର୍ଷ ଭାରତ ସରକାରଙ୍କ Act, General George Chesmy" ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗଳା ରାଜ୍ୟ ବିଚ୍ଛିନ୍ନ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକ ସ୍ୱତନ୍ତ୍ର ଅଞ୍ଚଳ କରିବା ପାଇଁ ବ୍ରିଟିଶ୍ ସରକାରଙ୍କୁ ପ୍ରବର୍ତ୍ତାଇଥିଲେ ।

ଏ ମଧ୍ୟରେ ଉନବିଂଶ ଶତାବ୍ଦୀର ଶେଷ ଭାଗରେ ବଙ୍ଗାଳୀମାନେ ଏ ଦେଶରେ ସରକାରୀ ଅଫିସ, କୋର୍ଟକଚେରିରେ ନିଜ ପ୍ରତିପତ୍ତି ବଢ଼ାଇ ଓଡ଼ିଆ ଭାଷା ଓ ଓଡ଼ିଶାର ଏକତ୍ରୀକରଣରେ ବହୁ ବାଧା ସୃଷ୍ଟି କଲେ । "ଓଡ଼ିଆ ଯେ ସ୍ୱତନ୍ତ୍ର ଭାଷା ନୁହେଁ, ବରଂ ବଙ୍ଗ ଭାଷାର ଗୋଟିଏ ବିକୃତ ଅଂଶ" -(Dialect) ବୋଲି ପ୍ରମାଣ କରିବା ପାଇଁ କାନ୍ତିଲାଭ ଭଟ୍ଟାଚାର୍ଯ୍ୟ, ରାଜେନ୍ଦ୍ରଲାଲ ମିତ୍ର ଓ ଭୂଦେବ ମୁଖାର୍ଜୀ ବଡ଼ ବଡ଼ ବଙ୍ଗୀୟ ନେତାମାନେ ଏକତ୍ର ହୋଇ ଆଗେଇ ଆସିଲେ । ଓଡ଼ିଶାର ତତ୍‌କାଳୀନ ନେତାମାନେ ମାତୃଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ଚେଷ୍ଟା କଲେ । ଓଡ଼ିଆ ଆନ୍ଦୋଳନ ତୀବ୍ରତର ହୋଇ ଜାତୀୟ ଆନ୍ଦୋଳନର ରୂପ ନେଲା । ସମସ୍ତେ ଅନୁଭବ କଲେ ଯେ ଓଡ଼ିଆ ଜାତି ଛିନ୍ନ ବିଚ୍ଛିନ୍ନ ହୋଇ ରହିବା ଯୋଗୁଁ ଜାତୀୟ ଜୀବନର ବିକାଶ ହେଉ ନାହିଁ । ଫଳରେ ୧୮୭୨ରେ ବଙ୍ଗ ଗଭର୍ଣ୍ଣର ଓଡ଼ିଆ, ବଙ୍ଗଳା ଓ ଆସାମୀ ଭାଷାକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାଷା ରୂପେ ଘୋଷଣା କରିଥିଲେ । ଜନ୍ ବୀମ୍‌ସ କମିସନର ଭାବେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ ।

Digitized by srujanika@gmail.com

ଉତ୍କଳ ସମ୍ମିଳନୀ ଦେଶ ମିଶ୍ରଣ ଆନ୍ଦୋଳନକୁ ସଫଳ କରିବାପାଇଁ କୁଳବୃଦ୍ଧ ମଧୁସୂଦନ ୧୯୦୩ରେ ତାଙ୍କ ବାସଭବନରେ ଏକ ସଭା କରାଇଥିଲେ । ସେହି ୧୯୦୩ ମସିହାରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ବସିଲା । ଏହିପରି ଦ୍ୱିତୀୟ ଓ ତୃତୀୟ ଅଧିବେଶନ ୧୯୦୫ ଓ ୧୯୦୬ ରେ କଟକରେ ବସି ଚତୁର୍ଥ ଅଧିବେଶନ ୧୯୦୬ରେ ବ୍ରହ୍ମପୁରଠାରେ ବସିଲା । ପଞ୍ଚମ ଅଧିବେଶନ ୧୯୦୮ରେ ଓ ପୁରୀରେ ସେହିବର୍ଷ ଷଷ୍ଠ ଅଧିବେଶନ ବସିଲା । ଏହାପରେ ୧୯୧୨ରେ ବ୍ରହ୍ମପୁର ଅଧିବେଶନରେ ଲର୍ଡ କର୍ଜନ ବ୍ରିଟିଶ୍ ପାର୍ଲାମେଣ୍ଟରେ ଓଡ଼ିଆମାନଙ୍କର ଅଭାବ ଅସୁବିଧା ପ୍ରତି ତୀବ୍ର ସମାଲୋଚନା କରିଥିଲେ । ସେ କହିଲେ, "ଓଡ଼ିଆମାନେ ଯଦି ଟାଣୁଆ ଆନ୍ଦୋଳନକାରୀ ଜାତି ହୋଇଥାନ୍ତେ; ତାହାହେଲେ ସେମାନେ ସମଗ୍ର ଜଗତକୁ ସେମାନଙ୍କ ପ୍ରତିବାଦ ଜଣାଇ ପାରିଥାନ୍ତେ ।" - ଏହାପରେ ମଧୁବାବୁଙ୍କ ସଭାପତିତ୍ୱରେ ପୁରୀରେ ନବମ ଅଧିବେଶନ ବସିଲା । ଏହି ସମୟରେ ତେଲୁଗୁମାନଙ୍କ ପକ୍ଷରୁ ଓଡ଼ିଆ ଆନ୍ଦୋଳନର ଘୋର ବିରୋଧ ହେଲା । ଫଳରେ ମାନ୍ଦ୍ରାଜ ଗଭର୍ଣ୍ଣର (Lord Pentland) ବ୍ରହ୍ମପୁର ଆସି 'ଓଡ଼ିଆ ସମାଜ' ଓ 'ଆନ୍ଧ୍ର ଭାଷା ବିବର୍ଦ୍ଧିନୀ' ସଭାର ସଭ୍ୟମାନଙ୍କଠାରୁ ସ୍ମାରକପତ୍ର ଓ ସାକ୍ଷ୍ୟ ଗ୍ରହଣ କଲେ । ଫେରିବା ସମୟରେ ପାରଳାଖେମୁଣ୍ଡିର ନୂତନ ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କଠାରୁ ନିମନ୍ତ୍ରଣ ପାଇ ପାରଳାରେ ଦୁଇଦିନ ରହିଲେ । 'ଉତ୍କଳ ହିତୈଷିଣୀ' 'ଓଡ଼ିଆ ସମାଜ' ପକ୍ଷରୁ ଓଡ଼ିଶାର ପାରଳାଖେମୁଣ୍ଡି ସହିତ ମାନ୍ଦ୍ରାଜର ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳର ମିଶ୍ରଣ ପାଇଁ ସ୍ମାରକପତ୍ର ଦିଆଗଲା ।

Digitized by srujanika@gmail.com

ସିଂହାସନ ଆରୋହଣ

ମାନ୍ଦ୍ରାଜରୁ କଲେଜ ଶିକ୍ଷା ଶେଷ କରି ରାଜଗାଦିରେ ବସିବା ପୂର୍ବରୁ ମହାରାଜା ଶ୍ରୀମନ୍ଦିରର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ସାରି, ପ୍ରଜାମାନଙ୍କ କଲ୍ୟାଣ ସକାଶେ ଆଜୀବନ ମନ ଦେବାକୁ ଶପଥ ନେଇଥିଲେ । ଏହାପରେ ୧୯୧୪ରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ ବସିଲା । ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାକୁ ସମସ୍ତେ ସେଠାରେ ଏକମତ ହେଲେ । ଜୟପୁର ରାଜା ବିକ୍ରମଦେବ ସେଥିରେ ସଭାପତି ହୋଇଥିଲେ । ତାଙ୍କର ଓଡ଼ିଆ-ପ୍ରୀତି ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବହୁତ ଅବଦାନ ଥିଲା । ଏହି ସଭାରେ ସିଂହଭୂମ, ଜୟପୁର, ଫୁଲଝର ପ୍ରଭୃତି ବିଚ୍ଛିନ୍ନ ଅଞ୍ଚଳରେ ଓଡ଼ିଆ କଚେରି ଭାଷା ହେବାକୁ ଦାବି ହୋଇଥିଲା । ପାରଳା ମହାରାଜା ଏ ଅଧିବେଶନରେ ନିଜହାତରୁ ସେତେବେଳେ ୧୦ ହଜାର ଟଙ୍କା ଦାନ କରିଥିଲେ । ଏହାର ଅସଲ ଉଦ୍ଦେଶ୍ୟ ପୂରଣ କରିବା ଦିଗରେ ଆପ୍ରାଣ ଚେଷ୍ଟା କରିବାରେ ମଧ ବଦ୍ଧପରିକର ହୋଇଥିଲେ ।

ଏହାପରେ ୧୯୧୫ରେ ସମ୍ବଲପୁରରେ ଏକାଦଶ, ୧୯୧୬ରେ ବାଲେଶ୍ୱରରେ ଦ୍ୱାଦଶ, ୧୯୧୭ରେ କଟକରେ ତ୍ରୟୋଦଶ ଓ ଏହି କଟକରେ ୧୯୧୭ରେ ବିଶେଷ ଅଧିବେଶନ ହୋଇଥିଲା । ଏଥିରେ ବୃଦ୍ଧ ଫକୀରମୋହନ ସେନାପତି ସଭାପତି ହୋଇ ଓଡ଼ିଆ ଏକତ୍ରୀକରଣରେ ଦୃଢ଼ତା ପ୍ରଦର୍ଶନ କରିଥିଲେ । ୧୯୨୦ରେ ମଣ୍ଟେଗୁ ଚେମ୍‌ସ ଫୋର୍ଡ଼ ଶାସନ ସଂସ୍କାର ରିପୋର୍ଟ ଅନୁସାରେ ବ୍ରହ୍ମପୁରରେ 'ଓଡ଼ିଆ ଆସୋସିଏସନ୍' ତରଫରୁ ପାରଳା ମହାରାଜାଙ୍କ ନେତୃତ୍ୱରେ ସମଗ୍ର ବିଚ୍ଛିନ୍ନାଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେଉ ବୋଲି ଦୃଢ଼ ଦାବି ହେଲା । କେନ୍ଦ୍ର ବିଧାନସଭାରେ ବିହାର-ଓଡ଼ିଶା ନେତା ସଚ୍ଚିଦାନନ୍ଦ ସିହ୍ନା "ସମସ୍ତ ଓଡ଼ିଆ ଅଞ୍ଚଳକୁ ନେଇ ଏକ ଶାସନାଧୀନ କରାଯାଉ" ବୋଲି ପ୍ରସ୍ତାବ କଲେ ।

ସେହିବର୍ଷ ୧୯୨୩ରେ ମାନ୍ଦ୍ରାଜ ବିଧାନସଭାରେ ବ୍ରହ୍ମପୁରର ଶଶିଭୂଷଣ ରଥ ଓଡ଼ିଆ ସମସ୍ୟା ପାଇଁ ଦୃଢ଼ ଦାବି କଲେ । ମାନ୍ଦ୍ରାଜ ସରକାର ଏହାର ତୀବ୍ର ପ୍ରତିବାଦ କରିବାରୁ କେନ୍ଦ୍ର ସରକାର ଓଡ଼ିଆଙ୍କ ଦାବି ଗ୍ରହଣ କଲେ ନାହିଁ । ତେଣୁ ପାରଳା ମହାରାଜା ମାନ୍ଦ୍ରାଜ ସରକାରଙ୍କ ବିରୋଧରେ ଦୃଢ଼ ପ୍ରତିବାଦ ପତ୍ର ଦେଲେ । ମାନ୍ଦ୍ରାଜ

Digitized by srujanika@gmail.com

ସରକାରଙ୍କ ବୈମାତୃକ ମନୋଭାବ କଥା କେନ୍ଦ୍ର ସରକାରଙ୍କୁ ଜଣାଇଲେ । ତେଣୁ ୧୯୨୪ରେ Phillip Duff Commission ଙ୍କୁ ଏହାର ନିଷ୍ପତ୍ତି ପାଇଁ ମିଳିତ ଉଦ୍ୟମ କଲେ । ସେ ଜନଗଣନାନୁସାରେ କୋରାପୁଟ, ଜୟପୁର, ନବରଙ୍ଗପୁର ତାଲୁକ୍ ଅଞ୍ଚଳ ଓଡ଼ିଆ ଓ ଭାଇଜାଗପଟମ୍ ସୀମା ତେଲେଗୁ ଅଞ୍ଚଳ ବୋଲି ଦାବି କଲେ । ଫଳରେ ଆନ୍ଦୋଳନ ତୀବ୍ରତର ହେବାକୁ ଲାଗିଲା ।

୧୯୨୭ ରେ ଭାରତ ଶାସନ ସଂସ୍କାର ଅନୁସାରେ ସାଇମନ କମିସନ ବସିଲା । କମିସନକୁ କଂଗ୍ରେସ ବର୍ଜନ କରିବା ଦେଖି, ପାରଳା ମହାରାଜା ମାନ୍ଦ୍ରାଜ ଯାତ୍ରାକଲେ । ସେଠାରେ ସ୍ମାରକପତ୍ର ଦେଇ ଅଣକଂଗ୍ରେସ ନେତା 'ମୁକୁର' ସଂପାଦକ କଟକର ବ୍ରଜସୁନ୍ଦର ଦାସଙ୍କୁ ପାଟଣାଠାରେ ଓଡ଼ିଆଙ୍କ ତରଫରୁ ଅନୁରୂପ ସ୍ମାରକପତ୍ର ଓ ବିଧିବଦ୍ଧ ସାକ୍ଷ୍ୟ ଦେବାପାଇଁ ପଠାଇଲେ । ୧୯୨୮ ମସିହା ଡିସେମ୍ବର ୧୪ ତାରିଖରେ ପାଟଣାଠାରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବେ ଦାବି କରାଗଲା । ଫଳରେ କମିସନ ଅନୁକୂଳ ମତଦେଇ କହିଲେ, - "ଆମ୍ଭେମାନେ ଓଡ଼ିଶା ବିଷୟରେ ସମସ୍ତ ବିଷୟ ବିଚାରକରି ଦେଖିବୁଁ । ଗୋଟିଏ ପୃଥକ୍ ପ୍ରଦେଶ କଲେ, ତାହା ନିଜର ସମସ୍ତ ଖର୍ଚ୍ଚ ସେ ଚଳାଇ ପାରିବ ।" - ଏହି କମିଟିର ସଭାପତି ଥିଲେ ମେଜର ସି. ଆର. ଅଟ୍‌ଲି । ତେଣୁ ଏହାକୁ 'ଅଟ୍‌ଲି କମିଟି' ବୋଲି କହନ୍ତି ।

ସାଇମନ୍ କମିସନ ତାଙ୍କ ରିପୋର୍ଟରେ ସିନ୍ଧୁପ୍ରଦେଶ ଓ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ କଥା ଉଲ୍ଲେଖ କରି ୧୯୩୦ ସେପ୍ଟେମ୍ବର ୨୦ ତାରିଖରେ ସୀମା ନିର୍ଦ୍ଧାରଣ ବାଉଣ୍ଡାରୀ କମିସନ ବସାଇବାକୁ ସରକାରଙ୍କୁ ମଧ୍ୟ ପରାମର୍ଶ ଦେଇଥିଲେ । ୧୯୩୧ ମସିହାରେ ଭାରତକୁ ଶାସନ ସଂସ୍କାର ଦେବା ନିମିତ୍ତ ପ୍ରଥମ ଗୋଲ୍‌ଟେବୁଲ ବୈଠକ ଲଣ୍ଡନରେ ବସିଲା । ବିହାର-ଓଡ଼ିଶା ସରକାର ଓଡ଼ିଶାରୁ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ପ୍ରତିନିଧି ରୂପେ ମନୋନୀତ କଲେ । ଏହି ଲଣ୍ଡନସ୍ଥ ଗୋଲ୍‌ଟେବୁଲ ବୈଠକରେ ଯେଉଁ ସାରଗର୍ଭକ ହୃଦୟସ୍ପର୍ଶୀ ଇଂରାଜୀ ଭାଷଣ ସେ ପ୍ରଦାନ କରିଥିଲେ, ତାହାର କିଛି ଅଂଶର ଓଡ଼ିଆ ଅନୁବାଦ ଏଠାରେ ଦିଆଗଲା - "କୋଟିଏ ଓଡ଼ିଆ ଲୋକଙ୍କ ପକ୍ଷରୁ ମୁଁ ସେମାନଙ୍କର ବହୁଦିନର ଗୁହାରି ଜଣାଇବାକୁ ଦଣ୍ଡାୟମାନ ହୋଇଛି । ମୁଁ ଯେଉଁ ସ୍ମାରକପତ୍ର ଆପଣଙ୍କୁ ଦେଇଛି, ସେଥିରୁ ଓଡ଼ିଆ ସମସ୍ୟାର ବିଶେଷ ବିବରଣୀ ଆପଣମାନେ ବୁଝିପାରିବେ । ଚାରି ପ୍ରଦେଶରେ ଓଡ଼ିଆମାନେ ସଢୁଛନ୍ତି । ପ୍ରାଦେଶିକ ସରକାରଙ୍କ ରାଜଧାନୀଠାରୁ ବହୁଦୂରରେ ବିଚ୍ଛିନ୍ନ ହୋଇ ଓଡ଼ିଆମାନେ ପଡ଼ିଥିବାରୁ ଏମାନେ ପ୍ରତ୍ୟେକ ପ୍ରଦେଶସ୍ଥ ବହୁ ଜନସଂଖ୍ୟା ମଧ୍ୟରେ ଲୁଚିଯାଇଛନ୍ତି । ଆପଣମାନେ

Digitized by srujanika@gmail.com

ଓଡ଼ିଆମାନଙ୍କ ପ୍ରତି ସହାନୁଭୂତି ଦେଖାଇବେ । ଆମେ ଚାହୁଁ ଭାଷା ଓ ଜାତି ହିସାବରେ ପ୍ରଦେଶ ଗଠନ । ଏହି ଭାବରେ ଓଡ଼ିଆମାନେ ମିଳିତ ହେଲେ ଭବିଷ୍ୟତ୍ ପୁନର୍ଗଠନ ଆଇନ୍‌ରେ ଏମାନେ ବିଶେଷ ଭାବରେ ଉପକାର ପାଇପାରିବେ ।

'ଯେତିକି ଚୂନାକୁ ସେତିକି ପିଠା' - ନ୍ୟାୟରେ ଓଡ଼ିଶା ପ୍ରଦେଶ ଗଠନରେ ମଧ୍ୟ ସରକାର ସେହିପରି ଉଦାରତା ଦେଖାଇବା ବୋଲି ମୋର ଆଶା । × × × ଓଡ଼ିଆମାନଙ୍କର ସମସ୍ୟା ସମ୍ପର୍କରେ ଏଠାରେ ଏକୁଟିଆ ହୋଇ ମୁଁ ଯାହା କହିଛି, ସମସ୍ତେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ମୁଁ ଆଶା କରେ । ଭାରତ ପାଇଁ ଯେଉଁ ଔପନ୍ୟାସିକ ସ୍ୱାୟତ୍ତ ଶାସନର ଯୋଜନା ପ୍ରସ୍ତୁତ ହେଉଛି, ଓଡ଼ିଆମାନେ ସେଥିରେ ଯେପରି ସମପ୍ରାଣରେ ଯୋଗ ଦେବେ, ଏହାର ବିହିତ ବିଧାନ କରାଯାଉ, ଏତିକି ମାତ୍ର କାମନା ।"

ବିଲାତର ମହାସଭା ପାର୍ଲିଆମେଣ୍ଟରେ ଏକାଧିକବାର ପାରଳା ମହାରାଜାଙ୍କ ଏଭଳି ବଳିଷ୍ଠ ବ୍ୟକ୍ତିତ୍ୱ ଓ ନେତୃତ୍ୱ ବଳରେ ଓଡ଼ିଶାର ନ୍ୟାଯ୍ୟ ଦାବି ଦୃଢ଼ ଭାବରେ ଉପସ୍ଥାପିତ ହୋଇଥିଲା । ଗୋଲ୍‌ଟେବୁଲ ବୈଠକରେ ତୃତୀୟ ଅଧିବେଶନରେ ଭାରତର Secretary of States, Sir. Samuel Hoare ଘୋଷଣା କଲେ ଯେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବରେ ଭାରତର ରାଷ୍ଟ୍ର ଭିତରେ ରହିବ ।

ଗୋଲ୍‌ଟେବୁଲ ବୈଠକରେ ତୃତୀୟ ଥରପାଇଁ ଯୋଗ ଦେଇଥିବା ପାରଳା ମହାରାଜାଙ୍କୁ ବ୍ରହ୍ମପୁରଠାରେ ଉତ୍କଳ ସମ୍ମିଳନୀରେ ବିଶେଷ ଅଧିବେଶନ ବସି ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ଏଥିରେ ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ସଭାପତିତ୍ୱ କରିଥିଲେ । ଏହି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ୧୯୩୩ ଫେବୃୟାରୀ ମାସରେ କଟକରେ ମଧୁବାବୁଙ୍କ ଅନୁରୋଧରେ ଟାଉନ୍ ହଲ୍‌ରେ ମହାରାଜାଙ୍କୁ ସେହି ଅନୁରୂପ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଇଥିଲା ।

ଏହାପରେ ସାଇମନ କମିସନଙ୍କ ପ୍ରସ୍ତାବ ଅନୁଯାୟୀ ଭାରତ ସରକାର ୧୯୩୧ ମସିହାରେ S.P.O. Donnelଙ୍କ ଅଧ୍ୟକ୍ଷତାରେ ସୀମା କମିଟି ଗଠନ କରିଥିଲେ । ଏହି କମିଟିର ତଦନ୍ତପରେ ଓଡ଼ିଶାରୁ ପାରଳାଖେମୁଣ୍ଡି ଓ ଜୟପୁର ସମେତ ଅନ୍ୟାନ୍ୟ ପ୍ରାଦେଶିକ ଉପାନ୍ତ ଅଞ୍ଚଳ ସବୁ ବାଦ୍ ଦେଇଥିଲେ । ଫଳରେ ଓଡ଼ିଆମାନଙ୍କ ପକ୍ଷରୁ ପାରଳାଖେମୁଣ୍ଡି ମହାରାଜାଙ୍କ ଇଙ୍ଗିତରେ ଅଧିକ ଆନ୍ଦୋଳନ ଜାଗି ଉଠିଲା । ୧୯୩୨ରେ ସିମିଳାଠାରେ ପାରଳା ମହାରାଜାଙ୍କ ନେତୃତ୍ୱରେ ତଦାନୀନ୍ତନ ଗଭର୍ଣ୍ଣର ଜେନେରାଲ୍ Lord Willington ଙ୍କୁ ଓଡ଼େନେଲ କମିଟିର ରିପୋର୍ଟରେ ଓଡ଼ିଆମାନଙ୍କ ପ୍ରତି ଯେଉଁ ଅନ୍ୟାୟ

Digitized by srujanika@gmail.com

ହୋଇଥିଲା, ତାହା ବିରୋଧରେ ବୁଝାଇ ଦେଲେ । ୧୯୩୩ ମସିହା ଜୁଲାଇ ୩ ତାରିଖରେ ପାରଳା ମହାରାଜାଙ୍କ ଅଧିନାୟକତ୍ୱରେ ସାତଜଣିଆ ସଭ୍ୟ ବିଶିଷ୍ଟ ଏକ କମିଟି ଥାଇ ଭାରତର Secretary of States ନିକଟରେ ଏକ ସ୍ମାରକପତ୍ର ସହ ଦାବି ଉତ୍ଥାପନ କଲେ । ଏହି କମିଟିର ସମସ୍ତ ଖର୍ଚ୍ଚ ପାରଳା ମହାରାଜା ବହନ କରିଥିଲେ । ପାରଳାଖେମୁଣ୍ଡି ଓ ଜୟପୁର ଓଡ଼ିଶାରେ ନ ମିଶିଲେ ସେ ଆମରଣ ଅନଶନ କରିବେ ବୋଲି ମଧ୍ୟ ଜିଦ୍ ଧରିଲେ । ୧୯୩୫ ମସିହା ନଭେମ୍ବର ମାସରେ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀଦ୍ୱୟ ମିଶ୍ରଣ ବିଷୟ ଯୁଗ୍ମ ପାର୍ଲାମେଣ୍ଟାରୀ କମିଟି ଦ୍ୱାରା ସୁପାରିସ ହୋଇ ବିଲାତର ସାଧାରଣ ସଭା ଗୃହରେ ଅନୁମୋଦିତ ହେଲା ।

ଭାରତ ସରକାରଙ୍କ ବିଲ୍ ମଧ୍ୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବ୍ୟବସ୍ଥା ସବୁ କରାଗଲା । କିନ୍ତୁ ଜୟପୁର ଅଧୀନରେ ଥିବା ବିଶାଖାପାଟଣା ଜୟପୁର ମହାରାଜାଙ୍କ ତେଲୁଗୁ ଦେଓ୍ୱାନଙ୍କ କାରସାଦି ହେତୁ ତାହା ଆନ୍ଧ୍ରପ୍ରଦେଶରେ ମିଶିଗଲା । ଏହାହିଁ ଦେଓ୍ୱାନଙ୍କ କୂଟଚକ୍ରାନ୍ତ କଥା । ୧୯୩୬ ମସିହା ଏପ୍ରିଲ୍ ପହିଲାରେ 'ସ୍ୱତନ୍ତ୍ର ଉତ୍କଳ ଦିବସ' ଘୋଷଣା କରାଗଲା । ଓଡ଼ିଶାସାରା ଉତ୍କଳ ଦିବସ ମହାସମାରୋହରେ ପାଳନ କରାଗଲା । ମହାରାଜାଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସାଧନାକୁ ନେଇ ସିଦ୍ଧି ଲାଭ ହେଲା ।

ଅଖିଳ ଭାରତୀୟ ଜାତୀୟ କଂଗ୍ରେସ, ୧୯୩୫ରେ ଭାରତ ସଂସ୍କାର ବିଲ୍ ଅନୁସାରେ ଉକ୍ତ ଆଇନ୍‌କୁ ଗ୍ରହଣ କରି ସମଗ୍ର ଉତ୍କଳରେ ନିର୍ବାଚନ କରାଇଥିଲେ । ୧୧ଟି ପ୍ରଦେଶ କଂଗ୍ରେସ ପରି ନିର୍ବାଚନ ସୂତ୍ରରେ ମନ୍ତ୍ରିମଣ୍ଡଳ ଗ୍ରହଣ କଲା । ସେତେବେଳେ ନୂତନ ଓଡ଼ିଶାରେ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ୬ଟି ମାତ୍ର ଜିଲ୍ଲା ଥିଲା । ବିଶାଖାପାଟଣା ଜିଲ୍ଲାରୁ ଜୟପୁର ଓ ପଟାଙ୍ଗୀ ତାଲୁକାର ଜୟପୁରର ଅନ୍ତର୍ଭୁକ୍ତ ହୋଇ ନ ଥିବା ଅଞ୍ଚଳ ମଧ୍ୟପ୍ରଦେଶରୁ ଖଡ଼ିଆଳ ଜମିଦାରୀ, ବିଳାସପୁରରୁ ୫ଟି ଗ୍ରାମ ଏବଂ କୁହାକୁଣ୍ଡା, ବାଦିମାଳ, ପଞ୍ଚକୁଡ଼ଖିଅ, ଯେପଲି ଓ ଠାକୁରପାଲି ଓଡ଼ିଶା ପ୍ରଦେଶରେ ସାମିଲ୍ ହେଲା । ଆସେମ୍ବ୍ଲିର ସଦସ୍ୟ ସଂଖ୍ୟା ୬୦ରୁ ୫୬ ଜଣ.ନିର୍ବାଚିତ ପ୍ରତିନିଧି, ୪ଜଣ ସରକାରଙ୍କ ମନୋନୀତ ସଭ୍ୟ । ସେତେବେଳେ ଭୋଟ ପ୍ରଚାରର ମାଧ୍ୟମ ଥିଲା ସଂକୀର୍ତ୍ତନ । "ନିଜେ ମରିବୁ ପଛେ, ଅନ୍ୟକୁ ମାରିବୁ ନାହିଁ ।" - ଏହି ସତ୍ୟ ଓ ଅହିଂସା ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ଚାଲୁଥିଲା । ୬୦ଟି ସ୍ଥାନରୁ କଂଗ୍ରେସ ୩୬ ଟି ଭୋଟପାଇ ଗରିଷ୍ଠ ଦଳରୂପେ ମନ୍ତ୍ରିମଣ୍ଡଳ ଗଢ଼ିବାର ସ୍ଥାନ ଲାଭ କରିଥିଲା ।

Digitized by srujanika@gmail.com

ଦେଶ ଶାସନରେ ରହିବାକୁ କଂଗ୍ରେସର କେତୋଟି ସର୍ତ୍ତ ଥିଲା । ନିର୍ବାଚିତ ପ୍ରତିନିଧିମାନେ ବ୍ୟକ୍ତିଗତ ଆଚରଣରେ ସେ ଶୃଙ୍ଖଳାକୁ କଡ଼ାକଡ଼ିଭାବେ ପାଳନ କରୁଥିଲେ । କଂଗ୍ରେସ ସଭାପତିଙ୍କୁ ସେତେବେଳେ 'ରାଷ୍ଟ୍ରପତି' ବୋଲି କହୁଥିଲେ । କଂଗ୍ରେସର ପ୍ରଥମ ସର୍ତ୍ତ ଥିଲା ଯେ ମନ୍ତ୍ରିମଣ୍ଡଳର ପରାମର୍ଶ ଗଭର୍ଣ୍ଣର ବା ରାଜ୍ୟପାଳ ଗ୍ରହଣ କରିବେ । ଗଭର୍ଣ୍ଣର ନିଜର କୌଣସି ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ଶାସନରେ ହସ୍ତକ୍ଷେପ କରିପାରିବେ ନାହିଁ । ସେତେବେଳେ ସାର୍ ଜନ୍ ଅଷ୍ଟିନ୍ ହବାକ୍ ନବଗଠିତ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ହୋଇ ଆସିଲେ । ସମ୍ବାଦପତ୍ର ମାଧ୍ୟମରେ ଏକ ବାର୍ତ୍ତାରେ ସେ ୧୯୩୬ ମସିହା ମାର୍ଚ୍ଚ ୩୦ ତାରିଖରେ ଘୋଷଣା କଲେ । ନୂତନ ଓଡ଼ିଶା ପ୍ରଦେଶକୁ ସେ ଶୃଙ୍ଖଳିତ କରିବେ । ଓଡ଼ିଶାର ଉନ୍ନତି ସାଧନହିଁ ଶାସନର ଲକ୍ଷ୍ୟ ହେବ । ସେଥିପାଇଁ ନିର୍ବାଚିତ ମନ୍ତ୍ରୀମାନଙ୍କର ସହଯୋଗ ସେ କାମନା କରିଥିଲେ । କିନ୍ତୁ ନିଖିଳ ଭାରତର କଂଗ୍ରେସ କମିଟିଙ୍କ ପ୍ରସ୍ତାବ ସେ ଗ୍ରହଣ କରିପାରିଲେ ନାହିଁ । ଫଳରେ ମନ୍ତ୍ରିମଣ୍ଡଳ ଗଠନ ସେ କରିପାରିଲେ ନାହିଁ । ତେଣୁ ସରକାରଙ୍କ ତରଫରୁ ଏକ ବିକଳ୍ପ ମନ୍ତ୍ରିମଣ୍ଡଳ ଗଢ଼ାହେଲା । ଏହି ପରିପ୍ରେକ୍ଷୀରେ ଅନ୍ୟ କୌଣସି ଉପାୟ ନ ଦେଖି ନବଉତ୍କଳର ଗଭର୍ଣ୍ଣର ହବାକ୍ ସାହେବଙ୍କ ଆହ୍ୱାନକ୍ରମେ, ଅଣକଂଗ୍ରେସ ଦଳର ନିର୍ବାଚିତ ନେତା ପାରଳାଖେମୁଣ୍ଡି ମହାରାଜା ଗଜପତି କୃଷ୍ଣଚନ୍ଦ୍ରଙ୍କୁ ମନ୍ତ୍ରିମଣ୍ଡଳ ଗଢିବାକୁ ଅନୁରୋଧ କଲେ । ୧୯୩୭ ମସିହା ଏପ୍ରିଲ୍ ପହିଲାରେ ଏହି ନୂତନ ମନ୍ତ୍ରିମଣ୍ଡଳ ଗଢ଼ା ହେଲା । ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ବୋଲି କୁହାଯାଉଥିଲା । ସହଯୋଗୀ ମନ୍ତ୍ରୀ ଭାବରେ ଗୋରାଚାନ୍ଦ ପଟ୍ଟନାୟକ ଗଞ୍ଜାମର ଓ ମୌଲବୀ ମହମ୍ମଦ ଲତଫୀ ରହମନ୍ ପୁରୀର ମନ୍ତ୍ରିମଣ୍ଡଳରେ ଯୋଗଦେଲେ । ଏହାହିଁ ଓଡ଼ିଶାର ସର୍ବପ୍ରଥମ ମନ୍ତ୍ରିମଣ୍ଡଳ ।

ମାତ୍ର ମନ୍ତ୍ରିମଣ୍ଡଳ ଗଢ଼ି ତିନିମାସ ମନ୍ତ୍ରିତ୍ୱ ଗ୍ରହଣ କରିବା ପରେ, ୧୯୩୭ ଜୁଲାଇ ୧୮ ତାରିଖରେ ପାରଳା ମନ୍ତ୍ରିମଣ୍ଡଳ ଇସ୍ତଫା ଦେଲେ । କାରଣ ଏହା ଲୋକମାନଙ୍କ ନିର୍ବାଚିତ ପ୍ରତିନିଧି ଭାବରେ ସଂଖ୍ୟାଗରିଷ୍ଠତା ନ ଥିଲା । ଅପରନ୍ତୁ ବିଧାନସଭାରେ ସଭ୍ୟମାନଙ୍କ ସହ ଏକାଠି ବସିବା ସୌଭାଗ୍ୟ ଏହି ମନ୍ତ୍ରିମଣ୍ଡଳ ପାଇଲେ ନାହିଁ । ଏହା ସଂଖ୍ୟାନ୍ୟୁନ ଗୋଷ୍ଠୀର ମନ୍ତ୍ରିମଣ୍ଡଳ ଥିଲା । ତେଣୁ ପ୍ରଧାନମନ୍ତ୍ରୀ ବିଧାନସଭାର ଅଧିବେଶନ ଡକାଇବାକୁ ଉଚିତ ମନେକଲେ ନାହିଁ ।

Digitized by srujanika@gmail.com

ମହାରାଜାଙ୍କ ଗୃହଜୀବନ

ମହାରାଜା କୃଷ୍ଣଚନ୍ଦ୍ରଙ୍କ ପିତା ଗୌରଚନ୍ଦ୍ର ଗଜପତି । ୧୯୦୪ ମସିହାରେ ତାଙ୍କର ପରଲୋକ ହେଲା । ତାଙ୍କର ଏକମାତ୍ର ଉତ୍ତରାଧିକାରୀ ଯୁବରାଜ କୃଷ୍ଣଚନ୍ଦ୍ରଙ୍କର ବୟସ ସେତେବେଳକୁ ୧୩ ବର୍ଷ । ତାଙ୍କ ମାତାଙ୍କ ନାମ ବିଷ୍ଣୁପ୍ରିୟା । ପୁରୁଣା ପାଟଣାର ଏକ ମଧ୍ୟବର୍ତ୍ତୀ ସାମନ୍ତ ପରିବାରରେ ତାଙ୍କର ଜନ୍ମ । ସେ ଅତ୍ୟନ୍ତ ସ୍ନେହଶୀଳା, ଶାନ୍ତ ଓ ରାଧାକୃଷ୍ଣ -ଭକ୍ତିପରାୟଣା ଥିଲେ । ସେ ପ୍ରତ୍ୟହ ରାମାୟଣ, ଭାଗବତ ଓ ମହାଭାରତ ପଢୁଥିଲେ । ସେଥିର ନୀତିକଥାମାନ ନିଜପୁଅ କୃଷ୍ଣଚନ୍ଦ୍ରଙ୍କୁ ଓ ଦାସୀ ପୋଇଲୀ ପରିବାରୀଙ୍କୁ ଶୁଣାଇ ଆନନ୍ଦ ଲାଭ କରୁଥିଲେ । ଏଥିପାଇଁ ଶୈଶବରୁ ତାଙ୍କ ଉପରେ ମାତାଙ୍କର ପ୍ରଭାବ ପଡ଼ିଥିଲା ।

ଶିଶୁ କୃଷ୍ଣଚନ୍ଦ୍ର ବାଲ୍ୟକାଳରୁ ମାଆଙ୍କ କୋଳରେ ବସି ବରାବର 'ମହାଭାରତ' କଥା ଶୁଣୁଥିଲେ । ଥରେ ବାଳକ କୃଷ୍ଣଚନ୍ଦ୍ର ମାଆଙ୍କୁ ପଚାରିଲେ , "ମାମା ! ମହାଭାରତର ଶ୍ରେଷ୍ଠ ବ୍ୟକ୍ତି କିଏ ?" ମାଆ କହିଲେ 'ଭୀଷ୍ମଦେବ' । ସେ ସମଗ୍ର କ୍ଷତ୍ରିୟ କୁଳର ପିତୃ ପୁରୁଷ , ଆମ ବଂଶ ଗଙ୍ଗବଂଶ । ଶାନ୍ତନୁଙ୍କ ଔରସରେ ଗଙ୍ଗାଦେବୀଙ୍କ ଗର୍ଭରୁ ସେ ଜାତ ହୋଇଥିଲେ । ମାଘ ମାସରେ ଭୀଷ୍ମାଷ୍ଟମୀ ପଡ଼େ । ସେଦିନ ହିନ୍ଦୁ ଜଗତର ସମସ୍ତେ ତାଙ୍କର ତିଳତର୍ପଣ କରନ୍ତି । ସେ ଅତି ପିତୃଭକ୍ତ ଥିଲେ । ପିତାଙ୍କର ସ୍ୱାର୍ଥସାଧନ ପାଇଁ ସେ ରାଜସିଂହାସନର ପ୍ରଲୋଭନରୁ ଦୂରେଇ ଯାଇ ଆଜନ୍ମ ବ୍ରହ୍ମଚାରୀ ଥିଲେ । ହସ୍ତିନା ରାଜବଂଶର ସେ କୁଳବୃଦ୍ଧ । ତାଙ୍କପରି ସ୍ଥିତପ୍ରଜ୍ଞ , ବିଷ୍ଣୁଭକ୍ତ ,ବୀର ପ୍ରତିଜ୍ଞାବଦ୍ଧ ସୁ-ପୁରୁଷ ସିଂହ କେହି ଜନ୍ମି ନାହାନ୍ତି । ବାଲ୍ୟାବସ୍ଥାରୁ କୃଷ୍ଣଚନ୍ଦ୍ରଙ୍କ ମନରେ ଜଣେ ଆଦର୍ଶ ରାଜା ଭାବରେ ଗଙ୍ଗବଂଶର ମହତ୍ତ୍ୱ ସହିତ ଭୀଷ୍ମଙ୍କ ଆଦର୍ଶ ସଂଦୀପ୍ତ ହୋଇ ଉଠିଲା ।

ବାଲ୍ୟ କାଳରେ କୃଷ୍ଣଚନ୍ଦ୍ର ଶ୍ୟାମସୁନ୍ଦର ରାଜଗୁରୁଙ୍କ ଗୃହ ଶିକ୍ଷକତାରେ ପ୍ରାଥମିକ ଶିକ୍ଷା ଶେଷ କରିଥିଲେ । ପାରଳାଖେମୁଣ୍ଡିର ପରିଚାଳନା ପାଇଁ ଓ ଅଧିକ ଶିକ୍ଷା ପାଇଁ ମାନ୍ଦ୍ରାଜର ରାଜକୁମାର କଲେଜରେ ସେ ଅଧ୍ୟୟନ କରିଥିଲେ । ସେଠାରେ ତାଙ୍କର ଘରୋଇ ଶିକ୍ଷକ ଭାବେ ଦୁଇଜଣ ଥିଲେ । ମି: ମୋରିସନ ଜଣେ ସୁପଣ୍ଡିତ

Digitized by srujanika@gmail.com

ଥିଲେ । ତାଙ୍କଠାରୁ ସେ ରାଜନୀତି, ବିଜ୍ଞାନ, ଇତିହାସ, ସାଧୁତା, ବ୍ୟାବହାରିକ ପଦ୍ଧତି ଓ ଉନ୍ନତ ଅଭିରୁଚିପୂର୍ଣ୍ଣ ବ୍ୟବହାର ଶିକ୍ଷା କରିଥିଲେ । ଥରେ ରାଜକୁମାର କଲେଜରେ 'ହରିଶ୍ଚନ୍ଦ୍ର' ନାଟକ ଅଭିନୀତ ହୋଇଥିଲା । ସେଥିରେ ସେ ଋଷି ବିଶ୍ୱାମିତ୍ରଙ୍କ ପାର୍ଟ ନେଇଥିଲେ । ରାଜା ହରିଶ୍ଚନ୍ଦ୍ରଙ୍କ ଦାନଶୀଳତା ସହିତ ସତ୍ୟରକ୍ଷାର ପରୀକ୍ଷାପୂର୍ବକ ସେ କିପରି ରାଜ୍ୟ ଅପହରଣ କରି ନେଇଥିଲେ, ତାହା ସେ ସୁନ୍ଦର ଭାବେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । କିନ୍ତୁ ନାଟକୀୟ କଥାବସ୍ତୁରେ ସତ୍ୟରକ୍ଷା ସହିତ ଦାନର ମହତ୍ତ୍ୱ ତାଙ୍କ ଭବିଷ୍ୟତ୍ ଜୀବନରେ ଗଭୀର ରେଖାପାତ କରିଥିଲା ।

କଲେଜ ଶିକ୍ଷା ଶେଷ ପରେ ତାଙ୍କର ୧୯୨୩ ମସିହାରେ ଅଭିଷେକ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା । ସେଦିନ ତାଙ୍କର କୁଳପୁରୋହିତ ପଣ୍ଡିତ ମଧୁସୂଦନ ରାଜଗୁରୁ ଯୁବକ କୃଷ୍ଣଚନ୍ଦ୍ରଙ୍କୁ ବଡ଼ରାଜଦାଣ୍ଡର ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ନେଇ ରାଜାଭାବରେ କେତୋଟି ନୀତି ପାଳନ କରିବାକୁ ଉପଦେଶ ଦେଲେ । ସେ ସେଥିରେ ପ୍ରତିଶ୍ରୁତିବଦ୍ଧ ହେଲେ । ଆଦର୍ଶ ଶାସକ ଭାବେ ଏ ନୀତିଗୁଡ଼ିକ ଅତି ଉପାଦେୟ ଓ ଶିକ୍ଷଣୀୟ । ପ୍ରଜାମାନଙ୍କୁ ସନ୍ତୁଷ୍ଟ କରିବା, ହିନ୍ଦୁଧର୍ମ ରକ୍ଷା, ସୁରାପାନ ନ କରିବା, ପ୍ରଲୋଭନରୁ ଦୂରେଇ ରହିବା ଓ ଅପରାଧୀକୁ ଦଣ୍ଡ ଦେବା ହେଲା ଏହି ନୀତିବାଣୀ । ଯଥାସମ୍ଭବ ଆଜୀବନ ରାଜଗୁରୁଙ୍କ ଏହି ଉପଦେଶକୁ ସାରାଜୀବନ ପାଳନ କରିବାକୁ ସେ ପ୍ରତିଜ୍ଞାବଦ୍ଧ ହୋଇଥିଲେ ।

ମହାରାଜାଙ୍କୁ ସେତେବେଳେ ୨୩ ବର୍ଷ, ସେତେବେଳେ ସେ ବିବାହ କରିଥିଲେ । ଖରସୁଆଁ ରାଜାଙ୍କର କନ୍ୟା ସହିତ ତାଙ୍କର ବିବାହୋତ୍ସବ ମହାସମାରୋହରେ ପାଳିତ ହୋଇଥିଲା । ବିବାହ ପରେ ତାଙ୍କର ଦୁଇଟି କନ୍ୟା ଓ ଦୁଇଟି ପୁତ୍ର ଜନ୍ମ ହୋଇଥିଲେ । ନିରବଚ୍ଛିନ୍ନ ଅଖଣ୍ଡ ସୁଖ କାହା ଭାଗ୍ୟରେ ଘଟେ ନାହିଁ । ସୁଖ ଦୁଃଖ ଦୁଇ ଭାଇ ଭଳି । ଗୋଟିକ ପରେ ଗୋଟିଏ ଶଗଡ଼ ଚକର ପହି ଭଳି ତଳ ଉପର ହୁଅନ୍ତି । ଏତେ ବଡ଼ ଗୁଣାଙ୍କ ରାଜା ହୋଇ ସେ ଚିରଦିନ ଗୃହସ୍ଥାଶ୍ରମ ସୁଖରୁ ବଞ୍ଚିତ ହେଲେ । ଦୁଇ ପୁଅ, ଦୁଇ ଝିଅ ଜନ୍ମ କରି ଅକାଳରେ ରାଣୀ ଦେହତ୍ୟାଗ କଲେ । ମହାରାଜାଙ୍କୁ ସେତେବେଳେ ମାତ୍ର ୩୩ ବର୍ଷ । ସେ ଇଚ୍ଛା କରିଥିଲେ ପୁଣି ଥରେ ବିବାହ କରିପାରିଥାନ୍ତେ । କିନ୍ତୁ ସେ ସେଥିରେ ରାଜି ହୋଇ ନ ଥିଲେ । ମାତୃହରା ସନ୍ତାନସନ୍ତତିଙ୍କ ଲାଳନ ପାଳନ ଭାର ତାଙ୍କ ବୃଦ୍ଧା ମାତା ବହନ କଲେ । ଅକାଳରେ ବିପତ୍ନୀକ ହେବାରୁ, ତାଙ୍କ ପାରିବାରିକ ଜୀବନରେ ଘୋର ବିପର୍ଯ୍ୟୟ ଦେଖାଦେଲା ।

Digitized by srujanika@gmail.com

ସେ ତାଙ୍କର ସମସ୍ତ ସମୟ ଦେଶ ଓ ଜାତି ଚିନ୍ତାରେ କଟାଇବାକୁ ଲାଗିଲେ । ପ୍ରିୟତମା ପତ୍ନୀଙ୍କର ବିୟୋଗରେ ସେ ଗୃହାସ୍ଥାଶ୍ରମରୁ ବଞ୍ଚିତ ହେଲେ ।

ଧର୍ମଶାସ୍ତ୍ର ଅନୁସାରେ ରାଜା ବିପତ୍ନୀକ ହେବା ଉଚିତ ନୁହେ । ଏକଥା ତାଙ୍କ କୁଳଗୁରୁ ବହୁତଥର ବୁଝାଇ ମଧ୍ୟ ହତୋତ୍ସାହ ହେଲେ । କୃଷ୍ଣଚନ୍ଦ୍ର ଏ ସବୁ ଉପଦେଶକୁ ପ୍ରତ୍ୟାଖ୍ୟାନ କରିଥିଲେ । ରାଜା ରାମଚନ୍ଦ୍ର ବିପତ୍ନୀକ ଥିଲେ । ଶେଷ ଜୀବନ ସୀତାଙ୍କ ବିରହରେ ସେ ବହୁ କଷ୍ଟ ସହିଥିଲେ । ରାଜା ରାମଚନ୍ଦ୍ର ବିପତ୍ନୀକ ଥିଲେ ସୁଦ୍ଧା ପୁନଶ୍ଚ ଦାର ପରିଗ୍ରହ କରି ନ ଥିଲେ । ପ୍ରଭୁ ରାମଚନ୍ଦ୍ର ହିନ୍ଦୁଜଗତର ମର୍ଯ୍ୟାଦା ପୁରୁଷୋତ୍ତମ ଥିଲେ । ତାଙ୍କରି ଆଦର୍ଶ ଗ୍ରହଣୀୟ ବୋଲି କହିବାରୁ ରାଜଗୁରୁ ଆଉ ଏ ପ୍ରସ୍ତାବ ଉଠେଇଲେ ନାହିଁ । ସେତେବେଳକୁ ମଧ୍ୟପ୍ରଦେଶସ୍ଥ ବସ୍ତର ରାଜାଙ୍କର ମୃତ୍ୟୁ ହୋଇଥିଲା । ଏହା ଏକ ଓଡ଼ିଆଭାଷୀ ଅଞ୍ଚଳ । ସେଠାରେ ଅବିବାହିତା ରାଜକୁମାରୀଙ୍କ ବିବାହ ପାଇଁ ରାଜପୁରୋହିତ ଆସି ପାରଳାଖେମୁଣ୍ଡି ରାଜଭବନରେ ପହଞ୍ଚିଲେ । ବସ୍ତର ରାଜାଙ୍କର ପୁଅ ନ ଥିଲା । ସେଠାକୁ ଘରଜ୍ୱାଇଁ ହୋଇ ଯିବାକୁ ମହାରାଜା କୃଷ୍ଣଚନ୍ଦ୍ର ଏକମାତ୍ର ସମର୍ଥ ହେବେ ବୋଲି ରାଜପୁରୋହିତ ଏହି ପ୍ରସ୍ତାବ ଉପରେ ଅଡ଼ି ବସିଲେ । କିନ୍ତୁ ମହାରାଜା ଆଉ ଥରେ ବିବାହ କରିବେ ନାହିଁ ବୋଲି ସଫା ସଫା କହିଦେଲେ । ଏହାପରେ ମୟୂରଭଞ୍ଜ ରାଜାଙ୍କ ରାଜଭ୍ରାତା ସଙ୍ଗେ ବସ୍ତର ରାଜକୁମାରୀଙ୍କର ବିବାହ ହେଲା ଏବଂ ବସ୍ତର ରାଜ୍ୟର ସେ ରାଜା ହେଲେ । ଅର୍ଥ ଓ କ୍ଷମତା ପ୍ରତି ତାଙ୍କର ଲୋଭ ବା ମନ ନ ଥିଲା । ଥିଲେ ସେ ଏହି ପ୍ରସ୍ତାବ ବା ପଦବୀ ପ୍ରତ୍ୟାଖ୍ୟାନ କରି ନ ଥାନ୍ତେ ।

ମହାରାଜାଙ୍କ ପାରିବାରିକ ଜୀବନ ଅତି ଦୁଃଖଦାୟକ ଥିଲା । ତାଙ୍କର ଜ୍ୟେଷ୍ଠ ସନ୍ତାନ ଓ ଜ୍ୟେଷ୍ଠା କନ୍ୟା ଅଳ୍ପ ବୟସରେ ପ୍ରାଣତ୍ୟାଗ କରିଥିଲେ । ଏହି ଦାରୁଣ ଦୁଃଖରେ ସେ ମ୍ରିୟମାଣ ହୋଇ ପଡ଼ିଥିଲେ । ପ୍ରଜାଲାଗି ରାଜାର ଜନ୍ମ । ପ୍ରଜାମାନଙ୍କୁ ସେ ସନ୍ତାନଭଳି ଦେଖୁଥିଲେ । ନିଜ ପ୍ରଜାଙ୍କର ଦୁଃଖ ସୁଖ, ଦେଶସେବା ତଥା ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରେ କିପରି ପରିଣତ ହେବ, ସେଥିପାଇଁ ତାଙ୍କ ଜୀବନର ଶ୍ରେଷ୍ଠ ବ୍ରତ ବୋଲି ସେ ଗ୍ରହଣ କରିଥିଲେ । ଏହି କାରଣରୁ ତାଙ୍କର ସମସ୍ତ ଧନସମ୍ପତ୍ତି, ମନପ୍ରାଣ ଦେଶମାତୃକାର ପଦତଳେ ଢାଳି ଦେଇଥିଲେ । ସ୍ୱତନ୍ତ୍ର ଉତ୍କଳ ପାଇଁ ସେ ସର୍ବସ୍ୱାନ୍ତ ହୋଇଥିଲେ ।

ମହାରାଜାଙ୍କର ସମୟଜ୍ଞାନ ଅତି ଉଚ୍ଚକୋଟୀର ଥିଲା । ସମୟକୁ ନେଇ ସେ କର୍ତ୍ତବ୍ୟକାର୍ଯ୍ୟ ନିର୍ଦ୍ଧାରଣ କରୁଥିଲେ । ତାଙ୍କ ଇଂରାଜୀ ଶିକ୍ଷକ ମିଃ ମୋରିସନଙ୍କଠାରୁ ସେ ଏହା ଶିକ୍ଷା କରିଥିଲେ । ସମୟର ସଦ୍‌ବ୍ୟବହାର କରିବା ମହାରାଜାଙ୍କର ଏକ ବିଶିଷ୍ଟ

Digitized by srujanika@gmail.com

ଗୁଣି ଥିଲା । ସମୟ ଏକ ଚୋର । ତାକୁ ନ ଜଗିଲେ, ସେ ତୁମକୁ ଚୋରିକରି ନେଇଯାଏ । ସେ ଚୋରପ୍ରତି ଯିଏ ଯେତେ ସାବଧାନରେ ରହିବ, ସେ ସେତିକି ଭଲ ମଣିଷ ହେବ । ଏକଥା କିନ୍ତୁ ସମସ୍ତେ ଜାଣନ୍ତି ନାହିଁ । କେବଳ ବିବେକୀ ଲୋକ ଏକଥା ଭଲଭାବେ ଜାଣିପାରିଥାନ୍ତି । ଇଂରେଜମାନଙ୍କର ସମୟଜ୍ଞାନ ଅତି ପ୍ରଖର । ତେଣୁ ସେମାନେ ଉନ୍ନତ ସୁସଭ୍ୟ ଜାତିରୂପେ ସାରା ପୃଥିବୀରେ ବିବେଚିତ । ପ୍ରତ୍ୟହ ବ୍ରାହ୍ମ ମୁହୂର୍ତ୍ତରେ ମହାରାଜା ଶଯ୍ୟା ତ୍ୟାଗ କରୁଥିଲେ । ସକାଳ ୬ଟା ବେଳେ ସାମାନ୍ୟ ଜଳଯୋଗ ପରେ ସେ ନିଜ ମଟରଗାଡ଼ିରେ ତାଙ୍କ କୃଷିକ୍ଷେତ୍ରକୁ ଯାଉଥିଲେ । ସେ ସେଠାରେ ତାଙ୍କ ଗୋରୁଗାଈଙ୍କ ଖାଦ୍ୟପେୟ ବିଷୟ ବୁଝୁଥିଲେ । ତା'ପରେ କର୍ମଚାରୀମାନଙ୍କର ଅଭାବ ଅସୁବିଧା, ଗୋ-ଶାଳାର ଭଲମନ୍ଦ ସବୁକିଛି ବୁଝି ତାର ଉପଯୁକ୍ତ ପ୍ରତିକାର କରୁଥିଲେ । ଏହି ହେତୁ କୃଷିକ୍ଷେତ୍ର ଓ ଗୋ-ସେବାରେ ତାଙ୍କର କିଛିମାତ୍ର ତ୍ରୁଟି ରହୁ ନ ଥିଲା । ଗୋରୁ ଗାଈଙ୍କ ଯତ୍ନପାଇଁ ସେ ଜଣେ ପଶୁଚିକିତ୍ସକ ରଖିଥିଲେ । ଅନ୍ୟ ଲୋକମାନେ ଏହି ପଶୁ ଚିକିତ୍ସକଙ୍କ ଦ୍ୱାରା ମଧ୍ୟ ଅଧିକଭାବେ ଉପକୃତ ହେଉଥିଲେ ।

ସକାଳ ନଅଟାବେଳେ ସେ ରାଜନବରକୁ ଫେରିଆସି ନିଜର ନିତ୍ୟକର୍ମ ଶେଷକରି, ତା'ପରେ ଦେବାର୍ଚ୍ଚନ କରୁଥିଲେ । ସେ ସମୟରେ ତାଙ୍କର ରାଜଗୁରୁ ଓ ଅନ୍ୟାନ୍ୟ ସାହାଯ୍ୟକାରୀ ବ୍ରାହ୍ମଣମାନେ ପାଖରେ ରହୁଥିଲେ । ଦେବାର୍ଚ୍ଚନ ସମୟରେ ସେ ପଟ୍ଟବସ୍ତ୍ର ପରିଧାନପୂର୍ବକ ତିଳକ, ମହାପ୍ରସାଦ ସେବନ, ଇଷ୍ଟଦେବୀ ମାଣିକେଶ୍ୱରୀଙ୍କର ଆରାଧନା କରୁଥିଲେ । ଜପକର୍ମ ଶେଷକରି ତାଙ୍କ ଅଧୀନରେ ଥିବା ମଠ, ମନ୍ଦିର, ସେବାକାରୀ, ଭୋଗରାଗ ଓ ମନ୍ଦିରମାନଙ୍କର କାର୍ଯ୍ୟକଳାପ, ନିୟମିତ ଭାବେ ଦେଖାଶୁଣା କରୁଥିଲେ । ଅଭାବ ଅସୁବିଧା ଥିଲେ ତାର ପ୍ରତିକାର କରୁଥିଲେ ।

ଦେବାର୍ଚ୍ଚନ ପରେ ସକାଳବେଳା ୧୧ଟା ପରେ ତାଙ୍କର ଭୋଜନକାର୍ଯ୍ୟ ଶେଷ ହେଉଥିଲା । ତାପରେ ସେ ରାଜକାର୍ଯ୍ୟରେ ନିୟୋଜିତ ହେଉଥିଲେ ।

Digitized by srujanika@gmail.com

ଆଦର୍ଶ ଶାସକ ଭାବରେ

ମହାରାଜାଙ୍କ ପିତା ଗୌରଚନ୍ଦ୍ର ଗଜପତି ପରଲୋକ ବେଳକୁ ରାଜ୍ୟ ରାଜକୋଷରେ ପ୍ରାୟ ୨୫ ଲକ୍ଷ ଟଙ୍କା ଜମା କରିଯାଇଥିଲେ ବୋଲି ପୁତ୍ର କୃଷ୍ଣଚନ୍ଦ୍ରଙ୍କୁ କହି ଯାଇଥିଲେ । ଗଜପତି ବଂଶର ଐତିହ୍ୟ ଓ ପରମ୍ପରା ଦୃଷ୍ଟିରୁ ଏତକ ଦାନ ଓ ଦେଶ ସେବାରେ ନିୟୋଜିତ ହେବ । ଏହା ୧୯୦୫ ମସିହା କଥା । ମହାରାଜା କୃଷ୍ଣଚନ୍ଦ୍ରଙ୍କୁ ସେତେବେଳେ ୧୩ ବର୍ଷ ବୟସ । ଏହି ଟଙ୍କା ପିତୃଦତ୍ତ । ତେଣୁ ମହାରାଜା ଦାନ, ଧର୍ମ ଲୋକୋପକାର ସେବାରେ ବ୍ରତୀ ହୋଇ ତାଙ୍କ ପରିଣତ ବୟସରେ ଏହାକୁ ଖର୍ଚ୍ଚରେ ଲଗାଇଥିଲେ । ଏହାଛଡ଼ା ତାଙ୍କ ପିତାଙ୍କ ମୃତ୍ୟୁବେଳକୁ ରେଙ୍ଗୁନ୍ ମ୍ୟୁନିସିପାଲିଟି ବ୍ୟାଙ୍କରେ ଯେଉଁ ଏକକୋଟି ଟଙ୍କା ଗଚ୍ଛିତ ଥିଲା, ସେଥିରୁ ଅର୍ଦ୍ଧାଧିକ ଟଙ୍କା ଦେଶ ସେବାରେ ବ୍ୟୟିତ ହୋଇଥିଲା । ବାକି ଅଧା ଟଙ୍କା ପ୍ରଜାମାନଙ୍କ ମଙ୍ଗଳ ସକାଶେ ସେ ନୌପଡ଼ାଠାରୁ ଗୁଣୁପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣରେ ଖର୍ଚ୍ଚ କରିଥିଲେ । ଏଥିରୁ ପାଠକେ ସେତେବେଳେ ଏକକୋଟି ଟଙ୍କା ବର୍ତ୍ତମାନ ଅର୍ଥନୈତିକ ଦୃଷ୍ଟିରୁ ତାହା କେତେ ଟଙ୍କା ହେବ, ଏହା ବିବେଚନା କରିବେ । ପ୍ରଜାନୁରଞ୍ଜନ ଓ ଦେଶସେବା ପାଇଁ ମହାରାଜାଙ୍କ ହୃଦୟ କେଡ଼େ ଉଦାର, ସତ୍ୟ ଓ ମହତ୍ତ୍ୱପୂର୍ଣ୍ଣ ତାହା ସହଜରେ ଅନୁମେୟ । ତାଙ୍କ ପିତା ପାରଳାଖେମୁଣ୍ଡିରୁ ନୌପଡ଼ା ପର୍ଯ୍ୟନ୍ତ ରେଳରାସ୍ତା ନିର୍ମାଣ କରିଥିଲେ ।

ମହାରାଜାଙ୍କ ଆଦର୍ଶ କୃଷି ଓ ଗୋ-ପାଳନ ପାଇଁ ଭାରି ଇଚ୍ଛା ଥିଲା । ସେଥିପାଇଁ ସେ ଅଜସ୍ର ଅର୍ଥ ବ୍ୟୟ କରିଥିଲେ । ନାରୀଶିକ୍ଷା ପାଇଁ ସେ ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପାରଳାଖେମୁଣ୍ଡି ସହରରେ ବସାଇଥିଲେ । ସଂସ୍କୃତ କଲେଜରେ ଛାତ୍ରମାନଙ୍କ ପାଇଁ ରହିବା ଓ ଖାଇବା ଖର୍ଚ୍ଚ ମଧ୍ୟ ବହନ କରୁଥିଲେ । ସବୁ ଜାତି ନିର୍ବିଶେଷରେ ବିଦ୍ୟାଧ୍ୟୟନ କରିବାପାଇଁ ତାଙ୍କ ହୃଦୟ ଉନ୍ମୁକ୍ତ ଥିଲା । ଫଳରେ ବହୁ ତେଲୁଗୁ ଓ ଓଡ଼ିଆପିଲା ଛାତ୍ରାବାସରେ ରହି କୃତବିଦ୍ୟ ହୋଇଛନ୍ତି । ତାଙ୍କ ପିତୃବ୍ୟଙ୍କ ସ୍ମୃତିସକାଶେ ପାରଳାଖେମୁଣ୍ଡିର ଗୋଟିଏ ରଙ୍ଗାଳୟ ସ୍ଥାପନ କରିଥିଲେ । ମହାରାଜାଙ୍କର ଇତିହାସ ପ୍ରତି ପ୍ରଗାଢ଼ ଶ୍ରଦ୍ଧା ଥିଲା । ତାଙ୍କ ବଂଶର ପୂର୍ଣ୍ଣାଙ୍ଗ ଇତିହାସ ଲେଖିବାକୁ ସେ ମନ କରିଥିଲେ । ତେଣୁ ସ୍ୱାଧୀନତା ସମୟର ସୁନାମଧନ୍ୟ ଐତିହାସିକ କଥା ପ୍ରତ୍ନତାତ୍ତ୍ୱିକ ରାଜଗୁରୁ

Digitized by srujanika@gmail.com

ବଂଶର ସତ୍ୟନାରାୟଣ ରାଜଗୁରୁଙ୍କ ତତ୍ତ୍ୱାବଧାନରେ ତାଙ୍କ ବଂଶର ଇତିହାସ ଲେଖା ସରିଲା । ପରେ ଓଡ଼ିଶା ସରକାରଙ୍କ ଦ୍ୱାରା ତାହା ପ୍ରକାଶିତ ହୋଇଥିଲା । ବହୁ ଲେଖକ ଓ କବିମାନଙ୍କର ଅପ୍ରକାଶିତ ଗ୍ରନ୍ଥ ସବୁ ପ୍ରକାଶ କରିବା ସକାଶେ ସେ ବହୁ ଅର୍ଥ ବ୍ୟୟ କରୁଥିଲେ । କୌଣସି ଗୁଣୀଲୋକ ମହାରାଜାଙ୍କ ଦ୍ୱାରସ୍ଥ ହୋଇ ରିକ୍ତ ହସ୍ତରେ ଫେରିବାର କେହି ଦେଖି ନାହାନ୍ତି । ୧୯୪୨ ମସିହାରେ ନୟାଗଡ଼ ରାଜା କୃଷ୍ଣଚନ୍ଦ୍ର ମାନଧାତାଙ୍କ ଆନୁକୂଲ୍ୟରେ ଯେଉଁ କୃଷି ଶିଳ୍ପ ପ୍ରଦର୍ଶନୀ ହୋଇଥିଲା, ସେହି ପ୍ରଦର୍ଶନୀରେ ପାରଳାଖେମୁଣ୍ଡିର ଷ୍ଟଲ୍ ସବୁଠାରୁ ଚିତ୍ତାକର୍ଷକ ହୋଇଥିଲା । ମହାରାଜା କୃଷି ଶିଳ୍ପ, ବିଶେଷତଃ କୁଟୀର ଶିଳ୍ପ ପାଇଁ କିପରି ମନନଶୀଳ ଥିଲେ ଏଥିରୁ ସ୍ପଷ୍ଟ ଜଣାପଡ଼େ ।

ଓଡ଼ିଶା ଓ ତତ୍କାଳୀନ ମାଡ୍ରାସ୍ ପ୍ରେସିଡେନ୍‌ସି ଅଧୀନରେ ଥିବା ଆନ୍ଧ୍ର-କର୍ଣ୍ଣାଟକ ପ୍ରଦେଶର ବହୁ ଅନୁଷ୍ଠାନ, ବିଦ୍ୟାଳୟ, କୃଷି ଫାର୍ମପାଇଁ ସେ ଅଜସ୍ର ଟଙ୍କା ଦାନକରି ଯାଇଛନ୍ତି । 'କୀର୍ତ୍ତିର୍ଯସ୍ୟ ସଃ ଜୀବତି' ମହାକବି କାଳିଦାସଙ୍କ ଏହି କାବ୍ୟ ସ୍ମରଣୀୟ । କାଳ କ୍ରୀଡ଼ା କରି ଯାଉଅଛି । ସମୟ ବି ଚାଲି ଯାଉଅଛି । ଆୟୁଷ ବି ସମସ୍ତଙ୍କର (ଜନ୍ମହେବା ପରେ) ସରି ଯାଉଛି । ମହାକାଳର ମହାସ୍ରୋତରେ ସମସ୍ତେ ଭାସିଯା'ନ୍ତି । ଯେଉଁ ମହାପୁରୁଷମାନେ ଜାତିପାଇଁ, ଦେଶପାଇଁ ପରୋପକାର କରନ୍ତି, ସେମାନେ ଏହି ନଶ୍ୱର ମରଲୋକରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିଯା'ନ୍ତି । ସେମାନଙ୍କର ଉତ୍ସର୍ଗୀକୃତ ଜୀବନ ଚିରଦିନ ପାଇଁ ଅମରାକ୍ଷରେ ଲିପିବଦ୍ଧ ହୋଇଯାଏ ।

ପୁଣ୍ୟଶ୍ଳୋକ ମହାରାଜା ସେହି ଶ୍ରେଣୀୟ । ମୋର ଜନ୍ମଭୂମି ଖଣ୍ଡପଡ଼ାଗଡ଼ । ତାହା ଗଡ଼ଜାତ ଅଞ୍ଚଳରେ । ବଣ ପାହାଡ଼ଘେରା ନଈ, ନାଳ, ପ୍ରାକୃତିକ ଶୋଭା-ସମ୍ପଦପୂର୍ଣ୍ଣ । ଏହା ଏକ କ୍ଷୁଦ୍ର କରଦ ରାଜ୍ୟ ଥିଲା । ବାର୍ଷିକ ପେସ୍‌କିସ୍ ଗଭର୍ଣ୍ଣମେଣ୍ଟ ଟ୍ରେଜେରୀରେ ଦାଖଲକରି ରାଜାମାନେ ମନଇଚ୍ଛା ଶାସନକାର୍ଯ୍ୟ କରୁଥିଲେ । ଗଡ଼ଜାତର ରାଜାମାନେ ବ୍ରିଟିଶ୍ ଶାସନର ବାହୁ ଛାୟାତଳେ ଥାଇ ପ୍ରଜାଙ୍କ ଧନ ନିଜର ଘୋର ବିଳାସ ବ୍ୟସନରେ ଖର୍ଚ୍ଚ କରୁଥିଲେ । ବେଠି, ବେଗାରି ପ୍ରଚଳିତ ଥିଲା । ନାନା ଅତ୍ୟାଚାରରେ ପ୍ରଜାମାନେ ସନ୍ତୁଥିଲେ । ମନମୁଖି ଶାସନରେ ସମସ୍ତେ ଭୀତତ୍ରସ୍ତ ହେଉଥିଲେ । ଠିକ୍ ଏହି ରାଜୁଡ଼ା ଶାସନ ସମୟରେ ସାମନ୍ତ ଚନ୍ଦ୍ରଶେଖର ଓରଫ୍ ପଠାଣି ସାଆଁନ୍ତେ ଦୁସ୍ଥ ଜୀବନଯାପନ କରି ଜ୍ୟୋତିର୍ବିଜ୍ଞାନ ଭଳି ଏଡ଼େ ବଡ଼ ପ୍ରତିଭାର ଅଧିକାରୀ ହୋଇ ମଧ ଜଣେ ଦୀନ ଦୁଃଖୀର ଜୀବନ ଯାପନ କରୁଥିଲେ ।

Digitized by srujanika@gmail.com

କିନ୍ତୁ ରାଜକୁଳତିଳକ ମହାନୁଭବ ଗଜପତି କୃଷ୍ଣଚନ୍ଦ୍ରଙ୍କର ହୃଦୟ ଗରିବ ଓଡ଼ିଆ ଆଦିବାସୀ ଶବରମାନଙ୍କ ଦୁଃଖ ଦୁର୍ଦ୍ଦଶାରେ ବିଗଳିତ ହୋଇ ପଡୁଥିଲା । ସେତେବେଳେ ସେ ଜଣେ ଗୁଣଗ୍ରାହୀ ମହାରାଜା ଥିଲେ । ପ୍ରଜାନୁରଞ୍ଜନ ରାଜାଭାବରେ ତାଙ୍କ ଖ୍ୟାତି ଥିଲା ।

ମହାରାଜା ବହୁଗୁଣର ଅଧିକାରୀ ଥିଲେ । ରାଜାମାନେ କାନକୁହା, ଖଚୁଆ, ମିଛୁଆ, ତୋଷାମଦକାରୀଙ୍କ କଥା ଶୁଣି ପ୍ରକୃତ ସତକଥା ନ ଜାଣି ନିର୍ଦ୍ଦୋଷକୁ ଦଣ୍ଡ ଦିଅନ୍ତି । ସେଥିପାଇଁ ରାଜାମାନଙ୍କୁ 'କର୍ଣ୍ଣଶ୍ରବା' ବୋଲି କହନ୍ତି । ମହାରାଜା କୃଷ୍ଣଚନ୍ଦ୍ର ଏ ଦୋଷରୁ ବହୁ ଦୂରରେ ଥିଲେ । ତାଙ୍କ ଆଗରେ ଯେ ତାଙ୍କର ବଡ଼ିମା ପ୍ରକାଶ କରେ ବା ତାଙ୍କର ଗୁଣ ଗାନକରେ, କିମ୍ବା ଅନ୍ୟଲୋକ ନାଁରେ ଯେ ଖଚ ମିଛ କହି ତାଙ୍କ କାନକୁ ଦୂଷିତ କରେ, ସେ ତା' ଉପରେ ଭୀଷଣ ରାଗିଯା'ନ୍ତି । ଏପରି ଲୋକକୁ ସେ ଘୃଣା କରୁଥିଲେ ଏବଂ ଅଧିକ କ୍ରୋଧଜାତ ନ ହେବା ପାଇଁ ନିଜ ପଥରୁ ତାକୁ ତଡ଼ି ଦେଉଥିଲେ । କିନ୍ତୁ ଅଧିକାଂଶ ରାଜା, ମନ୍ତ୍ରୀ ବା ନେତା ଖୋସାମଦପ୍ରିୟ ଏବଂ ଚାଟୁବାକ୍ୟରେ ନିଜର ବିବେକ-ବୁଦ୍ଧି ହରାଇଥାନ୍ତି । ମହାରାଜା କୌଣସି ଦୋଷତ୍ରୁଟି ଦେଖିଲେ କ୍ଷଣକୋପରେ ବିଚଳିତ ହୋଇ ପଡୁଥିଲେ । ସେ ରାଗିବାବେଳେ ନିଜକୁ ମଧ ଭୁଲିଯା'ନ୍ତି । କେବେ କେମିତି ନିରପରାଧ ଲୋକକୁ ସେ ଭୁଲ୍‌ବଶତଃ ଯଦି ଦଣ୍ଡ ଦେଉଥାନ୍ତି, ତାହାକୁ ଡାକି ବୁଝାଇ ଦିଅନ୍ତି । ତାର କିଛି ଉପକାର କରି ସଂଶୋଧନ କରିଦିଅନ୍ତି । ଏହାହିଁ ତାଙ୍କର ସ୍ୱଭାବସୁଲଭ ଗୁଣର ବିଶିଷ୍ଟ ବିଭାବନା । ବହୁ ସୁଗୁଣ ମଧରେ ଏପରି ଏକ ରାଜସିକ ଗୁଣ ଧର୍ତ୍ତବ୍ୟ ନୁହେଁ ।

ଅପରାହ୍ଣରେ ସେ ଭୋଜନାନ୍ତେ ଦେଢ଼ଘଣ୍ଟାକାଳ ବିଶ୍ରାମ କରୁଥିଲେ । ତା'ପରେ ସାଂସ୍କୃତିକ ଚିନ୍ତାଧାରାର ଜାଗୃତି ପାଇଁ ସେ ତାଙ୍କ ପ୍ରିୟ ବହିପତ୍ର, ଖବରକାଗଜ ବୈଠକଖାନାରେ ବସି ପଢୁଥିଲେ । ଅପରାହ୍ଣ ୪ଟାବେଳେ କଫି ଓ ଜଳଖିଆ ଖାଇ ସନ୍ଧ୍ୟା ୫ଟାରୁ ଘଣ୍ଟାଏ କାଳ ତାଙ୍କ ଇଷ୍ଟେଟର ଜଙ୍ଗଲକୁ ବୁଲି ଯାଉଥିଲେ । ଜଙ୍ଗଲ ବିଭାଗୀୟ କର୍ମଚାରୀ ଓ କେତେକ ବାଣୁଆଙ୍କୁ ସଙ୍ଗରେ ନେଇ ସେ ଯାଉଥିଲେ । ନୂତନ ବୃକ୍ଷରୋପଣ, ନୂତନ ଜଙ୍ଗଲ ସୃଷ୍ଟି ଓ ବୃକ୍ଷମାନଙ୍କର ବଢ଼ିବା ନିମନ୍ତେ ସେ ତୀକ୍ଷ୍ଣ ଦୃଷ୍ଟି ଦେଉଥିଲେ । ଏହା ତାଙ୍କର ନିତିଦିନିଆ କାର୍ଯ୍ୟ ଥିଲା । ରାଜାମାନେ ସାଧାରଣତଃ ଶିକାର କରିବାକୁ ଭଲପାଆନ୍ତି । ବନ୍ୟଜନ୍ତୁ ଶିକାର କରିବା, ବାଘ ମାରିବା ତାଙ୍କର ବଡ଼ ସଉକ୍ ଥିଲା । ମୃଗ ମାରି ତା'ର ମାଂସତକ ନିଜ ଚାକରବାକର ପାରିଷଦବର୍ଗଙ୍କ ମଧରେ ବାଣ୍ଟି ଦେଉଥିଲେ ।

Digitized by srujanika@gmail.com

ଯେଉଁଦିନ ସେ ଶିକାର କରିବାକୁ ନ ଯା'ନ୍ତି, ସେଦିନ ସନ୍ଧ୍ୟାବେଳେ କ୍ରିକେଟ୍ ଖେଳିଥାନ୍ତି । କ୍ରିକେଟ୍ ଖେଳରେ ସେ ବ୍ୟାଟିଂ କରିବାକୁ ଭାରି ଭଲପା'ନ୍ତି । ରାଜନବର ପାଖରେ ଏକ ବଡ଼ ଖେଳପଡ଼ିଆ । କଲେଜ୍ ଟିମ୍‌ରେ ତାଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଥାଏ । ବଛା ବଛା ଖେଳାଳିମାନେ ତାଙ୍କ ସାଙ୍ଗରେ ଖେଳନ୍ତି । ଥରେ ଜଣେ ଫାଷ୍ଟ୍ ବୋଲରଙ୍କ 'ବୋଲିଂ' ତାଙ୍କ ଗୋଡ଼ରେ ବାଜିବାରୁ ସେ ଆଘାତରେ ବହୁଦିନ ଖେଳିବା ପାଇଁ ଯାଇପାରିଲେ ନାହିଁ । ଘୋଡ଼ାରେ ବସି କମର କସି ରାଜ୍ୟସାରା ବୁଲିଆସିବା ତାଙ୍କର ଅତି ପ୍ରିୟ ସଉକ୍ ଥିଲା । ଏଥିରେ ସେ ବହୁଥର ବିପଦର ସମ୍ମୁଖୀନ ହୋଇଥିଲେ । ଥରେ ମହେନ୍ଦ୍ରତନୟା ନଦୀକୂଳରେ ଘୋଡ଼ାର ଗୋଡ଼ ଗାତରେ ପଶିଯିବାରୁ ଘୋଡ଼ାଟି ଓଲଟିପଡ଼ି ମରି ଯାଇଥିଲା । ରାଜା ରାମଲିଙ୍ଗେଶ୍ୱର ମନ୍ଦିରରୁ ଫେରୁଥିବା ପୂଜକ ବ୍ରାହ୍ମଣଦ୍ୱାରା ରକ୍ଷାପାଇ ଯାଇଥିଲେ ।

ଆଉଥରେ ଏହିପରି ଘୋଡ଼ାଗାଡ଼ିରୁ ଛିଟ୍କାଡ଼ିହୋଇ ସୀତାସାଗର ପାଣିର ଚିଙ୍ଗୁଡ଼ିଆ ଦଳରେ ପଡ଼ି ବୁଡ଼ି ଯାଇଥିଲେ । ଜଣେ ମାଛଧରାଳି କେଉଟ ତାଙ୍କୁ ରକ୍ଷା କରିଥିଲା । ରାଜାଙ୍କର ଜୀବନରକ୍ଷାକାରୀ ବ୍ରାହ୍ମଣ ଓ କେଉଟକୁ ପୁରସ୍କାର ଦିଆ ଯାଇଥିଲା ।

ଭାରତ ସରକାରଙ୍କ ପକ୍ଷର Agriculture Commissionର ସଭ୍ୟରୂପେ ମନୋନୀତ ହୋଇ ସେ ୧୯୨୯ ସାଲରେ ବର୍ମାରୁ ପ୍ରଥମେ ଭାରତକୁ ସର୍ବୋତ୍କୃଷ୍ଟ ଆଖୁ ଆଣିଥିଲେ । ତାହା ଭାରତସାରା ପ୍ରଚଳିତ ହେଲା । କୃଷି କମିସନ ସଭ୍ୟରୂପେ ଦେଶସାରା ଭ୍ରମଣକରି ଅଧିକ ଟଙ୍କା ମିଶାଇ 'କୁନୁର' ଠାରେ ଏକ ସୁଷମ ଖାଦ୍ୟ ଗବେଷଣା କେନ୍ଦ୍ରପାଇଁ ଦାନ କରିଥିଲେ । କୃଷି ପ୍ରତି ମହାରାଜାଙ୍କ ଆନ୍ତରିକ ମମତା ସହିତ ଦାନଶୀଳତା ସହଜରେ ଅନୁମେୟ ।

ଗୋଲ୍‌ଟେବୁଲ୍ ବୈଠକରେ ତାଙ୍କ ପ୍ରସ୍ତାବ ଗୃହୀତ ହୋଇ ଓଡ଼ିଶା ୧୯୩୬ ଏପ୍ରିଲ୍ ପହିଲାଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଭାବେ ଗଠିତ ହେଲା । ବାରବାଟୀ କିଲା ପଡ଼ିଆରେ ମହାରାଜା ଗାର୍ଡ଼ନ ପାର୍ଟିରେ ଭୋଜି ଦେଇ ହଜାର ହଜାର ଲୋକଙ୍କୁ ଆପ୍ୟାୟିତ କରିଥିଲେ । ଏହା ଏକ ବିରାଟ ଉତ୍ସବ । ଓଡ଼ିଶାବାସୀଙ୍କ ପାଇଁ ଏହା କମ୍ ଗୌରବର ବିଷୟ ନୁହେଁ । ମହାରାଜାଙ୍କ ଜାତିପ୍ରୀତି, ଦାନଶୀଳତା ଓ ଉଦାରତା କେଡ଼େ ଉଚ୍ଚକୋଟୀର, ଅନ୍ୟ ରାଜା ମହାରାଜା ଓ କୋଟିପତିଙ୍କଠାରୁ କେଡ଼େ ମହତ୍ତର, ତାହା କଳ୍ପନା କରି ହେଉ ନାହିଁ ।

Digitized by srujanika@gmail.com

ପାରଳା ବିଭାଜନ

୧୯୦୫ ମସିହାରେ ବ୍ରିଟିଶ୍ ସରକାର ବଙ୍ଗପ୍ରଦେଶକୁ ଦୁଇଭାଗ କରିଦେଲେ । ତେଣୁ ବଙ୍ଗଳାରେ ବଙ୍ଗଭଙ୍ଗ (Separation of Bengal) ହେଲା । ସେତେବେଳେ ଓଡ଼ିଶା ଏକ ଡିଭିଜନ ଥାଇ ବଙ୍ଗ ପ୍ରେସିଡେନ୍ସି ଅଧୀନରେ ଥିଲା । ୧୯୧୨ ମସିହାରେ ଇଂରେଜ ସରକାର ଏହି ଆନ୍ଦୋଳନକୁ ପ୍ରତ୍ୟାହାର କରିନେଲେ । ସେହି ବର୍ଷ ଏପ୍ରିଲ୍ ପହିଲାରେ ଓଡ଼ିଶା ବଙ୍ଗରୁ କାଢ଼ି ନିଆଯାଇ ବିହାର ସହିତ ମିଶାଇ ଦିଆଗଲା ଏବଂ ସ୍ୱତନ୍ତ୍ର ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେଲା । ସେତେବେଳେ ଓଡ଼ିଶା ଡିଭିଜନ —ଅନୁଗୁଳ, ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁର ଏହି ୫ଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା । ଓଡ଼ିଶାର ୨୬ଟି ଗଡ଼ଜାତ Eastern States Agency ଦ୍ୱାରା ନିୟନ୍ତ୍ରିତ ହେଉଥିଲା ।

୧୯୦୩ ମସିହାରେ ଗଞ୍ଜାମ ଜିଲ୍ଲାର ରମ୍ଭାଠାରେ ବିଭିନ୍ନ ପ୍ରତିନିଧିଙ୍କୁ ନେଇ 'ଗଞ୍ଜାମ ଜାତୀୟ ପରିଷଦ' ଗଢ଼ା ଯାଇଥିଲା । ବିଭିନ୍ନ ଜିଲ୍ଲାରୁ ଏଥିରେ ପ୍ରତିନିଧି ଥିଲେ । ସେମାନଙ୍କ ମଧ୍ୟରୁ ମଧୁସୂଦନ ଦାସ, ବିଶ୍ୱନାଥ କର, ନନ୍ଦକିଶୋର ବଳ, କୃଷ୍ଣପ୍ରସାଦ ଚୌଧୁରୀ ଓ ଗୋପାଳ ପ୍ରହରାଜଙ୍କ ନାମ ଉଲ୍ଲେଖଯୋଗ୍ୟ । ଉତ୍କଳଗୌରବ ମଧୁସୂଦନ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ । କଟକଠାରେ ଏହାର ପ୍ରଥମ ଅଧିବେଶନ ବସିଥିଲା । ମୟୂରଭଞ୍ଜ ମହାରାଜା ଏହାର ସଭାପତି ହୋଇଥିଲେ । ଉତ୍କଳଗୌରବ ମଧୁସୂଦନ ଥିଲେ ଅଭ୍ୟର୍ଥନା କମିଟିର ସେକ୍ରେଟାରୀ । ସେତେବେଳେ ଗୋପବନ୍ଧୁ ଏହି ସମ୍ମିଳନୀର ଜଣେ ସ୍ୱେଚ୍ଛାସେବକ ।

ଉତ୍କଳ ସମ୍ମିଳନୀରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ଘେନି ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ପ୍ରବଳ ଉତ୍ସାହ ଓ ଜାଗରଣ ସୃଷ୍ଟି ହେଲା । ବିଭିନ୍ନ ଅଧିବେଶନରେ ମୟୂରଭଞ୍ଜ, ତାଳଚେର, କନିକା, ସୁରଙ୍ଗୀ, ପାରଳା ଓ ଜୟପୁର ରାଜା, ମହାରାଜା ସମେତ ମଧୁସୂଦନ ଦାସ, ଜଗବନ୍ଧୁ ସିଂହ ଓ ଫକୀରମୋହନ ସେନାପତି ପ୍ରମୁଖ ପୌରୋହିତ୍ୟ କରିଥିଲେ ।

Digitized by srujanika@gmail.com

୧୯୦୩ ମସିହାରେ ଲର୍ଡ଼ କର୍ଜନଙ୍କ 'ରିବଲେ ସର୍କୁଲାର' ନାମକ ଏକ ଆଦେଶନାମା ପ୍ରକାଶ ପାଇଲା । ଏହି ସର୍କୁଲାର ଅନୁସାରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ବଙ୍ଗଳା ପ୍ରଦେଶ ଅଧୀନରେ ରଖିବାକୁ ନିଷ୍ପତ୍ତି ହୋଇଥିଲା । ଏଥିରେ ସମ୍ବଲପୁର ଓ ଏହାର ଦେଶୀୟ ରାଜ୍ୟ ଗଞ୍ଜାମ ଜିଲ୍ଲା ଓ ଭାଇଜାଗପଟ୍ଟମକୁ ମିଶାଇ ଏକ ଶାସନାଧୀନ କରାଯିବ । କିନ୍ତୁ ମାନ୍ଦ୍ରାଜ୍‌ର ଲାଟ୍ ଓ ଟି. ପ୍ରକାଶମ୍ ପ୍ରଭୃତି ତତ୍‌କାଳୀନ ନେତାମାନେ ମାନ୍ଦ୍ରାଜରୁ ଓଡ଼ିଆଭାଷୀ ଅଞ୍ଚଳକୁ ଛାଡ଼ିବାକୁ ରାଜି ହେଲେ ନାହିଁ । ମାନ୍ଦ୍ରାଜ ସରକାର ଓ ତେଲେଗୁ ନେତାମାନଙ୍କର ତୀବ୍ର ବିରୋଧ ଯୋଗୁଁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣରେ ବହୁ ବିଳମ୍ବ ଘଟିଲା ।

୧୯୧୮ ମସିହାରେ ମଣ୍ଟେଗୁ ଚେମ୍‌ସ ଫୋର୍ଡ଼ ଶାସନ ସଂସ୍କାରରେ ଭାଷାସୂତ୍ରରେ ଅଞ୍ଚଳ ଗଠନର ପ୍ରସ୍ତାବ ଅନୁଯାୟୀ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ନେଇ ଏକ ଉପପ୍ରଦେଶ ଗଠନ କରାଯିବାର ସୂଚନା ଦିଆଗଲା । ଗୋପବନ୍ଧୁଙ୍କ ନିସ୍ୱାର୍ଥପର ସେବା ଭାବ, ସଙ୍ଗଠନ କ୍ଷମତା ଓ ଆନ୍ତରିକ ନିଷ୍ଠା ଦେଖି ଉତ୍କଳଗୌରବ ମଧୁସୂଦନ ମୁଗ୍ଧ ହୋଇ ଯାଇଥିଲେ । ବିଚ୍ଛିନ୍ନାଞ୍ଚଳ ମିଶ୍ରଣ କାର୍ଯ୍ୟରେ ସେ ତାଙ୍କର ଜଣେ ବିଶ୍ୱସ୍ତ ସହକର୍ମୀ ହେବେ ବୋଲି ତାଙ୍କର ଅତୁଟ ବିଶ୍ୱାସ ଥିଲା । ଚିର ପ୍ରପୀଡ଼ିତ ବନ୍ୟା ଓ ମରୁଡ଼ିଗ୍ରସ୍ତ ଓଡ଼ିଶାବାସୀଙ୍କ ସେବାରେ ଓ ଜାତୀୟ ଶିକ୍ଷାନୁଷ୍ଠାନ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ । ଏହି କାର୍ଯ୍ୟ ସହିତ ଉତ୍କଳ ସମ୍ମିଳନୀକୁ ସାହାଯ୍ୟ ଓ ସହଯୋଗ କରୁଥିଲେ । ନାଗପୁର କଂଗ୍ରେସ ୧୯୨୦ରେ ବସିଲା । ସେଠାରେ ଗୋପବନ୍ଧୁ ଯୁକ୍ତି ବାଢ଼ିଲେ ଯେ ଉତ୍କଳ ସମ୍ମିଳନୀର ସଭ୍ୟମାନେ କଂଗ୍ରେସରେ ଯୋଗ ଦିଅନ୍ତୁ । ଏହା ହେଲେ ଭାଷା ସୂତ୍ରରେ ପ୍ରଦେଶ ଗଠନର ଲକ୍ଷ୍ୟ ଅଚିରେ ପୂରଣ ହୋଇପାରିବ । ଏହାପରେ ୧୯୨୮ରେ ସାଇମନ କମିସନ, ଓଡ଼ିଆ ଭାଷୀ ଅଞ୍ଚଳଗୁଡ଼ିକ ବିହାର-ଓଡ଼ିଶା ପ୍ରଦେଶ ସହିତ ମିଶାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ସୁପାରିସ କରିଥିଲେ ।

ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପାରଳା ମହାରାଜାଙ୍କ ନେତୃତ୍ୱ ଅବିସ୍ମରଣୀୟ । ୧୯୩୦ରେ ଲଣ୍ଡନଠାରେ ଭାରତର ଶାସନ ତାନ୍ତ୍ରିକ ସମସ୍ୟା ବିଚାର ପାଇଁ ଗୋଲ୍‌ଟେବୁଲ୍ ବୈଠକ ବସିଲା । ସେଥିରେ ଯୋଗଦେବା ସକାଶେ ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ପାଇଁ ବିଶିଷ୍ଟ ନେତା ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମନୋନୀତ ହେଲେ । ବିଚ୍ଛିନ୍ନାଞ୍ଚଳର ତାଲିକା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

Digitized by srujanika@gmail.com

ସମ୍ପର୍କରେ ସେ ଏକ ସୁଚିନ୍ତିତ ସ୍ମାରକପତ୍ର ଇଂରେଜ ସରକାରଙ୍କୁ ଦେଇଥିଲେ । ୧୯୩୧ ମସିହାରେ ଓଡ଼ିଶାର କଂଗ୍ରେସ ନେତାମାନେ ଓଡ଼ିଶା ସମସ୍ୟା ନେଇ ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ । ସେହିବର୍ଷ ଡଃ ମହତାବଙ୍କ ସଭାପତିତ୍ୱରେ ପ୍ରଦେଶ କଂଗ୍ରେସ କମିଟି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବି କରି ପ୍ରସ୍ତାବ ଗ୍ରହଣ କରିଥିଲେ । ସେଥିପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଭାପତିତ୍ୱରେ ଏକ ସାତଜଣିଆ କମିଟି ଗଠିତ ହୋଇଥିଲା । ଏହାପରେ ଓଡ଼୍‌ନେଲ ସୀମା ନିର୍ଦ୍ଧାରଣ କମିଟି ବସିଲା । କମିଟିର ସୁପାରିସରେ ଓଡ଼ିଶା ଡିଭିଜନରେ ଅନୁଗୁଳ, ରାୟପୁର, ଖଡ଼ିଆଳ, ଗଞ୍ଜାମ ଜିଲ୍ଲା ଓ ଭାଇଜାଗ୍ ଏଜେନ୍‌ସିର ଅଧିକାଂଶ ଅଞ୍ଚଳ ଗଠିତ ହେଲା । ଏତଦ୍ୱାରା ସମସ୍ତଙ୍କର ଆଶା ସଞ୍ଚାର ହେଲା । ଏଥିରେ ମଞ୍ଜୁଷା, ସିଂହଭୂମ ଫୁଲଝର, ମେଦିନୀପୁର ପ୍ରଭୃତି ଓଡ଼ିଆଭାଷୀ ଅଞ୍ଚଳ ନ ଥିଲା । ଲୋକେ ଏଥିରେ କ୍ଷୁବ୍ଧ ହେଲେ । ଏଥିପାଇଁ 'ଉତ୍କଳ ସମ୍ମିଳନୀ' ପାରଳା ମହାରାଜାଙ୍କ ନେତୃତ୍ୱରେ ଦଳେ ପ୍ରତିନିଧିଙ୍କୁ ସିମଳାସ୍ଥିତ ବଡ଼ଲାଟଙ୍କ ପାଖକୁ ପଠାଇଲେ ।

ତୃତୀୟ ଗୋଲ୍‌ଟେବୁଲ୍ ବୈଠକରେ ଭାରତ ମନ୍ତ୍ରୀ ସାମୁଏଲ ହୋରଙ୍କ ନେତୃତ୍ୱରେ ୧୯୩୨ ଡିସେମ୍ବର ୨୪ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ ବୋଲି ଘୋଷଣା କରାଗଲା । ଏହାପରେ ୧୯୩୩ରେ ଏକ ଶ୍ୱେତପତ୍ର ପ୍ରକାଶ ପାଇଲା । ସେଥିରେ ସୀମା ନିର୍ଦ୍ଧାରଣରେ ଭାଇଜାଗ୍‌ପଟ୍ଟମ୍ ଏଜେନ୍‌ସି, ଜଳନ୍ତର, ମାଳିଆ ଓ ପାରଳାଖେମୁଣ୍ଡିକୁ ବାଦ୍ ଦିଆଯାଇଥିଲା । ବିହାର-ଓଡ଼ିଶା ବିଧାନ ପରିଷଦରେ ଏହି ପ୍ରସ୍ତାବରେ ବିରୋଧ କରାଗଲା । ଶ୍ୱେତପତ୍ରର ପ୍ରସ୍ତାବ, ତୀବ୍ର ସମାଲୋଚନାର ଶରବ୍ୟ ହେଲା । ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ ପାଇଁ ୫ଜଣିଆ ଜଏଣ୍ଟ୍ ପାର୍ଲିଆମେଣ୍ଟାରୀ କମିଟି ଗଢ଼ାହେଲା । ପାରଳାଖେମୁଣ୍ଡି ମହାରାଜା ଶ୍ୱେତପତ୍ର ନିଷ୍ପତ୍ତିରେ ନିରାଶ ନ ହୋଇ ଗୋଟିଏ ସାତଜଣିଆ କମିଟିର ନେତୃତ୍ୱ ନେଇ ଲଣ୍ଡନ ଯାତ୍ରା କରିଥିଲେ । ୧୯୩୩ ମସିହା ଜୁଲାଇ ୩ ତାରିଖରେ ଭାରତ ମନ୍ତ୍ରୀଙ୍କ ସହିତ ସାକ୍ଷାତ୍ କରି ସେମାନେ ନିଜ ନିଜ ମତାମତ ଜଣାଇଦେଲେ । ଇତି ମଧ୍ୟରେ ତେଲୁଗୁ ପ୍ରତିନିଧି ଓ ମାନ୍ଦ୍ରାଜ ସରକାର ଶ୍ୱେତପତ୍ରର ପ୍ରସ୍ତାବକୁ ବଦଳାଇବା ବିରୋଧରେ ସେମାନଙ୍କ ମତ ଉପସ୍ଥାପିତ କଲେ । ବ୍ରିଟିଶ୍ ସରକାର ପୁଣିଥରେ ଭାରତ ସରକାରଙ୍କ ମତ ଲୋଡ଼ିଲେ ।

ଏହି ଘଡ଼ିସନ୍ଧିବେଳେ ଗଜପତି ମହାରାଜା ତାଙ୍କ ରାଜ୍ୟକୁ ଖଣ୍ଡ ଖଣ୍ଡ କରିଦେବା ପାଇଁ ନିଷ୍ପତ୍ତି ନେଲେ । ଏହି ବିଷୟରେ ଶେଷ ମୀମାଂସା କରି ବ୍ରିଟିଶ୍ ସରକାର ଓ

Digitized by srujanika@gmail.com

ମାନ୍ଦ୍ରାଜ୍ ସରକାରଙ୍କୁ ତାହା ଜଣାଇଦେଲେ । ତାଙ୍କର ଏହି ନିଷ୍ପତ୍ତି ଫଳରେ ସୀମା ସମସ୍ୟାର ସମାଧାନ ହେଲା । ଶେଷରେ ୧୯୩୪ ମସିହା ନଭେମ୍ବର ମାସରେ ଜଏଣ୍ଟ୍ ପାର୍ଲିଆମେଣ୍ଟାରୀ କମିଟି ତାଙ୍କ ରିପୋର୍ଟ ପେସ୍ କଲେ । ୧୯୩୨ର ନିଷ୍ପତ୍ତି ଅନୁସାରେ ଜୟପୁର ଜମିଦାରୀ ଅଞ୍ଚଳ ପାରଳାଖେମୁଣ୍ଡି, ଜଳନ୍ତର, ମାଳିଆ ଓ ପାରଳାଖେମୁଣ୍ଡି ସହର ସହିତ, ପାରଳାଖେମୁଣ୍ଡି ଜମିଦାରୀର ପ୍ରାୟ ଏକତୃତୀୟାଂଶ ଏଥିରେ ସାମିଲ କରିବା ପାଇଁ ସୁପାରିସ କରାଗଲା ।

ପାରଳାଖେମୁଣ୍ଡିର ଯେଉଁ ତୃତୀୟାଂଶ ତେଲେଙ୍ଗା ଅଧୁଷିତ ଅଞ୍ଚଳ ସେତକ ଆନ୍ଧ୍ରରେ ମିଶ୍ରଣ ହେଲା । ଓଡ଼ିଶା ପ୍ରଦେଶର ଗଠନ ଆଦେଶନାମା ୧୯୩୬ ମସିହା ମାର୍ଚ୍ଚ ୩ ତାରିଖରେ ପ୍ରକାଶ ପାଇଲା । ପାରଳା ବିଭାଜନରୁ ଯେଉଁମାନେ ମହାରାଜାଙ୍କୁ ନିବର୍ତ୍ତାଇବାକୁ ପ୍ରବର୍ତ୍ତାଇଛନ୍ତି, ସେମାନେ ହେଲେ ମାନ୍ଦ୍ରାଜର ଟି. ପ୍ରକାଶମ୍ ଓ ମାନ୍ଦ୍ରାଜରେ ଥିବା ବହୁ ଅଣଓଡ଼ିଆ ତେଲେଗୁ ଲୋକ । ଏହାପୂର୍ବରୁ ମାନ୍ଦ୍ରାଜର ଜମିଦାରୀ ଓ ଦେଶୀୟ ରାଜ୍ୟର ପ୍ରତିନିଧି ଭାବେ ମହାରାଜା ମାନ୍ଦ୍ରାଜ ସରକାରଙ୍କ ପାଇଁ କାର୍ଯ୍ୟ କରୁଥିଲେ । ମାନ୍ଦ୍ରାଜରେ ସେ ଶିକ୍ଷାପ୍ରାପ୍ତ ହୋଇ ବେଶ୍ ପ୍ରତିପତ୍ତିଶାଳୀ ଓ ଖ୍ୟାତନାମା ବ୍ୟକ୍ତି ଥିଲେ । ମାନ୍ଦ୍ରାଜରେ ବହୁ ଅନୁଷ୍ଠାନ ତାଙ୍କ ମହତ୍‌ଦାନର ଫଳ । ସେତେବେଳେ ମାନ୍ଦ୍ରାଜର ଗଭର୍ଣ୍ଣର ମହାରାଜାଙ୍କୁ କହିଥିଲେ, "ମୁଁ ତ ଆପଣଙ୍କର କୌଣସି ଅସୁବିଧା କରୁ ନାହିଁ । ଆପଣ ମୋ ପ୍ରଦେଶରୁ କାହିଁକି ଚାଲିଯିବାକୁ କହୁଛନ୍ତି ?" କିନ୍ତୁ ଓଡ଼ିଆପ୍ରାଣ ମହାରାଜା ପାରଳା ଓ ଜୟପୁର ମିଶ୍ରଣ ପାଇଁ ବଡ଼ ଆନ୍ଦୋଳନ କରିଥିଲେ । ସେଥିପାଇଁ ଅଜସ୍ର ଟଙ୍କା ମଧ୍ୟ ନିଜ ହାତରୁ ଖର୍ଚ୍ଚ କରିଥିଲେ । ତିନିଥର ବିଲାତ ଯାଇଥିଲେ ।

ଯେଉଁମାନେ କଟକରୁ ପାରଳା ଓ ଜୟପୁର ମିଶ୍ରଣ ପାଇଁ ମହାରାଜାଙ୍କୁ ସାହାଯ୍ୟ କରିଛନ୍ତି, ସଭାସମିତି ବସାଇ ଆନ୍ଦୋଳନ କରିଛନ୍ତି , ପ୍ରସ୍ତାବଗୁଡ଼ିକୁ କେବଲ୍ ଦ୍ୱାରା ବିଲାତ ପଠାଇଛନ୍ତି ଓ ମହାରାଜାଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରିଛନ୍ତି - ସେମାନେ ହେଲେ ଶ୍ରୀଯୁକ୍ତ ରାଧାନାଥ ରଥ ପୂର୍ବତନ 'ସମାଜ' ସମ୍ପାଦକ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଓ ଶ୍ରୀ ବ୍ରଜବନ୍ଧୁ ଦାଶ, ଆଡ଼ଭୋକେଟ୍ । କେବଲ୍ ଖର୍ଚ୍ଚ ଶ୍ରୀଯୁକ୍ତ ହରିହର ମହାପାତ୍ର ହାଇକୋର୍ଟ ଜଜ୍ ଦେଉଥାନ୍ତି । ବିଲାତରେ କମିଟି ମେମ୍ବରଙ୍କ ଖର୍ଚ୍ଚ ମହାରାଜା ନିଜେ ବୁଝୁଥାନ୍ତି । ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ ବିଲାତ ଯାଇ ପାରଳା ଓ ଜୟପୁର ମହାରାଜାଙ୍କୁ ସାହାଯ୍ୟ କରୁଥାଆନ୍ତି । ନୂତନ ଓଡ଼ିଶା ପ୍ରଦେଶ ଗଠନରେ ଏହା ଏକ ଉଲ୍ଲେଖଯୋଗ୍ୟ ଘଟଣା ।

Digitized by srujanika@gmail.com

ମାଣିକେଶ୍ୱରୀ ବେଶରେ ଉତ୍କଳ ଜନନୀ

୧୯୩୧ ମସିହାରେ ପ୍ରଥମ ଗୋଲଟେବୁଲ ବୈଠକ ବିଲାତରେ ବସିଲା । ସେତେବେଳେ ମହାରାଜାଙ୍କୁ ମାନ୍ଦ୍ରାଜ ଅଞ୍ଚଳର ଜମିଦାର ସଂଘର ପ୍ରତିନିଧି ଭାବେ ଉକ୍ତ ବୈଠକରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଗଲା । ମାନ୍ଦ୍ରାଜରେ ଥିବା ଓଡ଼ିଆ ଅଞ୍ଚଳ ଓଡ଼ିଶା ସହିତ ନ ମିଶୁ, ଏହା ମାନ୍ଦ୍ରାଜ ଗଭର୍ଣ୍ଣର ଓ ଅଣଓଡ଼ିଆମାନଙ୍କର କାମନା ଥିଲା । ତେଣୁ ପ୍ରତିନିଧି ଭାବେ ମହାରାଜାଙ୍କୁ ପଠାଇଲେ ମାନ୍ଦ୍ରାଜ ପ୍ରଦେଶର ସ୍ୱାର୍ଥ ସାଧନ ହେବ - ଏହାହିଁ ମାନ୍ଦ୍ରାଜ କର୍ତ୍ତୃପକ୍ଷଙ୍କର ଅସଲ ଇଚ୍ଛା ଥିଲା । ସେତେବେଳକୁ ଓଡ଼ିଆ ଭାଷୀ ଅଞ୍ଚଳମାନ ଓଡ଼ିଶାର ପଡ଼ୋଶୀ ଚାରୋଟି ପ୍ରଦେଶରେ ରହି ଅକଥନୀୟ ଯାତନା ଭୋଗ କରୁଥିଲେ । ଓଡ଼ିଶାର ରାଜାମାନଙ୍କ ମଧ୍ୟରେ ପ୍ରଥମେ କନିକା ରାଜା ଏ ସମ୍ବାଦ ପାଇଲେ । ମହାରାଜାଙ୍କ ପ୍ରିୟବନ୍ଧୁ ହିସାବରେ ତାଙ୍କର ଖ୍ୟାତି ଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ସେ ବଡ଼ ବ୍ୟାକୁଳ ହେଉଥିଲେ ।

କନିକା ରାଜାଙ୍କ ଦ୍ୱାରା ଉତ୍ସାହିତ ହୋଇ ଚିକିଟି ରାଜାସାହେବ ଶ୍ରୀ ଗୌରଚନ୍ଦ୍ର ଦେବ, ମହାରାଜାଙ୍କୁ ବିଲାତ ଗଲାବେଳେ କହିଲେ, "ମହାରାଜା ତ ବିଲାତ ଯାଉଛନ୍ତି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ବିଷୟରେ ଯତ୍ନ ନେବେ । 'ଚିକିଟି ରାଜାସାହେବ ମହାରାଜାଙ୍କର ନିକଟ ସମ୍ପର୍କୀୟ ଥିଲେ । ଚିକିଟି ରାଜାଙ୍କୁ କନିକା ରାଜା ଯାହା କହିଥିଲେ, ସେ ତାହା ମହାରାଜାଙ୍କୁ କହିଥିବାରୁ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ପାଇଁ ତାହା ଏକ ପ୍ରେରଣାପ୍ରଦ କଥା ହୋଇଥିଲା । ନିଜ ପାଣ୍ଠିରୁ ଖର୍ଚ୍ଚ କରି ବିଲାତରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ପ୍ରଗାଢ଼ ଚେଷ୍ଟା କଲେ । ଏଥିରୁ ତାଙ୍କର ଉଚ୍ଚକୋଟୀର ଦେଶପ୍ରାଣତା ଜଣାପଡ଼େ ।

ଗୋଲଟେବୁଲ୍ ବୈଠକରେ ସେ ଯେଉଁ ଯୁକ୍ତିଯୁକ୍ତ ପ୍ରମାଣମାନ ଉପସ୍ଥାପନା କଲେ, ତାହା ଅକାଟ୍ୟ ଓ ଅତି ସୁଚିନ୍ତିତ ଥିଲା । ଲଣ୍ଡନ ଭଳି ସହରରେ ସେ ଯେଉଁ ବସା ନେଇଥିଲେ, ସେହି ବସା ଘରେ ଖୋଲା ଆକାଶ ତଳେ ଗୋଟିଏ ଗଛ ମୂଳରେ ରାତିସାରା ବସି ଭାବିଚିନ୍ତି ସେ ଲେଖୁଥାନ୍ତି । ଏହି ଲେଖା ସ୍ୱତନ୍ତ୍ର ଓଡ଼ିଶା ପାଇଁ ଉଦ୍ଦିଷ୍ଟ । ତାଙ୍କ ସାଥିରେ ସାର୍ ରାମସ୍ୱାମୀ ମୁଦାଲିଅର ଯାଇଥିଲେ । ସେ ମହାରାଜାଙ୍କୁ

Digitized by srujanika@gmail.com

କହିଲେ, "ରାତିସାରା ଏତେ ପରିଶ୍ରମ କରୁଛନ୍ତି, ମୋତେ କହୁ ନାହାନ୍ତି, ମୁଁ ଆପଣଙ୍କୁ ସାହାଯ୍ୟ କରିବି ।" ମହାରାଜା ଉତ୍ତରରେ କହିଲେ, "ଆପଣ ଭାଷା ନେଇ ଅଧିକ ଲେଖିପାରିବେ, କିନ୍ତୁ ମୋ ହୃଦୟର ଭାବ ଆପଣ ପାଇବେ କିପରି ?"

ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ମହାରାଜାଙ୍କ ପବିତ୍ର ଜୀବନଚରିତରୁ ଏହା ହେଉଛି ତାଙ୍କ ଦେଶପ୍ରାଣତାର ଏକ କ୍ଷୁଦ୍ର ଉଦାହରଣ । ତାହା କେବଳ ତାଙ୍କ ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ପ୍ରମାଣ । ଲଣ୍ଡନରେ ଥିବାବେଳେ ପାରଳାଖେମୁଣ୍ଡି ଓ କୋରାପୁଟକୁ ବାଦ୍‌ଦେଇ ସ୍ୱତନ୍ତ୍ର ପ୍ରଦେଶ ହେବାକୁ ନେଇ ଯେତିକି ଆନନ୍ଦିତ ହେଲେ ତଦପେକ୍ଷା, ପାରଳାଖେମୁଣ୍ଡି ଓ ଜୟପୁରକୁ ବାଦ୍ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ବିଷୟ ଧଳା କାଗଜରେ ଘୋଷିତ ହେବାରୁ ସେ ତା'ଠାରୁ ଅଧିକ ମ୍ରିୟମାଣ ହୋଇପଡ଼ିଲେ ।

ବିଲାତରୁ ଫେରି ମହାରାଜା ନିରାଶ ହୋଇ ଅଧିକ ଭାଙ୍ଗିପଡ଼ିଲେ । ପାରଳା ଓ ଜୟପୁର ନ ମିଶିବାରୁ ମହାରାଜାଙ୍କ ମନରେ ବଡ଼ କ୍ଷୋଭ ଜାତ ହେଲା । ମହାରାଜା ତାଙ୍କ ସ୍ୱଭାବସୁଲଭ ଗୁଣ ଭିତରେ ବଡ଼ ଜିଦ୍‌ଖୋର ଥିଲେ । ଯାହା ବୁଝିଥିବେ ସେଇୟା । ତାଙ୍କୁ କିଏ ବଦଳାଇ ପାରିବ ନାହିଁ । ଏଥିପାଇଁ ସେ ବହୁତ ମାନସିକ କ୍ଳେଶ ଅନୁଭବ କରୁଥିଲେ । ତାଙ୍କ ଇଷ୍ଟଦେବୀ ହେଉଛନ୍ତି ମାଣିକେଶ୍ୱରୀ । ଶେଷକୁ ଉପାୟାନ୍ତର ହୋଇ ଉତ୍କଳଜନନୀଙ୍କ ପାଦପଦ୍ମ ସ୍ମରଣପୂର୍ବକ ଇଷ୍ଟଦେବୀ ମାଣିକେଶ୍ୱରୀଙ୍କ ଶରଣାପନ୍ନ ହେଲେ । ଭକ୍ତି ତଦ୍‌ଗତ ପ୍ରାଣରେ ପ୍ରଣତି ଢାଳି, ରାତିସାରା ବିନିଦ୍ର ରଜନୀ କଟାଇବାକୁ ଲାଗିଲେ । ପାରଳା ଓ ଜୟପୁର କିପରି ମିଶିବ, ସେଥିପାଇଁ ଚିନ୍ତିତ ଥାଇ ଶେଯରେ ଅବିରତ ଛଟପଟ ହେଉଥାନ୍ତି । ନିଦ ଆସୁ ନ ଥାଏ । ବଡ଼ ବ୍ୟାକୁଳ ହୃଦୟରେ, ବାଷ୍ପ ଗଦ୍‌ଗଦ କଣ୍ଠରେ ସାଶ୍ରୁଲୋଚନରେ ଓ ଆବେଗଭରା ଚିତ୍ତରେ ଭାରାକ୍ରାନ୍ତ ହୋଇପଡୁଥାନ୍ତି । ରାତ୍ରିର ଶେଷ ପ୍ରହରରେ ହଠାତ୍ ଇଷ୍ଟଦେବୀ ମାଣିକେଶ୍ୱେରୀଙ୍କ ଲାବଣ୍ୟମୟୀ ମୂର୍ତ୍ତି ସେ ଦେଖିବାକୁ ପାଇଲେ ।

ମାଆ ମାଣିକେଶ୍ୱରୀ ରାଜାଙ୍କ ହାତ ଧରି ତାଙ୍କୁ ବସାଇ ଦେଲେ । କହିଲେ, "ପୁଣି ଯାଇ ବିଲାତରେ ଚେଷ୍ଟା କର । ତୁମର କାର୍ଯ୍ୟ ସଫଳ ହେବ ।" ମହାରାଜା ନିଜ ଇଷ୍ଟଦେବୀ ମାଣିକେଶ୍ୱରୀଙ୍କ ଲାବଣ୍ୟ ମୂର୍ତ୍ତି ସନ୍ଦର୍ଶନ କରି ଆନନ୍ଦରେ ଅଭିଭୂତ ହୋଇପଡ଼ିଲେ ।

Digitized by srujanika@gmail.com

ସେ ତତ୍‌କ୍ଷଣାତ୍ ନିଜ ମାଆଙ୍କ ପାଖକୁ ଯାଇ ଏ ବିଷୟ ସବୁ କହି ବସିଲେ । ମାଆ ନିଜ ପୁତ୍ର ମୁଖରୁ ଇଷ୍ଟଦେବୀଙ୍କ ଆଶୀର୍ବାଦ ସହିତ ଏ ଆଦେଶ ଶୁଣି କହିଲେ, ''ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ଆଜ୍ଞା ପାଳନ କରି ପୁଣି ଯତ୍ନ କରିବା ପାଇଁ ବିଲାତ ଯାଅ । ଅଚିରେ ତୁମ କଥା ପୂରଣ ହେବ ।'' ନିଜ ଗର୍ଭଧାରିଣୀ ମାତା ତଥା ଉତ୍କଳ ଜନନୀ ନିଜ ଇଷ୍ଟଦେବୀ ମାଣିକେଶ୍ୱରୀ ବେଶରେ ଯେଉଁ ଆଦେଶ ଦେଲେ, ତାକୁ ଶିରୋଧାର୍ଯ୍ୟ କରି ସେ ପୁଣିଥରେ ବିଲାତ ଯିବାକୁ ଦୃଢ଼ପ୍ରତିଜ୍ଞ ହେଲେ । ଏହା ହେଉଛି ଓଡ଼ିଶା ମିଶ୍ରଣର ଦ୍ୱିତୀୟ ପର୍ଯ୍ୟାୟର ଶେଷ ଆନ୍ଦୋଳନ । ଏଥରକ ମହାରାଜାଙ୍କୁ ବହୁତ ବାଧାବିଘ୍ନ ପଡ଼ିଲା । ବାହାର ଭିତର ଦୁଇଆଡୁ ଶତ୍ରୁ । ମାନ୍ଦ୍ରାଜ ପ୍ରଦେଶରେ ସେତେବେଳେ ପାରଳା ଓ ଜୟପୁର ଅନ୍ତର୍ଭୁକ୍ତ ଥିଲା । କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ଯେଉଁମାନେକି ମହାରାଜାଙ୍କୁ ଏ ମହତ୍ କାର୍ଯ୍ୟରେ ସାହାଯ୍ୟ କରୁଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଉ ସହଯୋଗ କଲେ ନାହିଁ । ବରଂ ପାରଳାଖେମୁଣ୍ଡି ଓ ଜୟପୁର ଛଡ଼ା ପ୍ରଦେଶ ଗ୍ରହଣ କରାଯାଉ ବୋଲି ଆନ୍ଦୋଳନ ଆରମ୍ଭ କଲେ ।

ମହାରାଜା ବିଲାତରେ ଥିବାବେଳେ ଓଡ଼ିଶାରୁ କେତେକ ଲୋକ ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ସଙ୍କୁ କେବଲ୍‌ମାନ ପଠାଉଥାନ୍ତି । ପାରଳା ଓ ଜୟପୁର ବାଦ୍ ଦେଇ ଓଡ଼ିଶା ବାସୀ ସ୍ୱତନ୍ତ୍ର ପ୍ରଦେଶ ଗ୍ରହଣ କରିବେ-ଏଇ ହେଲା ସେମାନଙ୍କର ବାର୍ତ୍ତା । ଜୟପୁର ମହାରାଜା ବିକ୍ରମ ଦେବ ବର୍ମା କୋରାପୁଟକୁ ଓଡ଼ିଶାରେ ମିଶାଇବାକୁ ଚାହୁଁ ନାହାନ୍ତି ବୋଲି ମିଥ୍ୟାରେ କେବୁଲ୍‌ମାନ ପଠାଯାଉଥାଏ । ଏ ବିଷୟ ମହାରାଜା ଯେତେବେଳେ ଜାଣିପାରିଲେ, ସେତେବେଳେ ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ସ ସାର୍ ସାମୁଏଲ ହୋର୍-ମହାରାଜାଙ୍କୁ ପଚାରିବାରୁ ମହାରାଜା ଉତ୍ତରରେ କହିଲେ, ''ଜୟପୁର ମହାରାଜା ମୋର ମାମୁ । ଓଡ଼ିଶାରେ ତାଙ୍କର ରାଜ୍ୟ ମିଶିବା ପାଇଁ ତାଙ୍କର ଆନ୍ତରିକ ଇଚ୍ଛା । ଅସାଧୁ ଖଳ ଲୋକେ ଯେଉଁ କେବଲ୍‌ମାନ ପଠାଉଛନ୍ତି ତାହା ସବୁ ମିଥ୍ୟା ଓ ଅଭିସନ୍ଧିମୂଳକ । ମୋ ଖର୍ଚ୍ଚରେ ଆପଣ ନିଜେ ତାଙ୍କଠାରୁ ବୁଝନ୍ତୁ ।''

ମହାରାଜା ଏହିପରି ବିଲାତରେ ରହି ପାରଳା ଓ ଜୟପୁର ମିଶ୍ରଣ ପାଇଁ ତୀବ୍ର ଆନ୍ଦୋଳନ କରିଥିଲେ । ଏଥିରେ ତାଙ୍କର ଅଜସ୍ର ଟଙ୍କା ମଧ ଖର୍ଚ୍ଚ ହୋଇଯାଇଥିଲା । କିନ୍ତୁ ଦେଶ ମିଶ୍ରଣର ପବିତ୍ର କାର୍ଯ୍ୟ ଯୋଗୁଁ ସେ ଏହାକୁ ଭ୍ରୁକ୍ଷେପ କରି ନ ଥିଲେ । ଅକାତର ଭାବରେ ସେ ଏହାକୁ ପୁଣ୍ୟ କାର୍ଯ୍ୟ ବୋଲି ବିଚାର କରିଥିଲେ । ଏଥିପାଇଁ ନିଜ ଖର୍ଚ୍ଚରେ ଓଡ଼ିଶାର କେତେକ ବିଶିଷ୍ଟ ଲୋକଙ୍କୁ ସେ ବିଲାତ ମଧ ନେଇଥିଲେ । ପୁଣି କଟକ ସହରରେ କେତେକ ଦେଶ ମିଶ୍ରଣର ନେତା, ସଭାସମିତି କରି ପାରଳା

Digitized by srujanika@gmail.com

ଓ ଜୟପୁର ବିନା ଓଡ଼ିଶା ପ୍ରଦେଶ ଗଠନ କରାଯାଉ ବୋଲି ଆନ୍ଦୋଳନ କରୁଥାଆନ୍ତି । ଏଇ କଥାରୁ ତାଙ୍କ ଦେଶପ୍ରାଣତା ଜଣାପଡ଼େ ।

ଏତିକିବେଳେ ଓଡ଼ିଶାର ଜଣେ ବିଶିଷ୍ଟ ଜମିଦାର ବିଲାତରେ ମହାରାଜାଙ୍କୁ କହିଲେ, "ପାରଳା ଓ ଜୟପୁର ନ ମିଶିଲେ କ'ଣ ହେଲା ? ସ୍ୱତନ୍ତ୍ର ପ୍ରଦେଶ ତ ହେଲା । ପରେ ଯତ୍ନ କରି ଫେରିପାଇବା, ବର୍ତ୍ତମାନ ବିଲାତରୁ ଫେରିଯା'ନ୍ତୁ ।" ଉତ୍ତରରେ ମହାରାଜା ତାଙ୍କୁ କହିଲେ, " ପାରଳା ଓ ଜୟପୁର ଓଡ଼ିଶାରେ ନ ମିଶିଲେ ମୁଁ କଦାପି ଓଡ଼ିଶାକୁ ଫେରିବି ନାହିଁ ଏହା ମୋର ଦୃଢ଼ପଣ । ଯଦି ପାରଳା ଓ ଜୟପୁର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ନ ମିଶେ, ତା ହେଲେ ଜୀବନର ବାକିତକ ସମୟ ସୁଇଜରଲ୍ୟାଣ୍ଡ ଅଥବା ଯୁକ୍ତରାଷ୍ଟ୍ର ଆମେରିକାରେ କଟାଇବି ।" Maharajah was a man of dogged notion. ମହାରାଜା ନିଜ ସିଦ୍ଧାନ୍ତରେ ଅଟଳ ରହୁଥିଲେ ।

ଏହି ଦୃଢ଼ ମନୋଭାବରୁ ମହାରାଜା ଯେ କେଡ଼େ ମହାନୁଭବ ସହଜରେ ଅନୁମେୟ । ମହାରାଜା ଯଦି ଜିଦ୍‌ଖୋର ନ ହୋଇ ବିଲାତ ଯାତ୍ରା ଓ ରହଣିରେ ବହୁ ଟଙ୍କା ଖର୍ଚ୍ଚ ହେଉଛି ବୋଲି ଭାବିଥାନ୍ତେ, ତାହେଲେ ଜୟପୁର ଓ ପାରଳା ଓଡ଼ିଶାରେ କଦାପି ମିଶି ନ ଥାନ୍ତା । ମହାରାଜାଙ୍କ ସାଧନାକୁ ଚାହିଁ ସିଦ୍ଧିଲାଭ ହୋଇଛି, ତାହା ତାଙ୍କ ସାଧୁତା ଓ ଦେଶପ୍ରାଣତାର ଫଳ । ମହାରାଜାଙ୍କ ପଦବୀ ଲାଳସା ନ ଥିଲା । ସେ ଅବସ୍ଥାକୁ ଚାହିଁ ବ୍ୟବସ୍ଥା କରୁଥିଲେ । ନିଜେ ତାଙ୍କର ମାନସମ୍ମାନକୁ ଜଗିରଖି ଚଳୁଥିଲେ । ଥରେ ମହାରାଜା ସପରିବାର ରାମେଶ୍ୱର ତୀର୍ଥଯାତ୍ରାରୁ ଫେରୁଥିଲେ । ମାନ୍ଦ୍ରାଜ ସହର ତାଙ୍କର ଅତି ପ୍ରିୟସ୍ଥଳୀ ଥିଲା । ସେଠାରେ ତାଙ୍କର ନିଜ ଉଆସରେ ଅବସ୍ଥାନ କରୁଥିବା ବେଳେ ତାଙ୍କୁ ଥରେ ମାନ୍ଦ୍ରାଜର ଲାଟ୍ ଡକାଇ ପଠାଇଲେ । ମହାରାଜା ଲାଟ୍‌ଙ୍କୁ ଦେଖାକରି ଯିବା ବେଳେ ରାଜକୀୟ ପୋଷାକ ପିନ୍ଧି ଯାଇଥିଲେ । ଏଥିରୁ ଭାରତୀୟ ରାଜା ମହାରାଜାଙ୍କ ଶିଷ୍ଟାଚାର ରକ୍ଷା ହୋଇଥାଏ । ଲାଟ୍ ମହାରାଜାଙ୍କୁ ଡାକି କହିଲେ, "ଆପଣଙ୍କୁ 'Royal Agriculture Commissioner' ସଭ୍ୟ ରୂପେ ମନୋନୀତ କରାଯାଉଛି, ଆପଣ ସ୍ୱୀକୃତି ଦିଅନ୍ତୁ ।" ମହାରାଜା ଉତ୍ତରରେ କହିଲେ, "ପରେ ବିଚାର କରି କହିବି ।"

ଏହି କଥା କହିସାରି ମହାରାଜା ସିଧାସଳଖ କସ୍ମୋପଲିଟନ୍ କ୍ଲବ୍‌କୁ ଫେରିଲେ । ସେଠାରେ ମହାରାଜାଙ୍କ ଘନିଷ୍ଠ ବନ୍ଧୁ ଡଃ ସୁବାରାୟନ୍ ମହାରାଜାଙ୍କ ଭାରତୀୟ ରାଜା ପୋଷାକ ଦେଖି ଲାଟ୍ ଭବନରୁ ଫେରିଲା ପରି ଦିଶୁଛନ୍ତି ବୋଲି କହିଲେ ।

Digitized by srujanika@gmail.com

କାହିଁକି ଯାଇଥିଲେ ବୋଲି ମଧ୍ୟ ଜିଜ୍ଞାସା କଲେ । ମହାରାଜା କହିଲେ, "ରୟେଲ ଏଗ୍ରିକଲଚର କମିସନର ସଭ୍ୟରୂପେ ରହିବାକୁ ସ୍ୱୀକୃତି ଦିଅନ୍ତୁ ବୋଲି ଲାଟ୍‌ସାହେବ କହିଛନ୍ତି । ମୁଁ ପରେ ବିଚାର କରିବି ବୋଲି କହି ଚାଲି ଆସିଲି ।" ଏହା ଶୁଣି ଡଃ ସୁବାରାୟନ୍ ମହାରାଜାଙ୍କୁ କହିଲେ, "ବହୁ ଚେଷ୍ଟାକଲେ ମଧ୍ୟ ଏ ପଦବୀ କାହାକୁ ମିଳେନା । ଆପଣଙ୍କୁ ଯଚାଗଲା, ଅଥଚ ଆପଣ ସମ୍ମତି ଦେଲେ ନାହିଁ । ଆପଣ ଚଞ୍ଚଳ ସ୍ୱୀକୃତି ଦିଅନ୍ତୁ । ଏଡ଼େ ବଡ଼ ସମ୍ମାନଜନକ ପୋଷ୍ଟ ଛାଡ଼େ କିଏ ?" ମହାରାଜା ଡଃ ସୁବାରାୟନ୍‌ଙ୍କ ପରାମର୍ଶ ଅନୁସାରେ ଉକ୍ତ ସଭ୍ୟ ପଦପାଇଁ ସ୍ୱୀକୃତି ଦେଲେ ।

ଜୀବନର ପ୍ରାରମ୍ଭରେ ପିତୃଶୂନ୍ୟ ହୋଇ, ଅକଳନ୍ତି ସମ୍ପତ୍ତିର ଅଧିକାରୀ ବୋଲାଇ, ରାଜଆସନରେ ଥାଇ, ଯୌବନବସନ୍ତରେ ବିପତ୍ନୀକ ସାଜି, ଜ୍ୟେଷ୍ଠ ସନ୍ତାନସନ୍ତତି ହରାଇ, ପଦପଦବୀର ଲାଳସା ନ ରଖି ବିଳାସ ବ୍ୟସନପ୍ରତି ପରାଙ୍ମୁଖ ହୋଇ, ଉଚ୍ଚଶିକ୍ଷା ଲାଭକରି ସେ ମହାର୍ଘ ବହୁଦର୍ଶୀତାର ଆକାଙ୍କ୍ଷୀ ନ ଥିଲେ । ବରଂ ଜାତି ଓ ଦେଶ କଲ୍ୟାଣ ପାଇଁ ସେ ଉଚ୍ଚମାନ ରକ୍ଷାକରି ଯାଇଅଛନ୍ତି । ତାଙ୍କର ଇଷ୍ଟଦେବୀ ମାତୃକଳ୍ପା ମାଣିକେଶ୍ୱରୀଙ୍କ ରୂପରେ ଉତ୍କଳ ଜନନୀଙ୍କର ଦର୍ଶନ ଲାଭକରି, ସେ ଦେଶମାତୃକା ପାଇଁ ଜ୍ଞାନ-ଭକ୍ତିର ମନ୍ଦାକିନୀ ଧାରା ବୁହାଇଛନ୍ତି । ସେଥିପାଇଁ ସେ ଧନ୍ୟାର୍ହ ତଥା ବନ୍ଦନୀୟ ।

Digitized by srujanika@gmail.com

ଓଡ଼ିଶାର ପ୍ରଧାନମନ୍ତ୍ରିତ୍ୱ

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଉତ୍କଳ ପ୍ରଦେଶରେ ଦୁଇଥର ପ୍ରଧାନମନ୍ତ୍ରୀ, ବିଚ୍ଛିନ୍ନ ଓଡ଼ିଶାର ଏକତ୍ରୀକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ଦାନବୀର ଓ ପ୍ରଜାବତ୍ସଳ ରୂପେ ସର୍ବଜନବିଦିତ ଥିଲେ । ବ୍ରହ୍ମପୁର ଭେଷଜ ମହାବିଦ୍ୟାଳୟ ତାଙ୍କ ନାମରେ ନାମିତ ହୋଇଅଛି । ସତ୍ୟ ଉପରେ ପ୍ରତିଷ୍ଠିତ ଜନମଙ୍ଗଳ କାର୍ଯ୍ୟ ସକାଶେ ସେ ଜଣେ ନିଷ୍ଠାପର ପୃଷ୍ଠପୋଷକ ଥିଲେ । ନୂତନ ଓଡ଼ିଶାର ସେ ନିର୍ମାତା ଥିଲେ । ତେଣୁ ସେ ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିଛନ୍ତି ଓ ରହିଥିବେ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ପରେ ୧୯୩୭ ମସିହାରେ ସେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ହୋଇଥିଲେ । ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ବୋଲି କୁହାଯାଉଥିଲା । ଯୁକ୍ତରାଷ୍ଟ୍ରର ୱାଶିଂଟନ୍, ଜର୍ମାନୀର ବିସ୍‌ମାର୍କ ଓ ଇଟାଲୀର ଗାରିବାଲ୍‌ଡ଼ୀଙ୍କୁ ଯେପରି ଜାତୀୟ ବୀରରୂପେ ପୂଜା କରାଯାଏ, ସେହିପରି ପାରଳା ମହାରାଜାଙ୍କୁ ଆମ ଓଡ଼ିଶା ପାଇଁ ସେହି ସମ୍ମାନର ଅଧିକାରୀ କରାଯାଇପାରେ । ବର୍ତ୍ତମାନ ଓଡ଼ିଶାର ରାଜନୈତିକ ଘୂର୍ଣ୍ଣିବାତ୍ୟା ମଧ୍ୟରେ ସେ ଯେଉଁ ସମ୍ମାନର ଅଧିକାରୀ ହେବାକଥା, ସେପରି ସମ୍ମାନ ସେ ଏ ପର୍ଯ୍ୟନ୍ତ ପାଇପାରି ନାହାନ୍ତି ।

କିନ୍ତୁ ତାଙ୍କର ନାମ ପବିତ୍ର ଗଜପତି ବଂଶର ଚୋଡଗଙ୍ଗ ଦେବ, କପିଳେନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବଙ୍କ ନାମ ସହିତ ସମାସୀନ ହୋଇ ରହିବ । ପାରଳା ଗଜପତିଙ୍କ ଜନ୍ମ ତିଥିରେ 'ସମାଜ' ସମ୍ପାଦକୀୟ ସ୍ତମ୍ଭରେ ଯେଉଁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି (ତା ୧୭।୪।୬୯ରିଖ) ସେଥିରୁ କେତୋଟି ଧାଡ଼ି ଏଠାରେ ଉଲ୍ଲେଖ କରୁଛି । — "ଓଡ଼ିଆ ସାହିତ୍ୟ, ଜାତୀୟତା, ସଭ୍ୟତା ଓ କୃଷ୍ଟିକୁ ପାରଳା ରାଜବଂଶର ଅବଦାନ ଏକ ଐତିହାସିକ ସତ୍ୟ । ଏହି ସତ୍ୟ ପରମ୍ପରାକୁ ମହାରାଜା କୃଷ୍ଣଚନ୍ଦ୍ର କେବଳ ରକ୍ଷାକରି ନାହାନ୍ତି, ତାକୁ ନିଜ ଜୀବନରେ କାର୍ଯ୍ୟକଳାପ ଦ୍ୱାରା ମହତ୍ତର ଓ ଉଜ୍ଜ୍ୱଳତର କରିଛନ୍ତି । ବହୁ କବି, କଳାକାର, ସାହିତ୍ୟିକ ଓ ଶିଳ୍ପୀ ତାଙ୍କ ବଦାନ୍ୟତା ଓ ସାହାଯ୍ୟ ଫଳରେ ଓଡ଼ିଶାର ବାଣୀଭଣ୍ଡାରକୁ ସମୃଦ୍ଧ କରିଯାଇଛନ୍ତି ଏବଂ ସାହିତ୍ୟ କ୍ଷେତ୍ରରେ ଆଜି ଆମ୍ଭେମାନେ ସେସବୁ ବିଭବକୁ ଅନ୍ୟ ଆଗରେ ଦେଖାଇ ଗୌରବ ଓ ଗର୍ବରେ ଫୁଲି ଉଠୁଛୁଁ ।"

Digitized by srujanika@gmail.com

ମହାରାଜା କୃଷ୍ଣଚନ୍ଦ୍ରଙ୍କୁ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟର ଅନ୍ୟତମ ନିର୍ମାତା ବୋଲି କହିଲେ ସତ୍ୟର ଅପଳାପ ହେବ ନାହିଁ । ଓଡ଼ିଆଭାଷୀ ସବୁ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟର ସ୍ୱପ୍ନ ମହାରାଜା କୃଷ୍ଣଚନ୍ଦ୍ର ଯେ କେବଳ ଦେଖିଥିଲେ ତାହା ନୁହେଁ, ତାକୁ ସଫଳ କରିବା ପାଇଁ ଯେଉଁ ଅକ୍ଲାନ୍ତ ଉଦ୍ୟମ କରିଥିଲେ ଏବଂ ନିଜର ସବୁ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପଛରେ ପକାଇ ଥରେ ଅଧେ ନୁହେଁ, ତିନିଥର ଲଣ୍ଡନ ପର୍ଯ୍ୟନ୍ତ ଧାଇଁ ଯାଇଥିଲେ, ଅନ୍ୟ କେଉଁଠି ତାର ତୁଳନା ଅଛି ବୋଲି ମନେହୁଏ ନାହିଁ । ଓଡ଼ିଆମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ହାସଲ କରିବା ପଥକୁ ସୁଗମ କରି ଏବଂ ସେଥିପାଇଁ ଅକାତରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଦେଶ ଓ ଜାତିର ସମୁନ୍ନତି କ୍ଷେତ୍ରରେ ବଦାନ୍ୟତାର ସେ ଯେଉଁ ଦୃଷ୍ଟାନ୍ତ ଦେଖାଇଛନ୍ତି, ତାର ଅନ୍ୟତ୍ର ପଟାନ୍ତର ନାହିଁ । ସ୍ୱାଧୀନତା ପରେ ଭାଷା ଭିତ୍ତିରେ ପ୍ରଦେଶ ଗଠନ ଲକ୍ଷ୍ୟରେ କଂଗ୍ରେସ ଯେତେବେଳେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରୁ ଦୂରେଇ ଯାଇଥିଲା, ସେତେବେଳେ ମହାରାଜା ତାଙ୍କ ଏକକ ଉଦ୍ୟମରେ ଯେଉଁ ଅସାଧ୍ୟ ସାଧନ କଲେ ଓ ଆଂଶିକ ଭାବରେ ହେଉ ପଛକେ ଓଡ଼ିଆଭାଷୀ କେତେକ ଅଞ୍ଚଳକୁ ମିଶାଇ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ହାସଲ ନିମନ୍ତେ ଯେଉଁ ସାଫଲ୍ୟ ଲାଭ କଲେ, ଓଡ଼ିଶା ଇତିହାସରେ କାଳକାଳକୁ ତାହା ଲିପିବଦ୍ଧ ହୋଇ ରହିବ ।

ସ୍ୱାଧୀନତା ପରେ କଂଗ୍ରେସଠାରୁ ଓଡ଼ିଶା ଭାଷାଭିତ୍ତିରେ ରାଜ୍ୟ ପୁନର୍ଗଠନ ବେଳେ ଯେଭଳି ନ୍ୟାୟ ପାଇଲା, ସେ ଦୃଷ୍ଟିରୁ ବିଚାର କଲେ ସ୍ୱୀକାର କରିବାକୁ ହେବ ଯେ ସ୍ୱାଧୀନ ଭାରତରେ ଓଡ଼ିଶା ଓ ଓଡ଼ିଆମାନେ ଯେଉଁ ସ୍ୱତନ୍ତ୍ର ଜାତୀୟ ସତ୍ତା ଲାଭ କରିଛନ୍ତି ଏବଂ ଭାରତୀୟ ଦରବାରରେ ନିଜର ସ୍ୱାତନ୍ତ୍ର୍ୟ ପାଇଁ ପୁଣି ଯେପରି ଗୌରବ ଓ ଗର୍ବ ଅନୁଭବ କରୁଛନ୍ତି, ତାହା ମହାରାଜା କୃଷ୍ଣଚନ୍ଦ୍ରଙ୍କର ଏ ଜାତିକୁ ଏକ ମହାନ୍ ଅବଦାନ । ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ରାଜ୍ୟ ଦାବି କରି ତାକୁ ହାସଲ କରିବାରେ ନିଜର ବିପୁଳ ଅର୍ଥ ବ୍ୟୟ କରି ସେ ଯଦି ଲାଗିପଡ଼ି ନ ଥାନ୍ତେ, ତେବେ ଆଜିର ସ୍ୱାଧୀନ ଭାରତରେ ଆମର ଅବସ୍ଥା କ'ଣ ହୋଇଥାନ୍ତା, ତାହା କିଏ କହିପାରେ ? କୃଷି ଓ ଶିଳ୍ପ କ୍ଷେତ୍ରରେ ମଧ ମହାରାଜା କୃଷ୍ଣଚନ୍ଦ୍ରଙ୍କ ବ୍ୟକ୍ତିଗତ ତଥା ସାମୂହିକ ଚେଷ୍ଟା ଓ ଉଦ୍ୟମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏକାଧିକ ଅନୁଷ୍ଠାନ ମୁଣ୍ଡ ଟେକିଛି, ଶିକ୍ଷା ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ଅନ୍ୟାନ୍ୟ ସବୁ କ୍ଷେତ୍ରକୁ ବଳି ପଡ଼ିଲା ପରି ହୋଇଅଛି । ଅଶିକ୍ଷାର ଅନ୍ଧକାରରେ ଦେଶ ଯେତେବେଳେ ଘାଣ୍ଟି ହେଉଥିଲା, ସେତେବେଳେ ସେ ନିଜ ଉଦ୍ୟମରେ ପାରଳାରେ କଲେଜଠାରୁ ଆରମ୍ଭ କରି ପ୍ରାଥମିକ

Digitized by srujanika@gmail.com

ସ୍ତର ଯାଏ, ବହୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ସଂସ୍କୃତ କଲେଜ ତଥା ବାଳିକା ବିଦ୍ୟାଳୟମାନ ବସାଇ ଦେଶକୁ ଜ୍ଞାନାଲୋକର ଶିଖାରେ ଉଦ୍‌ଭାସିତ କରିଥିଲେ ।

ସ୍ଥୂଳତଃ ଗୋଟିଏ କଥାରେ କହିବାକୁ ଗଲେ ଓଡ଼ିଶାର ମୂଳଭିତ୍ତି ପକାଇ ତାକୁ ଆଧୁନିକତମ ରୂପ ଦେବାରେ, ସବୁ ପ୍ରାଥମିକ ପ୍ରୟାସ ମୂଳରେ ତାଙ୍କ ବଦାନ୍ୟତାର ଅମୃତମୟ ସ୍ପର୍ଶ ଏ ଜାତି ଲାଭ କରି ଧନ୍ୟ ହୋଇଅଛି ।

ଓଡ଼ିଆପ୍ରାଣ ମହାରାଜାଙ୍କର ସବୁଠାରୁ ପ୍ରଶଂସନୀୟ କାର୍ଯ୍ୟ ହେଉଛି ଲଣ୍ଡନସ୍ଥିତ ଗୋଲଟେବୁଲ୍ ବୈଠକ ଓ ଜଏଣ୍ଟ ସିଲେକ୍‌ସନ୍ କମିଟି, ଯାହାକି ସବୁଦିନ ପାଇଁ ଅଭୁଲା ହୋଇ ରହିବ । ଆମ୍ଭେମାନେ ବର୍ତ୍ତମାନ ଯାହା ଅଛେଁ ଓ ସ୍ୱତନ୍ତ୍ର ପ୍ରଦେଶର ଅଧିବାସୀ ହିସାବରେ ଯେଉଁ ସ୍ୱାଭିମାନ ଓ ମାତୃଭାଷା ପାଇଁ ଆମର ଯେଉଁ ଗୌରବ ଅଛି, ତାହା ଯଥାକ୍ରମେ ମହାରାଜାଙ୍କ ଲଣ୍ଡନ ଓ ନୂଆଦିଲ୍ଲୀର କାର୍ଯ୍ୟ ଯୋଗୁଁ । ତାଙ୍କର ଓଡ଼ିଶା ପାଇଁ, ଓଡ଼୍‌ନେଲ୍ କମିଟି ପାଇଁ ଯେଉଁ କାର୍ଯ୍ୟ ତାହା ସ୍ୱର୍ଣ୍ଣାକ୍ଷରରେ ଇତିହାସ ପୃଷ୍ଠା ମଣ୍ଡନ କରିବ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ପରେ ୧୯୩୬ ମସିହାରେ ତାହାଙ୍କୁ ରାଜ୍ୟ ଚଳାଇବାକୁ ପ୍ରଧାନମନ୍ତ୍ରୀ ଭାବରେ ନିମନ୍ତ୍ରଣ କରାଗଲା । ସେ ନ୍ୟାସନାଲିଷ୍ଟ ପାର୍ଟିର ସଦସ୍ୟ ଥିଲେ । ଏହା ଓଡ଼ିଶା ବିଧାନସଭାର ଅନ୍ତର୍ଗତ ଥିଲା । ମହାରାଜାଙ୍କ ନେତୃତ୍ୱରେ ମନ୍ତ୍ରିତ୍ୱ ଗଢ଼ା ହେଲା । କିନ୍ତୁ କଂଗ୍ରେସ ଶାସନ କରିବାର ଉପଯୋଗୀ ହେବାରୁ ଅଳ୍ପ ଦିନପରେ ସେ ମନ୍ତ୍ରିତ୍ୱ କଂଗ୍ରେସ ଶାସନ ପାଇଁ ଛାଡ଼ି ଦେଲେ ।

ତା'ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ, ଭାରତଛାଡ଼ ଆନ୍ଦୋଳନ ପରେ ୧୯୪୨ ମସିହାଠାରୁ ୧୯୪୬ ପର୍ଯ୍ୟନ୍ତ ପୁଣିଥରେ ଓଡ଼ିଶାରେ ସେ ମନ୍ତ୍ରିମଣ୍ଡଳର ନେତୃତ୍ୱ ନେଲେ । ସେ ମଧ୍ୟ ସେତେବେଳେ ନ୍ୟାସନାଲ ପାର୍ଟିର ପ୍ରଧାନ ନେତା ଥିଲେ । ଏହାଙ୍କ ମନ୍ତ୍ରିମଣ୍ଡଳରେ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ରହିଥିଲେ । ପଣ୍ଡିତ ନୀଳକଣ୍ଠ ଦାସ କଂଗ୍ରେସରୁ ଇସ୍ତଫା ଦେଇ ତାଙ୍କ ସହିତ ଯୋଗଦାନ କରିଥିଲେ । ମହାରାଜାଙ୍କ ସ୍ୱଦେଶବତ୍ସଳତା, ନିଃସ୍ୱାର୍ଥପର ସେବା ଓ ନିର୍ମଳ ଶାସନ କାର୍ଯ୍ୟ ସମସ୍ତଙ୍କ ପାଇଁ ଆଦର୍ଶ ସ୍ଥାନୀୟ । ଓଡ଼ିଶା ଇତିହାସରେ ତାଙ୍କର ମନ୍ତ୍ରିମଣ୍ଡଳ ଯଥାକ୍ରମେ ପ୍ରଥମ ଓ ତୃତୀୟ ସ୍ଥାନ ଅଧିକାର କରିଅଛି ।

ଏହି ଦ୍ୱିତୀୟଥର ମନ୍ତ୍ରିମଣ୍ଡଳ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ପ୍ରତିଷ୍ଠିତ ହୋଇଥିଲା । ସେଥିପାଇଁ ମହାରାଜାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର 'ଜନକ' ବୋଲି କୁହାଯାଏ । ତାଙ୍କ ମନ୍ତ୍ରମଣ୍ଡଳରେ ଶିକ୍ଷାମନ୍ତ୍ରୀ

Digitized by srujanika@gmail.com

ଦାୟିତ୍ୱରେ ଥିବା ସର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆନୁକୂଲ୍ୟରେ ଏହି ବିଶ୍ୱବିଦ୍ୟାଳୟ ଗଠିତ ହୋଇଥିଲା । ସମସ୍ତ ଜିଲ୍ଲାର ସଦର ମହକୁମାରେ ଗୋଟିଏ ଲେଖାଏଁ କଲେଜ ସ୍ଥାପନ କରାଯାଇଥିଲା । ସମଗ୍ର ଓଡ଼ିଶାର ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ଘଟଣା ।

ଜଣେ ସୁଦକ୍ଷ ଶାସକ, ମନ୍ତ୍ରୀ ଓ ପାର୍ଲିଆମେଣ୍ଟାରିଆନ ଭାବରେ ପ୍ରାଣକୁ ବାଧିଲା ଭଳି ସେ କଥାବାର୍ତ୍ତା କରୁ ନ ଥିଲେ । ସେ ଅତି ଭଦ୍ର, ଶିଷ୍ଟାଚାରୀ ଓ ସଂଯତ ଥିଲେ । ମହାକବିଙ୍କ ବାକ୍ୟ, "ମିତଂ ଚ ସାରଂ ଚ ବଚୋହି ବାଗ୍ମିତା"— ସ୍ମରଣ କରି କଥୋପକଥନ କରୁଥିଲେ । ତାଙ୍କର ନିମ୍ନଶ୍ରେଣୀର ସମାଲୋଚକମାନେ ମଧ୍ୟ ତାଙ୍କ କଥାବାର୍ତ୍ତାରେ କେବେହେଲେ ଭାରସାମ୍ୟ ହରାଉ ନ ଥିଲେ ବୋଲି କହିଥାନ୍ତି । ଯେଉଁ ବିଷୟରେ ସେ ଅଜ୍ଞାତ ବା ଅଳ୍ପ କିଛି ଜାଣିଥାନ୍ତି, ସେ ବିଷୟରେ ବାହୁଲ୍ୟ କରି କହିବା କେହି କେବେ ଦେଖି ନାହିଁ । ସମଗ୍ର ଦେଶର ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ତାଙ୍କର ସ୍ଥାନ ଉତ୍ତମ ଥିଲା । ସେ ମୋଟେ ପ୍ରତିହିଂସାପ୍ରିୟ ବା ପରଶ୍ରୀକାତର ନ ଥିଲେ ।

ଅଫିସ୍ କାର୍ଯ୍ୟ କରୁଥିବା ସମୟରେ ସେ ମାନସମ୍ମାନ ଜଗିରଖି କାର୍ଯ୍ୟ କରୁଥିଲେ । ତାଙ୍କର ପାରସ୍ପରିକ ଭଲ ବୁଝାମଣା ଥିଲା । ସେ ଯାହା କରୁଥିଲେ, ବୁଝିବିଚାରି କରୁଥିଲେ । ସେ ତାଙ୍କର କାର୍ଯ୍ୟକଳାପରେ ସଂଯତ ଥିଲେ ମଧ୍ୟ ତାଙ୍କର ସାହାଯ୍ୟ ଓ ସହାନୁଭୂତି ପାଇଁ ଯେଉଁମାନେ ତାଙ୍କ ଦ୍ୱାରସ୍ଥ ହେଉଥିଲେ, ସେ କାହାକୁ ନିରାଶ କରି ଛାଡ଼ି ଦେଇ ନ ଥିଲେ । ଦୁସ୍ଥ ଲୋକଙ୍କୁ ସାହାଯ୍ୟ କରିବାକୁ ତାଙ୍କ ହସ୍ତ ସବୁବେଳେ ମୁକ୍ତ ଥିଲା । ସେ ତାଙ୍କ ଚିନ୍ତା ଓ କାର୍ଯ୍ୟରେ ହୀନ କାର୍ଯ୍ୟକୁ ବଡ଼ ଘୃଣା କରୁଥିଲେ ।

ମଣିଷ ହିସାବରେ ସେ ସର୍ବଜନାଦୃତ ଥିଲେ । ଜଣେ ଦକ୍ଷ ଶାସକ ଭାବରେ ସେ ବିଜ୍ଞ, ପରିଶ୍ରମୀ ଓ କର୍ମଠ ଥିଲେ । ନାଗରିକ ଭାବରେ ସେ ଦାନଶୀଳ ଓ ସହାନୁଭୂତିଶୀଳ ଥିଲେ । ନିର୍ଭୀକତା, ସତ୍ୟବାଦିତା ଓ ଉଚ୍ଚତର ଭାବୁକତା, ତାଙ୍କ ବ୍ୟକ୍ତିଗତ ଚରିତ୍ରବତ୍ତାର ଅନ୍ୟସବୁ ଗୁଣ ଥିଲା । ତାଙ୍କ ମଧୁମୟ ଆକର୍ଷଣୀୟ ବ୍ୟକ୍ତିତ୍ୱ, ପୂର୍ବତନ ଗଙ୍ଗବଂଶୀୟ ରାଜାମାନଙ୍କର ବଂଶ ପରମ୍ପରାକୁ ନେଇ ଗୌରବ ବିମଣ୍ଡିତ ମହିମାର ଅଂଶୀଭୂତ ହୋଇ ରହିଥିଲା ।

୧୯୬୯ ମସିହାରେ ତାଙ୍କର ୭୮ ତମ ଜନ୍ମୋତ୍ସବ ପାଳନ କରାଯାଇଥିଲା ମାନ୍ଦ୍ରାଜ ଓ ଓଡ଼ିଶାର ବହୁ ବରେଣ୍ୟ ବ୍ୟକ୍ତି, କବି, ଲେଖକ, ଶାସକବର୍ଗ, ଇଂରେଜ ଓ ବହୁ ସୁଧୀବୃନ୍ଦଙ୍କ ଲେଖାରେ ତାହା ପ୍ରକାଶ ପାଇଥିଲା । ଏହା ତାଙ୍କର 'ସୁବର୍ଣ୍ଣ ଜୟନ୍ତୀ ଉତ୍ସବ' ନାମରେ ପ୍ରକଟିତ ।

Digitized by srujanika@gmail.com

ମହନୀୟ ଚରିତ୍ରବତ୍ତା

ଏ ସଂସାରରେ ବହୁଲୋକ ଆସୁଛନ୍ତି ଏବଂ ଯାଉଛନ୍ତି । ଯେଉଁମାନେ ଦିବ୍ୟଗୁଣରେ ଭୂଷିତ ହୋଇ, ସଂସାରର ମଙ୍ଗଳକାମନାରେ ଜୀବନପାତ କରନ୍ତି, ସେଇମାନେ ହିଁ ଧନ୍ୟ । ଜୀବ ସେବା ହିଁ ଶିବ ସେବା । ଦେଶସେବା ଏକ ମହତ୍ତର କାର୍ଯ୍ୟ । ଦେଶ ପ୍ରେମୀର ଦେହାନ୍ତ ପରେ, ସେ ଚିରଦିନ ତାହାର ପବିତ୍ର କାର୍ଯ୍ୟ ପାଇଁ ଅମୃତ ସନ୍ତାନ ହୋଇ ରହିଯାଏ । ଉତ୍କଳଗୌରବ ମଧୁସୂଦନଙ୍କ ସହିତ ମହାରାଜାଙ୍କର ବ୍ୟକ୍ତିଗତ ସମ୍ପର୍କ ଥିଲା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନେଇ ସେ ତାଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିଲେ । ସମଗ୍ର ଓଡ଼ିଶା ମିଶ୍ରଣ ନିମନ୍ତେ ପାରଳା ଗଜପତି କୃଷ୍ଣଚନ୍ଦ୍ରଙ୍କ ପିତୃବ୍ୟ ପଦ୍ମନାଭ ନାରାୟଣଙ୍କ ଅବଦାନ ମଧ କମ୍ ନୁହେଁ ।

ଓଡ଼ିଆ ଜାତୀୟତାର ମନ୍ତ୍ରଦାତା ମଧୁସୂଦନ ଦାସ ୧୮୮୦ ଖ୍ରୀଷ୍ଟାବ୍ଦରେ କଲିକତାରୁ ଫେରି କଟକରେ ଓଡ଼ିଶାର ନେତୃତ୍ୱ ନେଇଥିଲେ । ସେତେବେଳକୁ କଟକର ଗୌରୀଶଙ୍କର ରାୟ, ବିଚିତ୍ରାନନ୍ଦ ଦାସ ପ୍ରଭୃତି 'ଉତ୍କଳସଭା' ଗଠନ କରି ଓଡ଼ିଆମାନଙ୍କ ଦାବି ସମ୍ପର୍କରେ ସ୍ୱର ଉତ୍ତୋଳନ କରିଥିଲେ । ଗୌରୀଶଙ୍କରଙ୍କ ପ୍ରତିଷ୍ଠିତ 'ଉତ୍କଳଦୀପିକା' ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ୧୯୦୧ରେ 'ଗଞ୍ଜାମ ସମ୍ମିଳନୀ' ରମ୍ଭାଠାରେ ଆରମ୍ଭ ହୋଇ ୧୯୦୩ ରେ 'ଉତ୍କଳ ସମ୍ମିଳନୀ' ରୂପେ ଜନ୍ମଗ୍ରହଣ କଲା । ଏହିଠାରୁ ଆରମ୍ଭ ହେଲା, ଓଡ଼ିଶାର ନବଜାଗରଣ ଯୁଗ । ଓଡ଼ିଆ ଜାତୀୟତାର ମନ୍ତ୍ରଦାତା ମଧୁସୂଦନ ଗାଇ ଉଠିଲେ —

"ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦେଇ ଆହୁତି
ସ୍ୱାର୍ଥମେଧ ଯଜ୍ଞ ଚାରିଆଡ଼େ ନାଚ଼
ଛାତିକୁ ମିଶାଇ ଛାତି ।"

ଜାତୀୟ ଜୀବନର ପରମ ସାଧକ ମି. ଦାସ, ଏଥିପାଇଁ ଚରମ ତ୍ୟାଗ ସ୍ୱୀକାର କରିବା ପାଇଁ ଆହ୍ୱାନ କଲେ । ସେ କହିଥିଲେ, "ଓଡ଼ିଶାବାସୀ ହେଉଛନ୍ତି, ଉତ୍କଳ ଜନନୀଙ୍କ ସନ୍ତାନ । ଯେଉଁମାନେ ଉତ୍କଳ ପ୍ରଦେଶର ପାଣି ପବନରେ ପ୍ରତିପାଳିତ,

Digitized by srujanika@gmail.com

ଯେଉଁମାନେ ଏଠାରେ ନିଶ୍ୱାସ ପ୍ରଶ୍ୱାସ ଗ୍ରହଣ କରୁଛନ୍ତି, ଯେଉଁମାନେ ଏଠାରେ ଜନ୍ମ ଏବଂ ଶେଷ ନିଃଶ୍ୱାସ ତ୍ୟାଗ କରିବେ, ଏ ସମସ୍ତେ ହେଉଛନ୍ତି ଓଡ଼ିଆ । ସମସ୍ତଙ୍କର କର୍ତ୍ତବ୍ୟ ସେହି ଜନନୀଙ୍କର ଦୁଃଖ ଦୂର କରିବା ପାଇଁ ପ୍ରାଣପାତ ପରିଶ୍ରମ କରିବା ।" ତେଣୁ ମି. ଦାସ, ଭାରତମାତା ଏବଂ ଉତ୍କଳମାତାର ସେବା ଅର୍ଥେ ମାତ୍ର ଦୈନିକ ପାଞ୍ଚ ମିନିଟ୍ ସମୟ ଦାନ କରିବା ପାଇଁ ନିବେଦନ କରି କହିଥିଲେ, "Everyday I will think for five minutes for my country and I will henceforward devote at least five minutes for the service of mother India and mother Utkal."

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନରେ ଗଞ୍ଜାମର ଅବଦାନ ଯଥେଷ୍ଟ । ଗଞ୍ଜାମ ଓଡ଼ିଶାରେ ମିଶିବା ପାଇଁ ୧୯୧୩ ସାଲରେ ବ୍ରହ୍ମପୁର ଓ ପାରଳାଖେମୁଣ୍ଡିରୁ ମାଡ୍ରାସ ଗଭର୍ଣ୍ଣର ଉଡ୍ ପେଣ୍ଟ୍ ଲ୍ୟାଣ୍ଡଙ୍କ ନିକଟରେ ମାନପତ୍ର ଦିଆଯାଇଥିଲା । ଏହା 'ଲ୍ୟାଣ୍ଡ ହୋଲ୍ଡରସ ଆସୋସିଏସନ୍' ଓ 'ଓଡ଼ିଆ ସମାଜ' ପକ୍ଷରୁ ଦିଆଯାଇଥିଲା । ପାରଳାଖେମୁଣ୍ଡି ମହାରାଜା ଏହାର ମୁଖ୍ୟ କର୍ଣ୍ଣଧାର ଥିଲେ । ଯେଉଁ ଦେଶପ୍ରେମୀମାନେ ଏଥିରେ ଭାଗ ନେଇଥିଲେ, ସେମାନଙ୍କ ମଧ୍ୟରେ ଶଶିଭୂଷଣ ରଥ, ନିରଞ୍ଜନ ପଟ୍ଟନାୟକ ଓ ହରିହର ପଣ୍ଡାଙ୍କ ନାମ ଉଲ୍ଲେଖଯୋଗ୍ୟ । ଏହିମାନଙ୍କର ଉଦ୍ୟମର ଫଳ ହେଉଛି 'The Oriya Movement' ନାମକ ଏକ ପୁସ୍ତକ ।

ଏହାପରେ ୧୯୧୭ ମସିହାରେ 'ଆସ୍କା ଓଡ଼ିଆ ସମାଜ' ଓ ପାରଳାଖେମୁଣ୍ଡିରେ 'ଉତ୍କଳ ହିତୈଷିଣୀ ସମାଜ' ବହୁଥର ସଭାମାନ ହୋଇ ଗଞ୍ଜାମକୁ ଓଡ଼ିଶା ସଙ୍ଗେ ମିଶାଇବାକୁ ଦାବି କରାଯାଇଥିଲା । ୧୯୩୩ରେ ଚିକିଟୀ ରାଜାଙ୍କ ସଭାପତିତ୍ୱରେ 'ଏଜେନ୍ସି ଉତ୍କଳ ଇଉନିୟନ କନ୍‌ଫରେନ୍ସ' ଜୟପୁରଠାରେ ବସି ଦେଶ ମିଶ୍ରଣ ପାଇଁ ଦାବି କରିଥିଲେ । ୧୯୩୪ରେ 'ମାଡ୍ରାସ ଜମିଦାର ଆସୋସିଏସନ୍' ମାଡ୍ରାସ ଗଭର୍ଣ୍ଣରଙ୍କୁ ଉକ୍ତ ଦାବି ମଧ୍ୟ ଉପସ୍ଥାପିତ କରିଥିଲେ । ଏଥିରେ ମୁଖ୍ୟ ସଚେତକ ଓ ପଟ୍ଟପୁରୋଧା ଥିଲେ—ପାରଳାଧୀଶ୍ୱର ଗଜପତି କୃଷ୍ଣଚନ୍ଦ୍ର । 'ଗଞ୍ଜାମ ଇଉଥ୍ ଆସୋସିଏସନ୍ 'ର ସେକ୍ରେଟାରୀ ଶ୍ରୀ ଜଗନ୍ନାଥ ଚୌଧୁରୀ ଛାତ୍ର ଓ ଯୁବକମାନଙ୍କୁ ଏକତ୍ର କରାଇ 'ବାଉଣ୍ଡାରୀ ପ୍ରୋଟେଷ୍ଟ୍ ଡେ' ପାଳନ କରାଇଥିଲେ ।

ଯେଉଁ ଜାତୀୟ ଭାବଧାରାର ଆଦର୍ଶରେ ଅନୁପ୍ରାଣିତ ହୋଇ ଉତ୍କଳର ଜାତୀୟ ମନୀଷୀ ଉତ୍କଳ ଗୌରବ ମଧୁସୂଦନ ଖୋଜି ବସିଥିଲେ, —କୀର୍ତ୍ତିକିରୀଟିନୀ ଓଡ଼ିଶାର ଗୌରବୋଜ୍ଜ୍ୱଳ ଇତିହାସ ପରମ୍ପରା, ସଂସ୍କୃତି, ସାହିତ୍ୟ ଓ ସ୍ୱାଭିମାନ । ଠିକ୍ ସେଇ

Digitized by srujanika@gmail.com

ଦେବୋପମ ଗୁଣମାନଙ୍କର ଦାୟାଦ ଥିଲେ — ପାରଳାର ମହାରାଜା ଗଜପତି କୃଷ୍ଣଚନ୍ଦ୍ର । ମଧୁବାବୁଙ୍କ ପରି ସେ ଚାରୋଟି ପ୍ରଦେଶରେ ଖଣ୍ଡ ବିଖଣ୍ଡିତ ହୋଇ ପଡ଼ିଥିବା ଛିନ୍ନମସ୍ତା ଉତ୍କଳ ଜନନୀଙ୍କ ମାତୃମୂର୍ତ୍ତି ଦେଖି ସେ ମର୍ମାହତ ହୋଇ ପଡ଼ିଥିଲେ । ଭାଷାସୂତ୍ରରେ ସମସ୍ତଙ୍କୁ ଏକତ୍ର କରିବାର ସ୍ୱପ୍ନ ମଧୁସୂଦନ ଭାରତରେ ପ୍ରଥମେ ଦେଖିଥିଲେ । ଭାଷାଭିତ୍ତିକ ପ୍ରଦେଶ ଗଠନର ନିର୍ମାତା ହେଉଛନ୍ତି ମଧୁସୂଦନ । ପରବର୍ତ୍ତୀ ସମୟରେ ଜାତୀୟ କଂଗ୍ରେସ ମଧ୍ୟ ଏହି କଥାକୁ ସ୍ୱୀକାର କରିଥିଲେ । ଉତ୍କଳମଣି ଗୋପବନ୍ଧୁ ମଧୁସୂଦନଙ୍କ ପରେ ଉତ୍କଳ ମିଶ୍ରଣ ପାଇଁ ବହୁ କାମ କରିଛନ୍ତି । ଶେଷ ପର୍ଯ୍ୟାୟର ସଂଗ୍ରାମୀ ଥିଲେ ପାରଳା ମହାରାଜା । ମଧୁବାବୁ ଓ ଗୋପବନ୍ଧୁ ତାଙ୍କର ପୂର୍ବବର୍ତ୍ତୀ ଉତ୍କଳର ଅମୃତ ସନ୍ତାନ ।

ସୁଲେଖକ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ, "ସବୁ କ୍ଷେତ୍ରରେ ଓଡ଼ିଆମାନେ ନିଜର କୃତି ଓ ସାଧନାବଳରେ ଯେପରି ବିଶ୍ୱରେ ସୁନାମର ଅଧିକାରୀ ହୋଇପାରନ୍ତି, ତାହା ଥିଲା ତାଙ୍କର ଧ୍ୟେୟ ଓ ଶ୍ରେୟ । ସେ ନିଜେ ଥିଲେ ଏହି ଅନନ୍ୟତା, ଏହି ଆଭିଜାତ୍ୟ ଓ ଏହି ସ୍ୱାଭିମାନର ପ୍ରତୀକ । ଏହାକୁ ରକ୍ଷା କରିବା ପାଇଁ ଶେଷକୁ ସେ ଦେବାଳିଆ ମଧ୍ୟ ହୋଇ ଯାଇଥିଲେ । ଜଣେ ଅତି ବିଶିଷ୍ଟ ଆଡ଼ଭୋକେଟ୍ ଭାବେ ସେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥିଲେ । ଦେଶ ସେବା ପାଇଁ ସେ ନିର୍ଦ୍ଧନ ହୋଇ ପଡ଼ିଥିଲେ । ଉତ୍କଳ ଜନନୀଙ୍କର ସେବାରେ, ଶିଳ୍ପ ବିକାଶ, ରାଜନୈତିକ ସେବା ଓ ସାମ୍ବାଦିକତାଦି ବିଭିନ୍ନ କ୍ଷେତ୍ରରେ ଭିତ୍ତି ପକାଇବାରେ ଏହି ଗୁଣାବଳୀ ଧାରଣ କରି ଦେଶମାତୃକାର ପାଦତଳେ ନୈବେଦ୍ୟ ବାଢ଼ିଥିଲେ—ଗଜପତି କୃଷ୍ଣଚନ୍ଦ୍ର । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ବେଳକୁ ଉତ୍କଳଗୌରବ ମଧୁସୂଦନ କି ଉତ୍କଳମଣି ଗୋପବନ୍ଧୁ ଜୀବିତ ନ ଥିଲେ । ଉତ୍ତର ପୁରୁଷଭାବେ ମହାରାଜା କୃଷ୍ଣଚନ୍ଦ୍ର ଦୁଇ ଜାତୀୟ ବୀରଙ୍କର କାମନା ବାସନାକୁ ଚରିତାର୍ଥ କରିଥିଲେ । ୧୯୨୮ରେ ଗୋପବନ୍ଧୁ ଓ ୧୯୩୪ ମସିହାରେ ମଧୁସୂଦନଙ୍କର ବିୟୋଗ ହୋଇଥିଲା । ମଧୁସୂଦନଙ୍କ ଦୀର୍ଘ ଜୀବନର ଈପ୍ସିତ କାମନା ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶଭାବେ ଦେଖିବାର ଯେଉଁ ଗୌରବ, ଆନନ୍ଦ, ଆକାଂକ୍ଷା ତାହା ଚରିତାର୍ଥ ହୋଇପାରିଲା ନାହିଁ । ପଣ୍ଡିତ ଗୋପବନ୍ଧୁଙ୍କର ମଧ୍ୟ ସମଦଶାପନ୍ନ ହୋଇଥିଲା ।

ମହାରାଜାଙ୍କ ମହନୀୟ ଚରିତ୍ରବତ୍ତା ବିଶେଷତଃ ସ୍ୱଦେଶପ୍ରାଣତା ସହିତ ଉତ୍କଳୀୟତା କେତେ ଉଚ୍ଚକୋଟୀର ଥିଲା — ତାହା ମଧୁସୂଦନଙ୍କ ପାଖକୁ ଚିଠିପତ୍ର

Digitized by srujanika@gmail.com

ଆଦାନପ୍ରଦାନରୁ ଜଣାପଡ଼େ । ଏପରିକି ଶେଷଥର ପାଇଁ ବିଲାତରୁ ସେ ମଧୁବାବୁଙ୍କ ପାଖକୁ ଉତ୍କଳମିଶ୍ରଣ ସମ୍ବନ୍ଧରେ ପତ୍ରପ୍ରେରଣ କରିଥିଲେ ।

ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ୧୯୩୩ ମସିହା ଫେବୃୟାରୀ ମାସ ୧୨ ତାରିଖରେ କଟକରେ ବସିଥିଲା । ଭୁବନାନନ୍ଦ ଦାସ ସେଥିରେ ସଭାପତିତ୍ୱ କରିଥିଲେ । ପ୍ରଧାନ ବକ୍ତା ଥିଲେ ମଧୁବାବୁ ଏବଂ ସେଥିରେ ପ୍ରଧାନ ଅତିଥିଭାବେ ପାରଳାଖେମୁଣ୍ଡିରୁ ମହାରାଜା ମଟର ଗାଡ଼ିରେ କଟକ ଆସି ସେଥିରେ ଯୋଗ ଦେଇଥିଲେ । କଥା ପ୍ରସଙ୍ଗରେ ମଧୁବାବୁ କହିଥିଲେ, "ଆମ୍ଭେମାନେ ସମସ୍ତେ ଓଡ଼ିଶା ପାଇଁକି ଦରଖାସ୍ତ, ସ୍ମାରକପତ୍ର, ପ୍ରତିନିଧି ପ୍ରେରଣ ଓ ବହୁ ପ୍ରସ୍ତାବମାନ ପଠାଉଛେଁ । ଏତେ ସବୁକରି ତାର ଫଳ କିଛି ହେଉନି । କିନ୍ତୁ ପାରଳାଖେମୁଣ୍ଡି ମହାରାଜାଙ୍କର ବିଲାତରେ ଥିବା ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ସ ଓ ତାଙ୍କ ସଦସ୍ୟମାନଙ୍କ ଉପରେ ଯେଉଁ ବ୍ୟକ୍ତିଗତ ପ୍ରଭାବ ତାହା ଗୋଲ୍‌ଟେବୁଲ୍ ବୈଠକରେ ଆଶ୍ଚର୍ଯ୍ୟଜନକ ଭାବେ କାର୍ଯ୍ୟ କରିଅଛି । ଯାହାଙ୍କ ଯୋଗୁଁ ଆମ୍ଭେମାନେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଉ ବୋଲି ସେହି ଘୋଷଣାନାମା ଆମ୍ଭେମାନେ ପାଇଅଛୁଁ ।"

୧୯୩୩ ମସିହା ଅକ୍ଟୋବର ମାସରେ Sir John Hubback ସାହେବଙ୍କ ସଭାପତିତ୍ୱରେ ଓଡ଼ିଶା ଶାସନ କମିଟି ଭବିଷ୍ୟତ୍‌ରେ ଗୋଟିଏ ସ୍କିମ୍ କରିବା ପାଇଁ ବିଭିନ୍ନ ଜାଗାରେ ତାହାର ମୀମାଂସା କରିବା ପାଇଁ ଗୋଟିଏ ସଭା ବସିଥିଲା । ସେତେବେଳକୁ ଜୟପୁର ଓ ପାରଳାଖେମୁଣ୍ଡି ଓଡ଼ିଶା ସହିତ ମିଶ୍ରଣ ହୋଇ ନ ଥିଲା । ଏହି କମିଟିର କାର୍ଯ୍ୟ ଓ ରିପୋର୍ଟ ଅସମ୍ପୂର୍ଣ୍ଣ ରହିଅଛି । ଶେଷ ପର୍ଯ୍ୟାୟରେ ପାରଳା ମହାରାଜା ବିଲାତରୁ ଫେରିଲେ, ଏହି ରିପୋର୍ଟର ଶେଷ ସିଦ୍ଧାନ୍ତ ହେବ ବୋଲି ମଧୁବାବୁ ଉକ୍ତ କମିଟିରେ ତାଙ୍କ ସ୍ପଷ୍ଟ ଅଭିମତ ଜଣାଇଥିଲେ । ସେ କହିଥିଲେ, "ଆମ୍ଭେମାନେ ଡିସେମ୍ବର ମାସ ପର୍ଯ୍ୟନ୍ତ ଅପେକ୍ଷା କରିବା । ମହାରାଜାଙ୍କର ବ୍ୟକ୍ତିଗତ ପ୍ରଭାବ, ଜଏଣ୍ଟ୍ ସିଲେକ୍‌ସନ୍ କମିଟି ଉପରେ କି ପ୍ରଭାବ ପକାଉଛି, ତାହା ଆମ୍ଭମାନଙ୍କର ଦେଖିବାର କଥା ।"

ଅନ୍ତରରେ ଆକାଙ୍କ୍ଷା ଓ ସଦିଚ୍ଛାର ଆବେଗତା ଭରି ମଧୁବାବୁ ଶେଷରେ କହିଥିଲେ, "ଭଗବାନ୍ କରନ୍ତୁ, ମହାରାଜା ପୁଣିଥରେ ବିଜୟୀ ହୋଇ ବିଲାତରୁ ଫେରନ୍ତୁ ।"

ଏହି ଉକ୍ତିରୁ ମହାରାଜାଙ୍କର ଓଡ଼ିଆ ପ୍ରୀତି ଓ ତତ୍‌କାଳୀନ ବିଶିଷ୍ଟ ବକ୍ତା, ନେତା ଉତ୍କଳପ୍ରାଣ ମଧୁବାବୁଙ୍କ ସହିତ ଯୋଗସୂତ୍ର ତଥା ତାଙ୍କ ମହନୀୟ ଚରିତ୍ରବତ୍ତା କିପରି ଉଚ୍ଚକୋଟୀର, ତାହା ସହଜରେ ଅନୁମେୟ ।

Digitized by srujanika@gmail.com

ମୋ ପାରଳା ଅନୁଭୂତି

୧୯୭୮ ମସିହା ତା ୨୧ । ୬। ୭୮ ରଖରେ ଓଡ଼ିଶା ଗଭର୍ଣ୍ଣରଙ୍କ ଦପ୍ତରରୁ ଟେଲିଗ୍ରାମ ଆଦେଶ ପାଇ ମୁଁ N. C. E. R.T. ଶିକ୍ଷା ବିଭାଗୀୟ କର୍ମଚାରୀଙ୍କ ପାଇଁ ଅଭିପ୍ରେତ ତାଲିମ କେନ୍ଦ୍ରରେ ଯୋଗ ଦେବାପାଇଁ ପାରଳାଖେମୁଣ୍ଡି ଯାଇଥିଲି । ସେତେବେଳକୁ ମୁଁ ନୀଳମାଧବ ବିଦ୍ୟାପୀଠ, କଣ୍ଟିଲୋର ପ୍ରଧାନ ଶିକ୍ଷକଭାବେ ରାଜ୍ୟସ୍ତରୀୟ ଜଣେ ସୁଦକ୍ଷ ଶିକ୍ଷକଭାବେ ପୁରସ୍କୃତ ହୋଇଥାଏ । ଆମ ପୁରୀ ଜିଲ୍ଲାରୁ ଖଣ୍ଡଗିରି ନିକଟସ୍ଥ ତପୋବନ ହାଇସ୍କୁଲର ପ୍ରଧାନ ଶିକ୍ଷକ ମଧ ଯାଇଥିଲେ । ପୁରୀ ଜିଲ୍ଲାର ଆମେ ଏହି ଦୁଇଜଣ ଶିକ୍ଷକବନ୍ଧୁ ସେଥିରେ ଯୋଗ ଦେଇଥିଲୁ ।

ପାରଳାଖେମୁଣ୍ଡି ଯିବାକୁ ମୋତେ ରାତିଟା ବ୍ରହ୍ମପୁରରେ କଟାଇବାକୁ ପଡ଼ିଲା । ସମଗ୍ର ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ଶିକ୍ଷା ବିଭାଗୀୟ ପରିଦର୍ଶକ ସେମାନଙ୍କ ସଂଖ୍ୟା ୨୨ ଜଣ ଓ ଆମେ ପ୍ରଧାନ ଶିକ୍ଷକ ୧୦ଜଣ । ଏହିପରି ୩୨ ଜଣ ସେହି ତାଲିମ୍ କେନ୍ଦ୍ରରେ ଯୋଗ ଦେଇଥିଲୁ । ବାକି ପାରଳାଖେମୁଣ୍ଡିର ସ୍ଥାନୀୟ ଶିକ୍ଷା ବିଭାଗୀୟ ଅଫିସରଗଣ ଆମ ସହିତ ସହଯୋଗ କରିଥିଲେ । ଆମ୍ଭେମାନେ ମହାରାଜା ଭବନରେ ରହିଥିଲୁ । ମହାରାଜାଙ୍କ ଟାଉନ୍ ହଲ୍‌ରେ ଆମକୁ ତାଲିମ୍ ଦିଆ ଯାଉଥାଏ ।

ଭଞ୍ଜବିହାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉପକୁଳପତି, ପରଲୋକଗତ ଗୋରାଚାନ୍ଦ ରଥ ଆମ ଉଦ୍‌ଘାଟନ ଉତ୍ସବର ପ୍ରଧାନ ପୁରୋଧା ହୋଇଥିଲେ । ସେ ଦିନ ହେଉଛି ତା ୨୩ । ୬ ।୭୮ ରିଖ । Mr, S.C. Gupta ଥିଲେ ଆମର ଡାଇରେକ୍ଟର । ସେ ମହାଶୟ ନୂଆଦିଲ୍ଲୀରୁ ଆସିଥିଲେ । ଆଉ ଆମର ସହକାରୀ ଡାଇରେକ୍ଟର ଥିଲେ ଅବସରପ୍ରାପ୍ତ ପ୍ରଫେସର ପୂଜ୍ୟ ଶତ୍ରୁଘ୍ନ ନାଥ ।

ହସ ହସ ମୁହଁରେ ସମସ୍ତଙ୍କୁ ଅଭିବାଦନ କରି ସମସ୍ତଙ୍କ ପରିଚୟ ନେଇ ସାରିଲା ପରେ ଗୋରାଚାନ୍ଦବାବୁ ସମସ୍ତଙ୍କୁ ଜିଜ୍ଞାସା କଲେ ଯେ ଓଡ଼ିଶାର କଟକ, ପୁରୀ, ବ୍ରହ୍ମପୁର, ବାରିପଦା, ବାଲେଶ୍ୱର ଓ ସମ୍ବଲପୁର ପ୍ରଭୃତି ବଡ଼ ବଡ଼ ସହରରେ ଏ ତାଲିମ

Digitized by srujanika@gmail.com

କେନ୍ଦ୍ର ନ ହୋଇ ପାରଳାଖେମୁଣ୍ଡି ଭଳି ଗଞ୍ଜାମ ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳରେ ଏହି ତାଲିମ କେନ୍ଦ୍ର କାହିଁକି ଅନୁଷ୍ଠିତ ହେଉଛି ? — ଏହି ପ୍ରଶ୍ନର ଉତ୍ତର ଆମ ନବାଗତ ବନ୍ଧୁମାନଙ୍କ ମଧ୍ୟରୁ କିଏ କିମିତି କେତେକଥା କହିଲେ । ସବୁତକ ମୋର ମନେ ନାହିଁ । ଏହା ହେଉଛି ୧୩ବର୍ଷ ତଳର କଥା । ବିନମ୍ର ଭାବରେ ମୁଁ ଶେଷକୁ ଉଠିପଡ଼ି କହିଲି, "ଆଜ୍ଞା ! ଆପଣଙ୍କ ପ୍ରଶ୍ନର ଉତ୍ତର ଓଡ଼ିଆ କି ଇଂରାଜୀରେ କହିବି ?" ସା'ରେ କହିଲେ, "As you like it" ତେଣୁ ମୁଁ ଓଡ଼ିଆରେ କହିଲି, "ପାରଳାଖେମୁଣ୍ଡି ଓଡ଼ିଆ ଭାଷାଭାଷୀ ଲୋକଙ୍କର ଏକ ଉପାନ୍ତ ଅଞ୍ଚଳ । ଏହା ପାଖକୁ ଜଳନ୍ତର, ସୋମପେଣ୍ଠ, ମଞ୍ଜୁଷା, ପଲାସା, ସୁରଙ୍ଗୀ ପ୍ରଭୃତି ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ । କିନ୍ତୁ ଏସବୁ ଆନ୍ଧ୍ର ପ୍ରଦେଶରେ । ଏପରିକି ପାରଳାଖେମୁଣ୍ଡି ରାଜବାଟୀର ପାହାଚ ପାଖକୁ ଲାଗି ଆନ୍ଧ୍ରର ସୀମା ସରହଦ ଖୁଣ୍ଟମାନ ପୋତାଯାଇଛି । ପାରଳାଖେମୁଣ୍ଡି ଜମିଦାରୀ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ସୀମାୟିତ । ରୋରୁଦ୍ୟମାନା ଅବଗୁଣ୍ଠନାବତୀ ଉତ୍କଳ ଜନନୀଙ୍କ ସ୍ୱରୂପ ପାରଳାଖେମୁଣ୍ଡିରେ କିପରି ଭାବେ ଦେଖା ଯାଉଛି, ତାହା ଦେଖିବାକୁ ଓଡ଼ିଶା ସରକାର ସମଗ୍ର ଓଡ଼ିଶା ରାଜ୍ୟର ଶିକ୍ଷାବିତ୍‌ମାନଙ୍କୁ ଏଠାକୁ ପଠାଇ ଅଛନ୍ତି । ଆମର ବ୍ୟାବହାରିକ (Practical) ତାଲିମ୍, ପାରଳାଖେମୁଣ୍ଡିସ୍ଥ ଉଚ୍ଚ ପ୍ରାଥମିକ ସ୍କୁଲରେ ଦିଆଯାଉଛି । ଛାତ୍ର-ଛାତ୍ରୀମାନଙ୍କର କୁଟୀର ଶିଳ୍ପ ଅତି ଆକର୍ଷଣୀୟ । ଏଠାରେ ଭାରତ, ଓଡ଼ିଶା, ଗଞ୍ଜାମ ଓ ପାରଳାଖେମୁଣ୍ଡି ସବ୍‌ଡ଼ିଭିଜନର ରିଲିଫ୍ ମାନଚିତ୍ର ଆମ୍ଭେମାନେ ଦେଖିବାକୁ ପାଇଲୁଁ । ଏଠା ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଚିତ୍ର ଆମ ମନରେ ଆଙ୍କି ହୋଇ ଯାଇଛି । ପାରଳାର ବେତଝୁଡ଼ି, ଶିଙ୍ଗ ପାନିଆ, ବେତ ଚୌକି ଓ ଚନ୍ଦନ ଫଗୁଆ ଓଡ଼ିଶାର କୁଟୀର ଶିଳ୍ପରେ ଅତି ଉଚ୍ଚକୋଟୀର । ସେଥିପାଇଁ ପାରଳାଖେମୁଣ୍ଡି ଏହି ତାଲିମ କେନ୍ଦ୍ର ପାଇଁ ଉପଯୁକ୍ତ ସ୍ଥାନ ହୋଇପାରିଛି । ଆଜିକାଲି ପ୍ରାଥମିକ ସ୍କୁଲମାନଙ୍କରେ କୁଟୀର ଶିଳ୍ପ ପ୍ରଚଳନ କରିବା ଏକାନ୍ତ ଆବଶ୍ୟକ । ବେକାର ଜୀବନରେ ଏଗୁଡ଼ିକ ଅତି ଉପାଦେୟ ।" ଏଇତକ କହିସାରିବା ପରେ, ସେ ମୋତେ ସ୍ୱଭାବସୁଲଭ ଗୁଣରେ ଆଶୀର୍ବାଦ ଦେଇ, ସେଦିନ ଉଦ୍‌ଘାଟନ ଉତ୍ସବରେ ମୋତେ ତାଲିମ କେନ୍ଦ୍ରର ସେକ୍ରେଟାରୀ ପଦରେ ମୁତୟନ କରିଦେଲେ । ବିନୀତ ଭାବରେ ମୁଁ ରଥ ମହାଶୟଙ୍କ ଆଶୀର୍ବାଦ ଗ୍ରହଣ କଲି । ପାରୁପର୍ଯ୍ୟନ୍ତ ଚେଷ୍ଟା କରି ସେକ୍ରେଟାରୀ କାର୍ଯ୍ୟ ତୁଲାଇ ଥିଲି ।

ଉଦ୍‌ଘାଟନ ଉତ୍ସବ ପରେ ସାମାନ୍ୟ ଜଳଯୋଗ ହେଲା । ତା'ପରେ ସେକେଣ୍ଡାରୀ ବୋର୍ଡ଼ ଦ୍ୱାରା ପରିଚାଳିତ ଭ୍ୟାନ୍‌ରେ ତାଙ୍କ ବାସଭବନକୁ ଯାଇ ତାଙ୍କୁ

Digitized by srujanika@gmail.com

ସସମ୍ମାନେ ବିଦାୟ ଦେଇ ଆସିଲି । ମୋର I. A. Pass ବେଳକୁ ୧୯୫୨ରେ ସେ ଆମ ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଥିଲେ । ତାଙ୍କୁ ଯେଉଁଦିନ ଛାଡ଼ି ଯାଇଥିଲି ସେଦିନ ହେଉଛି ଫଗୁଦଶମୀ । ତାଙ୍କ ଦିଅଁ ଘରେ ରାଧା, କୃଷ୍ଣ, ଲଳିତା ଠିଆ ହୋଇଥିବାର ମୂର୍ତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇ ଭକ୍ତି ତଦ୍‌ଗତ ପ୍ରାଣରେ ପ୍ରଣତି ଜଣାଇଲି । ମୋ ଶିକ୍ଷକ ଜୀବନରେ ମଣିଷ ଭଳି ଏତେ ଉଚ୍ଚ, ଏଡ଼େ ସୁନ୍ଦର, କମନୀୟ, ସୁଗଠିତ ଓ ଆକର୍ଷଣୀୟ ମୂର୍ତ୍ତି କେବେ ଦେଖି ନ ଥିଲି । ସେ ମୋତେ ରାଧାକୃଷ୍ଣଙ୍କର ଚରଣାରବିନ୍ଦରେ ସଞ୍ଚିତ ଫଗୁରୁ ଟିକିଏ ଆଣି ମୋ ମଥାରେ ବୋଳି ଦେଲେ । ଶୁଦ୍ଧ ସାତ୍ତ୍ୱିକ ରସରେ ହୃଦ ବିଗଳିତ ହୋଇ ପଡ଼ିଲା । ଆନନ୍ଦାଶ୍ରୁରେ ଚକ୍ଷୁ ପ୍ଲାବିତ ହେଲା ।

ଆସିଲା ବେଳେ ତାଙ୍କ ଟେବୁଲ୍ ଉପରେ ନବ ଉତ୍କଳର ଜନକ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଜଗପତି ନାରାୟଣ ଦେବଙ୍କ ୭୮ ତମ ସ୍ୱନକ୍ଷତ୍ର ଉପଲକ୍ଷେ (Our homage to the father of New Orissa, 78th birthday celebration 1969) ସ୍ମରଣିକା ପୁସ୍ତକଟି ଥୁଆ ହୋଇଥିଲା । ତାଙ୍କ ସହିତ କଥାବାର୍ତ୍ତା ହେଲାବେଳେ ସେ ପୁସ୍ତକଟି ଟିକିଏ ଓଲଟାଇ ମହାରାଜାଙ୍କ ବିଷୟରେ କିଛି ଜାଣିବାକୁ ପାଇଲି । ମହାରାଜାଙ୍କର ଶାଳପ୍ରାଂଶୁ ବୃକୋଦର ମୂର୍ତ୍ତି ଭିତରେ ଯେ ସଂଭ୍ରାନ୍ତ-ସୌଷ୍ଠବ ସହିତ ରାଜକୀୟ ଗୌରବର ସୌରଭ ଭରି ରହିଛି, ତାହାର ସନ୍ଧାନ ତାଙ୍କ ଛବିରୁ ପ୍ରତୀୟମାନ ହେଲା । ଫେରିଲା ବେଳେ ମୁଁ ଏହି ସ୍ମରଣିକା ପୁସ୍ତକଟି ତାଙ୍କଠାରୁ ମାଗି ଆଣିଥିଲି । ସେ ଅତି ଆନନ୍ଦରେ ଏହି ସ୍ମରଣିକା ପୁସ୍ତକଟି ମୋତେ ପଢ଼ିବାକୁ ଦେଲେ । ଆଜି ମହାରାଜାଙ୍କ ବିଷୟରେ ଯେଉଁ ଜୀବନୀ ଲେଖୁଛି ତାହା ସେହି ପରଲୋକଗତ ପୂଜ୍ୟପାଦ ଗୋରାଚାନ୍ଦ ରଥଙ୍କ ଅବଦାନ ତଥା ଆଶୀର୍ବାଦର ଫଳ । ବାଟରେ ଆସିବାବେଳେ ଭାଷାତତ୍ତ୍ୱବିତ୍ ପାରଳା କଲେଜର ଓଡ଼ିଆ ସଂସ୍କୃତ ଅଧ୍ୟାପକ ସ୍ୱର୍ଗତ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ବାସଭବନ ଦେଖାଇ ଦେଇଥିଲେ । ଆଜି ସ୍ୱର୍ଗତ ଭାଷାତତ୍ତ୍ୱବିତ୍ ଯେକି ଓଡ଼ିଆ ଶବ୍ଦ କଳ୍ପଦ୍ରୁମ ବିରାଟ ଅଭିଧାନର ରଚୟିତା ସେହି ନନ୍ଦ ମହାଶୟଙ୍କ ପ୍ରତିଭାକୁ ଶତକୋଟି ପ୍ରଣାମ ଜଣାଉଛି ।

ବୋର୍ଡ଼ ଦେଇଥିବା ଭ୍ୟାନ୍‌ରେ ସହ ଶିକ୍ଷାର୍ଥୀ ବନ୍ଧୁମାନଙ୍କ ସହିତ ପାରଳାଖେମୁଣ୍ଡି ସହରକୁ ସମ୍ପୂର୍ଣ୍ଣ ରୂପେ ପରିକ୍ରମା କରି ପରମ ସନ୍ତୋଷ ଲାଭ କରିଥିଲି । ପ୍ରାକୃତିକ ଓଡ଼ିଶାର ବହୁ ଗଡ଼ଜାତ ଅଞ୍ଚଳ ସମେତ ବହୁସ୍ଥାନ ଶିକ୍ଷକ ଜୀବନରେ ପରିଦର୍ଶନ କରିଅଛି । କେଉଁଠି ହେଲେ ପାରଳାଖେମୁଣ୍ଡିର ପ୍ରାଚୀନ ସାଂସ୍କୃତିକ ପରମ୍ପରା, ବସତି

Digitized by srujanika@gmail.com

ପ୍ରାଚୀନ ରାଜଗୌରବ ବିମଣ୍ଡିତ ସ୍ଥାନ ଦେଖି ନାହିଁ । ପୁଣ୍ୟତୋୟା ମହେନ୍ଦ୍ରତନୟା ଓ ବଂଶଧାରା ନଦୀ ଏ ଅଞ୍ଚଳରେ ପ୍ରବାହିତା । ଶସ୍ୟ ଶ୍ୟାମଳା ଲକ୍ଷ୍ମୀ ସରସ୍ୱତୀଙ୍କ ଲୀଳା-ନିକେତନ ଗଜପତି ବଂଶୋଦ୍ଭବ ରାଜାମାନଙ୍କର ଅଧ୍ୟୁଷିତ ଅଞ୍ଚଳ ନିଶ୍ଚିତ ଭାବରେ ବହୁ ଦୃଷ୍ଟିରୁ ଶୋଭନୀୟ ଓ ବନ୍ଦନୀୟ ।

ଯେଉଁ କେତେଦିନ ପାରଳାରେ ରହିଥିଲି, ସେହିତକ ଦିନ ଭିତରେ ମୁଁ ବରାବର କରଣସାହି ସାନ ରାଧାକାନ୍ତ ମଠକୁ ଯାଉଥିଲି । ଇତ୍ୟବସରରେ କେତେଥର କବି କଳହଂସ ଗୋପାଳ କୃଷ୍ଣଙ୍କ ଘରକୁ ଯାଇଥିଲି । ତାଙ୍କ ଦ୍ୱାର ଦେଶରେ କ୍ଷୁଦ୍ର ଦେଉଳଟିରେ ଶ୍ରୀରାଧାକାନ୍ତ ଦେବ ଅଛନ୍ତି । ଗୋପାଳକୃଷ୍ଣଙ୍କର ସେ ଇଷ୍ଟ ଦେବତା । ଭକ୍ତକବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ବାସଗୃହ ଆଜି ପର୍ଯ୍ୟନ୍ତ ସେହିପରି ରହିଅଛି । ତାଙ୍କ ନାତି ଅଣନାତିଙ୍କଠାରୁ ଯେଉଁ ସମ୍ଭ୍ରମ କଥାବାର୍ତ୍ତା ଓ ସୁନ୍ଦର ବ୍ୟବହାର ପାଇଥିଲି, ତାହା ଭୁଲିବାର ନୁହେଁ । ଦାଣ୍ଡ ପିଣ୍ଡାରେ ଗୋଟିଏ ଛୋଟ ଟୁଙ୍ଗି ଘରେ କବି ଗୋପାଳକୃଷ୍ଣଙ୍କର ପାଳଧୁଆ କାଠର ବସିଥିବା ମୂର୍ତ୍ତି ତାଙ୍କ ଦିଅଁ ଘରେ ରହିଛନ୍ତି । ତାଙ୍କ ସାରସ୍ୱତ ସାଧନାର ପୋଥିତକ ତାଙ୍କ ଆଗରେ ସୂତାଗୁଡ଼ା ହୋଇ ରହିଅଛି । ସେଥିରେ ଲେଖାଅଛି —

"ଜୀବ ଯିବାକୁ ହୋଇଲା ସଜ
ରାଧା ଗୋବିନ୍ଦ ଭଜ ।"

ଏଇତକ କବି କଳହଂସ ଗୋପାଳକୃଷ୍ଣଙ୍କର ଶେଷ ଲେଖା । ଘର ତାଙ୍କର ପୁରୁଣା ମରହଟ୍ଟା ଯୁଗର ଚାଳଘର । ଗୋଲ୍ ଗୋଲ୍ ଶାଳକାଠ ଖୁଣ୍ଟ । କୁଟି କାମର ପାଣି ପାଟିଆ ପାଖକୁ ବଙ୍କା ବଙ୍କା ତ୍ରିଭଙ୍ଗୀ ଠାଣିର କାଠ ଖୁଣ୍ଟରୁ ବାହାରିଥିବା ଛୋଟ ଛୋଟ ଶେଣୀ । ସୁନ୍ଦର ପଥର ପାହାଚ । ଉଚ୍ଚକୋଟୀର ଆଭିଜାତ୍ୟ । ସମଗ୍ର ଗଞ୍ଜାମ ଜିଲ୍ଲା ବିଶେଷତଃ ପାରଳାଖେମୁଣ୍ଡିରେ ଗୋପାଳକୃଷ୍ଣଙ୍କର ରାଧାକୃଷ୍ଣ ସମ୍ବଳିତ ଗୀତାବଳୀ ଓ ଚୌପଦୀ ମାନ ଗୀତ ହୁଏ । ଗଞ୍ଜାମ ଜିଲ୍ଲା ବାହୁଦାନବୀସ୍ଥିତ ନୂଆପଡ଼ା ସରକାରୀ ବିଦ୍ୟାଳୟରୁ ଅବସର ଗ୍ରହଣ କଲି । ନୂଆପଡ଼ା ଏକ ଧନଶାଳୀ ଗ୍ରାମ । ଗ୍ରାମର ଅଧିବାସୀମାନେ ବଡ଼ ପରିଶ୍ରମୀ ଓ ଉତ୍ତମ ଅଭିରୁଚିସମ୍ପନ୍ନ । ଆଚାର, ପାପଡ଼ ଗ୍ରାମର ସମସ୍ତଙ୍କ ଘରେ ମିଳେ । ମୋର ଅଳ୍ପଦିନ ରହଣି ମଧ୍ୟରେ ସେମାନଙ୍କ

Digitized by srujanika@gmail.com

ମନଛୁଆଁ ଉଦ୍ରୋଚିତ ବ୍ୟବହାରରେ ମୁଁ ବଡ଼ ଆପ୍ୟାୟିତ ହୋଇଥିଲି । ବଡ଼ ଆଜ୍ଞା (Headmaster)ଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଓ ମାନସମ୍ମାନ । ସମଗ୍ର ଗଞ୍ଜାମ ଜିଲ୍ଲାରେ ଶିକ୍ଷକମାନଙ୍କୁ ଯେଉଁ ମଧୁର ହୃଦୟସ୍ପର୍ଶୀ ବ୍ୟବହାର ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ।

କାର୍ତ୍ତିକ ମାସରେ ରାତି ଅନ୍ଧାରୁ, "ଉଠିଲୁ ଏଡ଼େବେଗି କାହିଁକିରେ, ଦଧି ମନ୍ଥାଇ ଦେବୁ ନାହିଁ କିରେ", ଏବଂ "ଅନୁସରିତ ପ୍ରଭୁ କାଳଯାକ ଗଲା ସରିତ, କ'ଣ ବିତରଣ ହେଲେ କେତେ ଋଣ, ହୁଅନ୍ତା କରୁଣା-ସରିତ ।"—କବି ଗୋପାଳକୃଷ୍ଣଙ୍କର ଏହି ଦୁଇଟି ଗୀତ, ମାଇକି ସାହାଯ୍ୟରେ ବୋଲାଯାଇ ପ୍ରଭାତ ଅବକାଶ ହେଉଥିଲା । ଆଜି ପାରଳାଖେମୁଣ୍ଡିର କବି କଳହଂସ ଗୋପାଳକୃଷ୍ଣଙ୍କ ପଦ୍ୟାବଳୀ କେଡ଼େ ମଧୁର, ସୁଶ୍ରାବ୍ୟ ଓ ହୃଦୟସ୍ପର୍ଶୀ ତଥା ପ୍ରାଣପ୍ରୀତିକର, ତାହା ଏବେବି କର୍ଣ୍ଣ-ପଟ୍ଟରେ ମୋର ନିନାଦିତ ହେଉଅଛି ।

ମୋର ପାରଳାଖେମୁଣ୍ଡି ରହଣି ମଧ୍ୟରେ ହାଟପଦାର ଚନ୍ଦ୍ରଶେଖରଙ୍କ ମନ୍ଦିର, ଚିତ୍ରକର ସାହି ଛକ, ରଘୁନାଥ ମନ୍ଦିର, କରଣ ସାହିର ସାନ ରାଧାକାନ୍ତ ମଠ ଓ ରାଜଦାଣ୍ଡର ପୁରୀ ଭଳି ଜଗନ୍ନାଥ ମୂର୍ତ୍ତି ଦର୍ଶନ କରି କୃତକୃତ୍ୟ ହୋଇଛି । ଟାଉନ୍ ହଲ୍‌ରୁ ବାହାରି ସହର ପରିକ୍ରମା କଲାବେଳେ ରାମସାଗର ଭଳି ବିରାଟ ପୁଷ୍କରିଣୀମାନ ସନ୍ଦର୍ଶନ କରି ବିମୋହିତ ହୋଇ ପଡ଼ିଛି । ଲଳିତ କଳା ସାହିତ୍ୟ ସଙ୍ଗୀତ, ରାଗରାଗିଣୀ, ଗୋଟିପିଲା ନାଚ ବା ଗାନ୍ଧର୍ବ ବିଦ୍ୟାରେ ପାରଳାଖେମୁଣ୍ଡି ଚିର ପ୍ରସିଦ୍ଧ । ମୋ ଜନ୍ମଭୂମି ଖଣ୍ଡପଡ଼ାଗଡ଼ । ପାରଳାଖେମୁଣ୍ଡି ସହରର ଅବସ୍ଥିତି ସାହିତ୍ୟ ସଙ୍ଗୀତର ଏକ କ୍ଷୁଦ୍ର ସଂସ୍କରଣ ବୋଲି ମନେ ହୁଏ । ବହୁକାଳର ଗୋଟିଏ ପହଳି ଅଛି । ଘୁମୁସରର ରାଜା ଧନଞ୍ଜୟ ଭଞ୍ଜ, ନାତି ଉପେନ୍ଦ୍ର ଭଞ୍ଜଙ୍କୁ କଥା ଛଳରେ କହିଥିଲେ —

"ଗଣିତରେ ଖଣ୍ଡପଡ଼ା ସଂସ୍କୃତରେ ନୟାଗଡ଼
କ୍ଷତ୍ରିୟରେ ଘୁମୁସର
ଧରାକୋଟ ରାଜନୀତି,
ଗନ୍ଧର୍ବ ବିଦ୍ୟାରେ ପାରଳାଖେମୁଣ୍ଡି
ମନେ ରଖିଥିବୁ ନାତି ।"

ଆଜି ଏ ପହଳି ପାରଳାଖେମୁଣ୍ଡି ଐତିହ୍ୟର ଏକ ଦୀପ୍ତିବନ୍ତ ଗୌରବାବହ ସୂଚନା ଓ ଯଶୋ ବିମଣ୍ଡିତ ସ୍ମୃତି-ରେଖା ।

Digitized by srujanika@gmail.com

ପ୍ରଜାବତ୍ସଳ ମହାରାଜା

ଭାରତ ସେବକ ସମିତିର ସଭ୍ୟ ଶ୍ରୀ ଶ୍ୟାମସୁନ୍ଦର ମିଶ୍ର ମହାରାଜାଙ୍କର ସୁଚିନ୍ତିତ ଉତ୍ସାହ ଓ ସାହାଯ୍ୟ କରିବାର ଗୁଣ କେଡ଼େ ମହତ୍ତର, ତାହା ସେ ଗୋଟିଏ ଉଦାହରଣ ଦେଇ ଦେଖାଇଛନ୍ତି । ମହାରାଜା ଦ୍ୱିତୀୟ ମହାସମର ସମୟରେ ଓଡ଼ିଶାରେ ଦ୍ୱିତୀୟଥର ପାଇଁ ପ୍ରଧାନମନ୍ତ୍ରୀ ଥିଲେ । ତିନିଦଶକ ଆରମ୍ଭରେ ଉତ୍କଳଗୌରବ ମଧୁସୂଦନ ଉତ୍କଳ ସମ୍ମିଳନୀ, କଟକର ତାରକସୀ କାମ ଓ ଟ୍ୟାନେରୀ ଜୋତା କାରଖାନା ପ୍ରଭୃତି କୁଟୀର ଶିଳ୍ପ କରାଇ ଦେବାଳିଆ ହୋଇ ଯାଇଥିଲେ । ଦାରୁଣ ଅର୍ଥାଭାବରେ ସେ ସଢ଼ୁଥିଲେ । ତାଙ୍କୁ ଅଶୀତିପର ବର୍ଷ ହୋଇଥିଲା । ଏହି ବୃଦ୍ଧ ବୟସରେ ସେ ନିଜର ଦୈନ୍ୟ ଦେଖାଇ ମୃତ୍ୟୁ ପର୍ଯ୍ୟନ୍ତ କାହାକୁ ହାତ ବଢ଼ାଇବାର କେହି ଦେଖି ନାହିଁ । ଏଡ଼େବଡ଼ ଲୋକର ଧନହୀନତା ମହାରାଜାଙ୍କୁ ବଡ଼ ବାଧିଲା ।

ଭୀଷ୍ମଙ୍କ ଭଳି ସେ ଓଡ଼ିଶାର କୁଳବୃଦ୍ଧ ଥିଲେ । ମହାରାଜା ତାଙ୍କର ଅତି ସ୍ନେହଭାଜନ ଥିଲେ । ତାଙ୍କରି ପ୍ରେରଣା ଓ ଉତ୍ସାହ ପାଇ ସେ ବିଲାତ ୩ଥର ପର୍ଯ୍ୟନ୍ତ ଯାଇ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରାଇଥିଲେ । ତେଣୁ ମହାରାଜା ମଧୁବାବୁଙ୍କୁ କେତେଗୁଡ଼ିଏ ମକଦ୍ଦମାରେ ଓକିଲାତି କରିବାକୁ ସୁବିଧା କରିଦେବାରୁ ମଧୁବାବୁ ଆର୍ଥିକ ଦୃଷ୍ଟିରୁ କେତେକ ପରିମାଣରେ ଉପକୃତ ହୋଇଥିଲେ । ଜାତୀୟବୀର ଉତ୍କଳଗୌରବ ମଧୁସୂଦନ ତାଙ୍କର ପ୍ରେରଣାଦାତା ଓ ଗୁରୁସଦୃଶ ଥିଲେ । ମହାରାଜାଙ୍କ ଏହି ସହାନୁଭୂତି ଓ ସାହାଯ୍ୟ କୁଳବୃଦ୍ଧଙ୍କ ପାଇଁ କମ୍ କଥା ନ ଥିଲା ।

୧୯୪୩ ମସିହା ଜୁନ୍ ମାସ ୨୩ ତାରିଖ । ମହାରାଜା ସେତେବେଳକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଓଡ଼ିଶା ବ୍ୟବସ୍ଥାପକ ସଭାର ପ୍ରକୋଷ୍ଠରେ ଉତ୍କଳ ଇଉନିଭର୍‌ସିଟି ବିଲ୍ ପାସ୍ କରିବା ସମୟରେ ଯେଉଁ ଭାଷଣ ଦେଇଥିଲେ, ତାହାର କିୟଦଂଶ ଏଠାରେ ଉଲ୍ଲେଖ କରୁଛି — ସେତେବେଳକୁ ସେ ଯୁଦ୍ଧ ବିଭାଗର କ୍ୟାପ୍‌ଟେନ୍ ମଧ ଥିଲେ । ସେ ଓଡ଼ିଶା ବ୍ୟବସ୍ଥାପକ ସଭାର ବାଚସ୍ପତିଙ୍କୁ କହିଥିଲେ,

Digitized by srujanika@gmail.com

"ଆପଣ ଯଦି ପାରଳାଖେମୁଣ୍ଡି ଯାନ୍ତି, ତାହାହେଲେ ବିଶେଷତଃ ଶିକ୍ଷାକ୍ଷେତ୍ରରେ ଉଚ୍ଚ ଓ ନୀଚ ଜାତିର କୌଣସି ପାର୍ଥକ୍ୟ ନାହିଁ ବୋଲି ଦେଖିବେ । ମୁଁ କହିପାରେ ଯେ, ମୋ ପୁରୋହିତ ପୁଅ, ଧୋବାପିଲା ସହିତ ସାଧାରଣତଃ ଗୋଟିଏ ଆସନରେ ବସି ପଢୁଛନ୍ତି । ଜାତି ବିଚାର ନେଇ ପାରଳାଖେମୁଣ୍ଡିରେ ପାତର ଅନ୍ତର ନାହିଁ । ମୋ ଜମିଦାରୀ ଚାକିରିରେ ଅସବର୍ଣ୍ଣ ଜାତିର ଉନ୍ନତି ପାଇଁ ବହୁ ଲୋକଙ୍କୁ ଚାକିରି ଦେଇଛି । ଏହି ଗୃହରେ ମାନ୍ୟବର ସଭ୍ୟମାନଙ୍କ ଆଗ୍ରହ ନିମିତ୍ତ କହି ରଖେ ଯେ, ମୋ ରାଜ୍ୟରେ ଜଣେ ଧୋବା ରେଭିନ୍ୟୁ ଇନିସ୍‌ପେକ୍ଟର ଭାବେ କାମ କରୁଥିଲା । ସେ ତାଙ୍କ ସହକର୍ମୀ ବନ୍ଧୁମାନଙ୍କଠାରୁ ସମଭାବେ ବ୍ୟବହାର ପାଉଥିଲା । ଗୋଟିଏ ପରିବାରର ଲୋକ ହିସାବରେ ଆମ୍ଭେମାନେ ପରସ୍ପରକୁ ଧର୍ମ ଦୃଷ୍ଟିରୁ ବିଶ୍ୱାସ କରିବୁଁ । ଏହାହିଁ ଚୈତନ୍ୟ ଦେବଙ୍କର ଶ୍ରେଷ୍ଠ ଶିକ୍ଷା । ଚିନ୍ତା ଏବଂ କାର୍ଯ୍ୟରେ ପ୍ରତ୍ୟେକଙ୍କୁ ଆମ୍ଭେମାନେ ସମାନ ଭାବରେ ଦେଖିବୁଁ । ବିଦ୍ୟା ପଠନ ପାଇଁ ବୃତ୍ତି ଓ ଟଙ୍କାପଇସା ଦେଲାବେଳେ ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଉପଯୁକ୍ତ ଭାବେ ସମଭାବରେ ଦେଖିବୁଁ । "

ମହାରାଜାଙ୍କ ଶିକ୍ଷାପ୍ରତି ଅନୁରାଗ ଓ ଉନ୍ନତ ଚରିତ୍ରବତ୍ତା କେତେ ମାର୍ଜିତ ରୁଚିର, ତାହା ଏଥିରୁ ଜଣାପଡ଼େ ।

ପାରଳାଖେମୁଣ୍ଡିର ପ୍ରଖ୍ୟାତ ଐତିହାସିକ ପ୍ରତ୍ନତାତ୍ତ୍ୱିକ ଓ ସାହିତ୍ୟିକ ଶ୍ରୀ ସତ୍ୟନାରାୟଣ ରାଜଗୁରୁ ମହାରାଜାଙ୍କୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ନିର୍ମାତା (Architect) ଭାବେ ଏକ ଭାଷଣରେ କହିଛନ୍ତି-"ଯେଉଁ ସମୟରେ ବଢ଼ି, ମରୁଡ଼ି, ଦୁର୍ଭିକ୍ଷ, ଜନକ୍ଷୟ, ମୃତ୍ୟୁ ଓ ଦାରିଦ୍ର୍ୟ ଯୋଗେ ଓଡ଼ିଆମାନେ ସଢୁଥିଲେ, ସେହି ସମୟରେ ତା'ର ସମାଧାନ ପାଇଁ ସେ ଓଡ଼ିଆ ଜାତିକୁ ଏକତ୍ର କରାଇଥିଲେ । ଚାରୋଟି ପ୍ରଦେଶରେ ଓଡ଼ିଆମାନେ ରହି ସେମାନଙ୍କ ଅତୀତ ଗୌରବ, ସାମୁଦ୍ରିକ ନୌବାଣିଜ୍ୟ, ସେମାନଙ୍କର ସାହସ ବୀରଜାତିର ଐତିହ୍ୟ, ଧନଧାନ୍ୟ, ସାହିତ୍ୟ, ସଂସ୍କୃତି, ରାଜନୈତିକତା ସ୍ୱାଭିମାନ ସବୁକିଛି ଭୁଲି ଯାଇଥିଲେ ।

ତାଙ୍କ ନିଜ ରାଜ୍ୟ ଓ ଲୋକୋପକାର ପାଇଁ ଯାହା କରିଥିଲେ ତାର କେତୋଟି ଦୃଷ୍ଟାନ୍ତ ଏଠାରେ ଦିଆ ଯାଉଅଛି -

୧। ପାରଳାଖେମୁଣ୍ଡି ମହାରାଜା କଲେଜକୁ ପ୍ରଥମଶ୍ରେଣୀ କଲେଜରେ ପରିଣତ କରାଇଥିଲେ । ଏହା ୧୮୯୬ ଖ୍ରୀଷ୍ଟାବ୍ଦରେ ତାଙ୍କ ପିତାଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ।

Digitized by srujanika@gmail.com

୨। ନୂତନ ଛାତ୍ରାବାସ କଲେଜ ପାଇଁ ତିଆରି କରି ପିଲାମାନଙ୍କ ଗ୍ରାସାଚ୍ଛାଦାନ ନିମନ୍ତେ ବୃତ୍ତିବାଡ଼ି ଖଞ୍ଜିଦେବାରୁ ବହୁତ ଗରିବ ପିଲା ଉପକୃତ ହେଲେ ।

୩। ଜାତି ଧର୍ମ ନିର୍ବିଶେଷରେ ସେ ଆର୍ଟ, ମେଡ଼ିକାଲ, ଇଞ୍ଜିନିୟରିଂ ପଢିବା ପାଇଁ ବହୁ ଛାତ୍ରଙ୍କୁ ବାହାରକୁ ପଠାଇ କୃତବିଦ୍ୟ କରାଇଥିଲେ । ମାନ୍ଦ୍ରାଜ, ଆନ୍ଧ୍ର ଓ ଓଡ଼ିଶାର ହଜାର ହଜାର ଛାତ୍ର ଏହି ଛାତ୍ରବୃତ୍ତି ଓ ସାହାଯ୍ୟ ପାଉଥିଲେ । ଶିକ୍ଷା କ୍ଷେତ୍ରରେ ମହାରାଜାଙ୍କ ଏ ସାଧୁ କାର୍ଯ୍ୟାବଳୀ କୀର୍ତ୍ତିସ୍ତମ୍ଭ ସ୍ୱରୂପ ।

୪। ଶିଳ୍ପ ବାଣିଜ୍ୟର ଉନ୍ନତି ପାଇଁ Home farm ନୂଆପଡ଼ା-ପାରଳାଖେମୁଣ୍ଡି ରେଳଲାଇନ୍ ଗୁଣପୁରୁ ପର୍ଯ୍ୟନ୍ତ ନିର୍ମାଣ କରାଇଥିଲେ । ପାରଳାଖେମୁଣ୍ଡିରେ ଧାନ ଓ ତେଲକଳ ବସାଇଥିଲେ ।୧୯୫୧ରେ 'ଗଜପତି' ଲୁହା କାରଖାନା ପ୍ରତିଷ୍ଠିତ ହୋଇଥିଲା ।

୫। କୃଷିର ଉନ୍ନତି ପାଇଁ Home farm ସହିତ କୃଷି ଅଫିସର ନିଯୁକ୍ତ କରିଥିଲେ । 'ବାଗା' ନିକଟରେ ଜଳସେଚନ କର୍ଯ୍ୟ କରିଥିଲେ । ରାଜ୍ୟର ବହୁ ସ୍ଥାନରେ କୂପ, ପୋଖରୀ ଖୋଳାଇଥିଲେ । ଆଧୁନିକ ବୈଜ୍ଞାନିକ ପଦ୍ଧତିରେ କୃଷି କାର୍ଯ୍ୟ ପ୍ରଚଳନ କରାଇଥିଲେ । ଏହାର ଖ୍ୟାତି ମାନ୍ଦ୍ରାଜଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିବାରୁ ୧୯୨୮ ରେ ସେ Royal Agriculture Commissionରେ ସମ୍ମାନିତ ସଭ୍ୟ ହୋଇ ଯଶସ୍ୱୀ ହୋଇଥିଲେ ।

୬। ମାନ୍ଦ୍ରାଜ ପ୍ରଦେଶର କୁନୁରଠାରେ ଖାଦ୍ୟଶସ୍ୟର ପୁଷ୍ଟିସାର ଗବେଷଣା (Nutrition) ପାଇଁ ଲକ୍ଷେଟଙ୍କା ଦାନ କରିଥିଲେ । ମାନ୍ଦ୍ରାଜର କୋଇମ୍ବାଟୋର ସହରରେ କୃଷି କଲେଜର ଉଚ୍ଚତମ ଶିକ୍ଷା ସକାଶେ ବହୁ ଅର୍ଥ ବ୍ୟୟ କରିଥିଲେ ।

୭। ପାରଳାଖେମୁଣ୍ଡିରେ ଶିଳ୍ପ ଓ ହସ୍ତକର୍ମ କାର୍ଯ୍ୟ ପାଇଁ ଗୋଟିଏ ଶିଳ୍ପ ବିଦ୍ୟାଳୟ ପ୍ରତିଷ୍ଠା କରାଇଥିଲେ ।

୮। ସଂସ୍କୃତ ଭଳି ଭାରତର ପ୍ରାଚୀନ ଶିକ୍ଷାର ପ୍ରଗତି ପାଇଁ ପାରଳାଖେମୁଣ୍ଡିରେ ଗୋଟିଏ ସଂସ୍କୃତ କଲେଜ ପ୍ରତିଷ୍ଠା କରାଇଥିଲେ । ଓଡ଼ିଆ ଓ ତେଲୁଗୁର ବହୁ ପଣ୍ଡିତ ଏହି କଲେଜରୁ ବାହାରିଥିଲେ । ସୁଦୂର ମାନ୍ଦ୍ରାଜ ସହରରେ ଏକ ନାଟକ ଅଭିନୟ କରି ପାରଳାଖେମୁଣ୍ଡିର ସାଂସ୍କୃତିକ ଯଶ ରକ୍ଷା କରିଥିଲେ ।

Digitized by srujanika@gmail.com

୯। ନାରୀଶିକ୍ଷାର ପ୍ରଗତି ପାଇଁ ଗୋଟିଏ ବାଳିକା ହାଇସ୍କୁଲ ସ୍ଥାପନ କରିଥିଲେ। ଯେତେବେଳେ ପରଦା ଆଢୁଆଳରେ ନାରୀଜାତି ସଢୁଥିଲେ, ସେତେବେଳେ ନାରୀ ଜାଗରଣ ପାଇଁ ସେ ଏହି ବିଦ୍ୟାଳୟ ବସାଇଥିଲେ ଓ ଏହାର ଗୃହ ନିର୍ମାଣ କରାଇଥିଲେ।

୧୦। କ୍ରୀଡ଼ାର ଉନ୍ନତିପାଇଁ ଗୋଟିଏ ଖେଳପଡ଼ିଆ ତିଆରି କରାଇଥିଲେ। ଏଥିରେ ବ୍ୟାଡ଼ମିଣ୍ଟନ, ଫୁଟବଲ୍ ଖେଳ ହେଉଥିଲା। ସମଗ୍ର ଦାକ୍ଷିଣାତ୍ୟରେ ପାରଳାର କ୍ରିକେଟ ଖେଳ ଟେକ ରଖିଥିଲା। ମହାରାଜା ଜଣେ ଭଲ କ୍ରିକେଟ ଖେଳାଳି ଥିଲେ।

୧୧। ପ୍ରଜାବତ୍ସଳ ଉତ୍କଳପ୍ରାଣ ରାଜାଙ୍କ ସମ୍ବନ୍ଧରେ ଦେଓ୍ୱାନ ବାହାଦୁର ଏସ.କେ. ମହାପାତ୍ର କହିଥିଲେ- "There have been many battles fought by the Rajah of Orissa in the past in the South and on the North. But the last battle of Orissa fought by the Maharaja K. C. Gajapati Dev of Paralakhemundi as the commander-in-chief of the Oriyas on the banks of the River Thames in London and we came out successfully."

ଏହି ମତାମତରୁ ମହାରାଜାଙ୍କର ନିଜ ଜାତି ପାଇଁ କେତେ ମମତା ଓ ଅନୁରାଗ ସ୍ପଷ୍ଟ ଭାବରେ ଜାଣି ହେଉଥିଲା।

Digitized by srujanika@gmail.com

ଏ ବଡ଼ ଲୋକଙ୍କର ମତ

୧। ସ୍ୱର୍ଗତ ଚିନ୍ତାମଣି ଆଚାର୍ଯ୍ୟ Vice-Chancellor, ଉତ୍କଳ ବିଶ୍ୱବିଦ୍ୟାଳୟ କହିଥିଲେ- "It is my privilege as the Vice-Chancellor to. present to you Maharaja Gajapati Narayan Dev of Paralakhemundi for the degree of doctor of laws of the University."

The province of Orissa was created in 1936. Since its creation amongst other things there were the demands for the establishment of a separate University and a separate High Court for Orissa. Captain Maharaja Sri K.C. Gajapati Narayan Dev K.C.I.E. of Paralakhemundi was not only the creator of the province of Utkal but of Utkal University also.

2 ରାଜାସାହେବ K.V. Apparao କହନ୍ତି - "It is no exaggeration to say that his highness had done lasting good to his tenantry believing that the prosperity of his estate was the prosperity of his peasantry. The then British Government rightly selected him as the best representative of the Royal Commission on Indian Agriculture, Where he made a rare contribution of practical suggestions to the commission.

As a mark appreciation and recognition of his meticulous knowledge of industry and commerce, the British Government appointed him as a member of the Indo-British trade negotiation."

୩। ଶ୍ରୀ ବ୍ରଜକିଶୋର ତ୍ରିପାଠୀ ଭାରତ ସେବକ ସମିତିର ସଭ୍ୟ କହନ୍ତି- "It has a exuberant zeal for the upliftment and amelioration of the farming in the country, which won him the membership of Agriculture Commission of India and the premiership of Orissa. He served in these posts of distinction not only with unquestionable sincerity and

Digitized by srujanika@gmail.com

goodness as sincere servant of the people but donated all the remuneration he got for the welfare of the nation."

୪। ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ଯେ କି ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାର ସହକାରୀ ସଭାପତି ଥିଲେ, ସେ କହିଥିଲେ- "I may also say from my personal experience that the Rajah did remarkably good and fought every inch of ground for the separation of Orissa."

୫। ପାରଳାଖେମୁଣ୍ଡି K.Prasad Raoଙ୍କ ଭାଷାରେ -"From the Himalayas to Cape Kanyakumari wherever one goes, one meets a Paralakhemundian in high position cherishing in his hearts the noble name of the Maharajah Saheb with the greatest respect and admiration. x x x The British Government gave him a proud place in the Royal Commision on Agriculture and honoured him by conferring on him the title of "Maharajah" and K.C.I.E.

୬। Shri Birkishor Roy Says -"Anang Bhim Dev described Orissa as the Kingdom of Lord Jagannath. Legend says that Jagannath himself stood in the Kanchi war of Purusottam Dev. Now we see that their descendant Maharajah of Paralakhemundi, led the crusade on behalf of the Oriyas, having been inspired by Lord Jagannath and he has become the saviour of this ancient land of Utkal and gave us a new life."

୭। ପାରଳାଖେମୁଣ୍ଡିର ସୁଲେଖକ, ଐତିହାସିକ ଶ୍ରୀ ସତ୍ୟନାରାୟଣ ରାଜଗୁରୁ କହନ୍ତି-"In 1918 Shri K.C. Gajapati received the title of Rajah Saheb, which was made hereditary in 1922. Then in 1936, he was made Maharajah. The title of K.C.I.E. was also conferred upon him. He was nominated as a member of the Indian Defence Council in the year 1941-1942. He was holding up a very responsible post as honorary commission of the land forces in 1916. He was a member of the Royal Society of Art and the Royal Asiatic Society, London, He was a member of Indo-British trade negotiation of 1938."

୮। Late Shri Jagannath Swami Says —"He is a stern and well disciplined in his habits His time-table of daily routine and regular and punctual.

Digitized by srujanika@gmail.com

୯ । ବିଶିଷ୍ଟ ସାହିତ୍ୟିକ ଓ ଭାଷାକୋଷ ପ୍ରଣେତା ସ୍ୱର୍ଗୀୟ ଗୋପାଳଚନ୍ଦ୍ର ପ୍ରହରାଜ ଲେଖିଛନ୍ତି —" ଶ୍ରୀ ଛାମୁ ଏକାଧାରାରେ ଦାନବୀର, ଧର୍ମବୀର, ଯୁଦ୍ଧବୀର ଓ ଆଧୁନିକ ଜଗତର ଜଣେ ବିଶିଷ୍ଟ କର୍ମବୀର ହୋଇ ସରସ୍ୱତୀ ଓ ଲକ୍ଷ୍ମୀଙ୍କ ବରପୁତ୍ର ଉତ୍କଳ ଖଣ୍ଡରେ ବିରାଜୁଛନ୍ତି । ସାହିତ୍ୟ ସମ୍ରାଟ୍ ଉତ୍କଳ ବିକ୍ରମାଦିତ୍ୟ ମହାରାଜା ରାଜକବି ଶ୍ରୀ ଶ୍ରୀ ବିକ୍ରମଦେବ ବର୍ମା ଡିଲିଟ୍ ମହୋଦୟ ଦଶହଜାର ଟଙ୍କା ଦାନ କରି ଭାଷାକୋଷର ପଞ୍ଚମଖଣ୍ଡ ରୂପ ଯେଉଁ ମନ୍ଦିର ନିର୍ମାଣ କରାଇଥିଲେ, ଶ୍ରୀ ଛାମୁ ପାଞ୍ଚସହସ୍ର ମୁଦ୍ରା ଦାନ କରି ସେହି ମନ୍ଦିରର ଚୂଡ଼ା ମୁଦ୍ରଣ କର୍ମ ମୁକର କରାଇ ଉତ୍କଳ ସାରସ୍ୱତ ଜଗତରେ କଳାକୁଶଳୀ ଧର୍ମପଦରୂପେ ଗୌରବ ମଣ୍ଡିତ କରିଛନ୍ତି ।"

୧୦ । ସ୍ୱର୍ଗତ କବିବର ଚିନ୍ତାମଣି ମହାନ୍ତିଙ୍କ "ଉତ୍କଳ ମିଳନ"ରୁ ଗୃହୀତ (୧୯୩୪)—

ମଧୁ ମୋର ଜ୍ୟେଷ୍ଠପୁତ୍ର ମାତୃପରାୟଣ
ମୋ ମହିମା ବୃଦ୍ଧି ପାଇଁ ଉତ୍ସର୍ଗିଲା ପ୍ରାଣ ॥
ମହାପ୍ରାଣ ମାନବ ସେ ଧନମନ ଦେଇ
ଲାଗିଲା ପୂଜାରେ ମୋର ବୀର ବିକ୍ରମରେ
ଅର୍ଜିଅଛି ପୁତ୍ରମଣି ରାଶି ରାଶି ଅର୍ଥ
କିନ୍ତୁ ହାୟ ମୋହ ଲାଗି ହେଲା ଋଣଗ୍ରସ୍ତ
ତେବେ ତାର ନାହିଁ ଡର ତିଳେହେଁ ଭୃକ୍ଷେପ ।
ଲାଗିଛି ସେ କର୍ତ୍ତବ୍ୟରେ ସମାନ ଭାବରେ
ବୃଦ୍ଧ ଏବେ ସେ ହୁଏ କୋଟିଏ ଯୁବକ
ନୁହେଁ କେ ତାହାକୁ ସରି କର୍ମ ସାଧନରେ ॥
ଶୁଭକ୍ଷଣେ ଜନ୍ମ ହେଲା ପାରଳା ରାଜ୍ୟରେ
କୃଷ୍ଣଚନ୍ଦ୍ର ଗଜପତି ଗଜରାଜ-ବଂଶେ
ନବ ସୂର୍ଯ୍ୟ ରୂପେ ତାର ପ୍ରତିଭା କିରଣ
ଉଜ୍ଜ୍ୱଳି ମୋ ବକ୍ଷେ ଗଲା ଦିଶେ ଦିଶେ ବ୍ୟାପୀ ॥
ସୁଗୁଣେ ସେ ରାମରାଜ୍ୟ କଲା ପ୍ରତିଷ୍ଠିତ ।
କି ବର୍ଣ୍ଣିବି ଗୁଣ ତାର ପୁତ୍ର ମଣି ମୋର
ମୋ ଲାଗି ହୋଇଛି ଆହା ଯୌବନରେ ଯୋଗୀ ॥

Digitized by srujanika@gmail.com

ଛାଡ଼ି ରାଜ୍ୟ ପରିବାର ନ ଗଣି ଦେହକୁ
କେତେ ଦୁଃଖ ସହି ବହୁ ରାଜ-ଶରୀରରେ
ଗଲା ଶ୍ୱେତଦ୍ୱୀପେ (ସପ୍ତଦ୍ୱୀପର ପହୁଡ଼)
ସୁଦୂର ପ୍ରବାସେ ତେର ସମୁଦ୍ର ସେ ପାରେ ॥

× × × × ×

ଅଧୀର ହରଷେ ସର୍ବେ ଉଚ୍ଚରିଲେ ଉଚ୍ଚେ
"ଜୟ ଗଜପତି ରାଜା କୃଷ୍ଣଚନ୍ଦ୍ର ଜୟ ।"

ଏତିକିରେ ମହାରାଜା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବଙ୍କ ସ୍ୱସ୍ତିବାଚକ କେତେକ ପ୍ରଖ୍ୟାତନାମା ଗୁଣୀ ପୁରୁଷଙ୍କ ବାଣୀ ଉଦ୍ଧୃତ କଲି । ଓଡ଼ିଆ ପ୍ରାଣ ପ୍ରଥିତଯଶା ମହାରାଜା କେଡ଼େ ଉଚ୍ଚକୋଟୀର ସ୍ୱଦେଶବତ୍ସଳ ଥିଲେ, ତାଙ୍କ କୀର୍ତ୍ତିକଳାପରୁ ସହଜରେ ଅନୁମେୟ । ତେଣୁ ଓଡ଼ିଆ ପ୍ରବଚନ —"ଏ ବଡ଼ ଲୋକଙ୍କର ମତ — ଅନ୍ୟ ଲୋକେ ବିପରୀତ ।"

Digitized by srujanika@gmail.com

ଗୋଧୂଳି ବେଳାରେ

ଗୋଧୂଳି ବେଳାରେ ସୂର୍ଯ୍ୟ ବୁଡ଼ିଯାନ୍ତି । ଗାଈଗୋରୁ ଘରକୁ ଫେରନ୍ତି । ସୂର୍ଯ୍ୟଦେବ ସ୍ୱର୍ଣ୍ଣ ସିଂହାସନରେ ବସି ପଶ୍ଚିମାକାଶକୁ ବିଭିନ୍ନ ରଙ୍ଗରେ ରଞ୍ଜିତ କରିଥାଆନ୍ତି । କିଛିକ୍ଷଣ ପାଇଁ ଫଲ୍‌ଗୁ ରଙ୍ଗ ହୋରିଖେଳ ପଶ୍ଚିମାକାଶରେ ହୋଇଥାଏ । ମେଘରେ କେତେ ରଙ୍ଗ ସୃଷ୍ଟି ହୋଇ ଅଳ୍ପ କ୍ଷଣ ପରେ ପୁଣି ମିଳାଇଥାଏ । ମଣିଷର ଦୈନନ୍ଦିନ ଜୀବନର କର୍ମକ୍ଳାନ୍ତି ପରେ ସେ ବିଶ୍ରାମ କରେ । ସନ୍ଧ୍ୟା ଆସେ । ଅଗଣିତ ତାରାବଳୀ ଆକାଶରେ ଫୁଟିଉଠନ୍ତି । ଚନ୍ଦ୍ରଦେବତା ଉଦିତ ହୁଅନ୍ତି । ରାତ୍ରି ଘନାଇ ଆସେ ।

ମହାରାଜାଙ୍କୁ ଦେଖିଲେ ଓଡ଼ିଶା ଇତିହାସରେ ସେ ପୁରାତନ ଓ ନୂତନ ଯୁଗର ସମନ୍ୱୟ ବୋଲି ଜଣାପଡ଼ନ୍ତି । ତାଙ୍କ କାର୍ଯ୍ୟକଳାପ, ବେଶଭୂଷା, ପରମ୍ପରାକୁ ନେଇ ସେ ଇତିହାସର ଜୟ ବୈଜୟନ୍ତୀ ଉଡ଼ାଇଛନ୍ତି । କ୍ରମେ ତାଙ୍କର ଯୌବନ ଅପସରି ଗଲା ଠିକ୍ ଗୋଧୂଳି ବେଳାରେ ଯେପରି ସନ୍ଧ୍ୟା ମାଡ଼ିଆସେ । ପରିଣତ ବୟସର ଅତିକ୍ରାନ୍ତ ହେଲା । ବାର୍ଦ୍ଧକ୍ୟର ଶେଷ ପର୍ଯ୍ୟାୟ ପରେ ସେ ଜରାଗ୍ରସ୍ତ ହେଲେ ।

ଗଜପତି ବଂଶୋଦ୍ଭବ ମହାରାଜଙ୍କ ଜୀବନକାଳରେ ସେ ସବୁଦିନ ପାଇଁ କୀର୍ତ୍ତି ରଖି ଯାଇଛନ୍ତି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ଜାଗ୍ରତ ପ୍ରହରୀ ସଦୃଶ ଥିଲେ । ବିଲାତରେ ମହାସଭା (Parliament) ରେ ବଡ଼ ଦୟନୀୟ ଭାବରେ ଅବହେଳିତ ଓଡ଼ିଆ ଜାତି ପାଇ ସେ ଯେଉଁ ଐତିହାସିକ ଉଦ୍‌ବୋଧନ ଦେଇଥିଲେ, ତାହା ଭାବବିହ୍ୱଳତା ସହିତ ମର୍ମଭେଦୀ ଭାଷଣର ଜୀବନ୍ତ ଆଲେଖ୍ୟ । ଏହି ଭାଷଣ ବ୍ରିଟିଶ୍ ସରକାରଙ୍କ ହୃଦୟକୁ ତରଳାଇ ଦେଲା । ଅଚିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ଗଠିତ ହେଲା । ତାଙ୍କ ଜୀବନ ବ୍ୟାପୀ ସାଧନାରେ ସିଦ୍ଧିଲାଭ ହେଲା ।

କିନ୍ତୁ ଗଜପତିଙ୍କ ଅଭିଳଷିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମେଦିନପୁର, ସିଂହଭୂମ, ଫୁଲଝର, ବସ୍ତର, ରାୟଗଡ଼, ସାରଙ୍ଗଗଡ଼, ମଞ୍ଜୁଷା, ତରଳା, ଚିକେଲି, ବୁଢ଼ାରସିଙ୍ଗ,

Digitized by srujanika@gmail.com

ବିଶାଖାପାଟଣା, ଜଳନ୍ତର ଆଦି ଅଞ୍ଚଳମାନ ବାଦ୍ ପଡ଼ି ଯାଇଥିଲା । ସେଥିପାଇଁ ସେ କେତେ ନୀରବଅଶ୍ରୁ ମୋଚନ କରି ନାହାନ୍ତି । ତାଙ୍କ ହୃଦୟର ଅନୁଶୋଚନା, ଅନ୍ତର୍ଜ୍ୱାଳା ଓ ହୃଦୟର କୋହ ହୃଦୟଙ୍ଗମ କରିପାରିବାରେ ଓଡ଼ିଆର ପ୍ରାଣ ନାହିଁ । ଏବେ ମଧ ଓଡ଼ିଶା ଭାରତର ଦରିଦ୍ରତମ ପ୍ରଦେଶ ରୂପେ ଗଣ୍ୟ ହେଉଛି । ଧନ, ଧାନ୍ୟ, ଯଶ, କୀର୍ତ୍ତି ଓ ଅର୍ଥନୈତିକ ସମସ୍ୟା ସହିତ ଶିକ୍ଷା ଦୀକ୍ଷା ନେଇ ଭାରତର ଅନ୍ୟ ପ୍ରଦେଶ ସହିତ କେବେ ଏହା ସମକକ୍ଷ ହେବ ?

ପାରଳାର ଏକ ତୃତୀୟାଂଶ ହେଉଛି ୨୦୧ ବର୍ଗମାଇଲ । ଏଥିରେ ୧୧୮ଟି ରୟତି ଗ୍ରାମ ଓ ୬୦ଟି ଇନାମ ଗ୍ରାମ ରହିଛି । ବାର୍ଷିକ ଆୟ ୧୦ଲକ୍ଷ ଟଙ୍କା । ପେସ୍‌କିସ୍ ଥିଲା ୮୩୮,୩୭୨୫୧ ପାହି । ପାରଳାଖେମୁଣ୍ଡି ସହର ଠାରୁ ୪ ମାଇଲ ଦୂରରେ ଥିବା ଉଦ୍ୟାନ ତାଙ୍କର ଅତି ପ୍ରିୟ ସ୍ଥାନ ଥିଲା । ପ୍ରଥମ ମହାସମର ସମୟରେ ଯୁଦ୍ଧ ପାଇଁ ସେ ୩ ଲକ୍ଷ ୧୦ ହଜାର ଟଙ୍କା ଦାନ କରିଥିଲେ । ସ୍ୱୟଂ ସୈନ୍ୟବିଭାଗର ଅବୈତିନିକ କମିଶନର ଥିଲେ । ମେଡିକାଲ୍ ଗବେଷଣା ସମିତିର ସେ ସଭ୍ୟ ଥିଲେ । ମାନ୍ଦ୍ରାଜ ବ୍ୟବସ୍ଥା ପରିଷଦର ମଧ ସେ ସଭ୍ୟ ଥିଲେ । କୋଇମ୍ବାଟୋର କୃଷି କଲେଜର ସେ ପରାମର୍ଶଦାତା ଥିଲେ । ଓଡ୍‌ନେଲ୍ କମିଟିର ସେ ଅଙ୍ଗୀକୃତ ସଭ୍ୟ (Member) ମଧ ଥିଲେ । ନିଖିଳ ଭାରତର ଭୂସ୍ୱାମୀ ମଣ୍ଡଳର ପ୍ରତିନିଧି ଭାବରେ ସେ ଲଣ୍ଡନରେ ଜଏଣ୍ଟ୍ ସିଲେକ୍‌ସନ କମିଟି ଆଗରେ ସାକ୍ଷ୍ୟ ପ୍ରଦାନ କରିଥିଲେ । ୧୯୩୭ ମସିହାରେ ସମଗ୍ର ଗଞ୍ଜାମ ଜିଲ୍ଲା ବୋର୍ଡ଼ର ସଭାପତି ଥାଇ ପରେ M.L.A. ହୋଇଥିଲେ । ଗଞ୍ଜାମ ମିଶ୍ରଣ ଓ ଲୋକୋପକାର କାର୍ଯ୍ୟପାଇଁ ତାଙ୍କର ଅବଦାନ କମ୍ ନୁହେଁ । ସେଥିପାଇଁ ବ୍ରହ୍ମପୁରସ୍ଥିତ ମେଡିକାଲ୍ କଲେଜ ତାଙ୍କ ନାଁରେ ନାମିତ ।

ସର୍ବ ଭାରତୀୟ ସ୍ତରରେ ସେ ପ୍ରତିରକ୍ଷା ସମିତିର ସଭ୍ୟ ଥିଲେ ଓ ଯୁଦ୍ଧ ପାଇଁ ଏକଲକ୍ଷ ଟଙ୍କା ସାହାଯ୍ୟ କରିଥିଲେ । ଲଢୁଆ ବିମାନ ପାଇଁ ଇଂରେଜ ସରକାରଙ୍କୁ ସେ ପାଞ୍ଚହଜାର ପାଉଣ୍ଡ ଦାନ କରିଥିଲେ । ଇଂରେଜ ଜାତିର କୃତଜ୍ଞତା ସୂଚକ ପାତ୍ର ହୋଇ ୧୯୪୬ ରେ K.C.I.E. ଓ L.E.D. ସମ୍ମାନ ସୂଚକ ଉପାଧିରେ ଭୂଷିତ ହୋଇଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ କୃଷି ଓ ଶିଳ୍ପର ଉନ୍ନତି ପାଇଁ ୧୯୫୪ ମସିହାରେ ହିନ୍ଦୁସ୍ଥାନ ଷ୍ଟିଲ୍ ଲିମିଟେଡ଼୍‌ର Director ରୂପେ କେନ୍ଦ୍ର ସରକାରଙ୍କ ଦ୍ୱାରା

Digitized by srujanika@gmail.com

ମନୋନୀତ ହୋଇଥିଲେ । ଶ୍ରୀକାକୁଲମ୍‌ଠାରେ ତାଙ୍କର ବିରାଟ ଲବଣ ଶିଳ୍ପ ଗଢ଼ି ଉଠିଥିଲା । ସେ ପରଶୁରାମପୁର ଠାରେ ଏକ ବିସ୍ତୀର୍ଣ୍ଣ ଫଳ ଉଦ୍ୟାନ କରାଇଥିଲେ । ମହାରାଜା ନିଜେ କୃଷି କ୍ଷେତ୍ରକୁ ଯାଇ ସମସ୍ତ ବିଷୟରେ ଯତ୍ନ ନେଉଥିଲେ । ମହାରାଜାଙ୍କ "ଗଜପତି ପ୍ରେସ"ରେ ବହୁ ଅପ୍ରକାଶିତ ପୁସ୍ତକ ପ୍ରକାଶିତ ହୋଇଥିଲା । ଗୋପୀନାଥ ନନ୍ଦଙ୍କ ଓଡ଼ିଆ ଶବ୍ଦତତ୍ତ୍ୱ ଅଭିଧାନ ସେଥିରୁ ଅନ୍ୟତମ । ଜଗବନ୍ଧୁ ସିଂହଙ୍କର 'ପ୍ରାଚୀନ ଉତ୍କଳ' ପୁସ୍ତକକୁ ପ୍ରକାଶ କରାଇଥିଲେ । ଓଡ଼ିଆ ସଙ୍ଗୀତକୁ ତାଙ୍କର ଦାନ ଉଲ୍ଲେଖନୀୟ । ଅନ୍ଧଗାୟକ ଅପର୍ଣ୍ଣା ପରିଚ୍ଛା, ଗୋପୀନାଥ ନନ୍ଦଙ୍କର ସମସାମୟିକ କଳାକାର । ସେ ଗୋପାଳକୃଷ୍ଣ ପଦ୍ୟାବଳୀ ପ୍ରକାଶ କରିଥିଲେ । ରଙ୍ଗମଞ୍ଚରେ, ମଞ୍ଚଶ୍ରୀ ସତ୍ୟନାରାୟଣ ପଣ୍ଡାଙ୍କୁ ବହୁ ସାହାଯ୍ୟ କରିଥିଲେ । କଟକର ରାମକୃଷ୍ଣ ମିଶନସ୍ଥ ଗଜପତି ରାମକୃଷ୍ଣ କୁଟୀର ତାଙ୍କ ସ୍ୱାର୍ଥତ୍ୟାଗର ଫଳ । 'ଶ୍ରୀ ବୃନ୍ଦାବନଚନ୍ଦ୍ର ବିହାର' ପ୍ରାଚୀନ ଛନ୍ଦୋବଦ୍ଧ ବିରଚିତ ଭକ୍ତିରସାତ୍ମକ କାବ୍ୟ ପ୍ରକାଶ କରି ସାହିତ୍ୟ ସଙ୍ଗୀତ ପ୍ରତି ତାଙ୍କର ପ୍ରଗାଢ଼ ଅନୁରାଗ ଦର୍ଶାଇଛନ୍ତି । ଉତ୍କଳ ସାହିତ୍ୟ ସମାଜ ଓ ସତ୍ୟବାଦୀର ଜାତୀୟ ବିଦ୍ୟାଳୟକୁ ଯେଉଁ ଦାନ ତାହା ସମ୍ପାଦକ ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସ ଯଥାକ୍ରମେ "ଉତ୍କଳ ଦୀପିକା"ରେ ତା ୧୪।୬।୧୩ ରିଖ ଓ ତା ୩୧।୫।୧୩ ରିଖରେ କୃତଜ୍ଞତା ଜ୍ଞାପନ କରିଛନ୍ତି । ମହାରାଜାଙ୍କ ଦାନ, କୃତିତ୍ୱ ପ୍ରଜାବତ୍ସଳତା, ସେବା ଓ ପ୍ରଜାନୁରଞ୍ଜନ କହି ବସିଲେ ଏକ ବିରାଟ ଗ୍ରନ୍ଥ ହେବ । ନବୋତ୍କଳର ଜନକ ଭାବରେ ସ୍ୱତନ୍ତ୍ର ଉତ୍କଳ ଗଠନରେ ତାଙ୍କର ଭୂମିକା, ଓଡ଼ିଶା ପ୍ରଦେଶର ଏକ ବିରାଟ ଇତିହାସ କହିଲେ ଚଳେ । ପ୍ରକୃତରେ ସେ ଜଣେ ରାଜର୍ଷି । ତାଙ୍କର ଦାନ ଅତୁଳନୀୟ । ଅନୁପମ ସ୍ୱଦେଶବତ୍ସଳତା ଅନ୍ୟତ୍ର ବିରଳ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଯାଜପୁରର ଗୋପାଳପୁର ଘାଇ ବନ୍ଧ ରହିଲା ବୋଲି ଆଡ୍‌ଭୋକେଟ୍ ରୁଦ୍ରଚରଣ ମହାନ୍ତି ଲେଖି ଅଛନ୍ତି ।

୧୯୩୩ ମସିହା ଫେବୃୟାରୀ ୧୩ ତାରିଖରେ କଟକରେ "ଉତ୍କଳ ସମ୍ମିଳନୀ" ବସିଥିଲା । ଉତ୍କଳ ଗୌରବ ମଧୁସୂଦନଙ୍କ ଅନୁରୋଧ କ୍ରମେ ସେ ଯେଉଁ ବକ୍ତୃତା ଦେଲେ ତାହା ଅବିସ୍ମରଣୀୟ ହୋଇ ରହିବ । ଚିର ବାଞ୍ଛିତ ଓଡ଼ିଆ ଜାତିର ଆଶା ଆକାଙ୍କ୍ଷା, ସ୍ୱାଭିମାନ, ଓଡ଼ିଆ ପ୍ରାଣତା ଓ ଲକ୍ଷ୍ୟ ବିଷୟ ନେଇ, ସେଦିନ

Digitized by srujanika@gmail.com

ପ୍ରେରଣାପ୍ରଦ ଭାଷଣରେ ସେ ସମସ୍ତଙ୍କୁ ବିମୁଗ୍ଧ କରିଥିଲେ । ମଧୁବାବୁଙ୍କ ଆଶୀର୍ବାଦ, ପ୍ରେରଣା ଓ ଉତ୍ସାହ ନେଇ ଇଷ୍ଟଦେବୀ ମାଣିକେଶ୍ୱରୀଙ୍କ ଶୁଭାଶିଷ ନେଇ ବୃହତ୍ତର ଓଡ଼ିଶା ଗଠନ ପାଇଁ, ସେ ଦୃଢ଼ ପ୍ରତିଜ୍ଞାପୂର୍ବକ ବିଲାତ ଯାଇଥିଲେ । ସମ୍ମିଳନୀର ପ୍ରତ୍ୟେକ ଓଡ଼ିଆ ଯୁବକ-ଯୁବତୀଙ୍କ ହୃଦୟ ଜାତୀୟ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ଆନନ୍ଦରେ ନାଚି ଉଠିଥିଲା ।

ମହାରାଜା ଆଜି ଉତ୍କଳମାତାର ଯୋଗ୍ୟତମ ପୁତ୍ର ଓ ନବୋତ୍କଳର ଜନକ । ୧୯୭୪ ମସିହା ମହାରାଜାଙ୍କୁ ସେତେବେଳେ ୮୨ବର୍ଷ । ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ସେ ଦୀର୍ଘଜୀବୀ ଥିଲେ । ଇତିହାସପ୍ରସିଦ୍ଧ ପାରଳାଖେମୁଣ୍ଡିର ସେ କେବଳ ଅଧୀଶ୍ୱର ନ ଥିଲେ ତାଙ୍କ ଅଧୀନରେ ବୁଢ଼ାରସିଙ୍ଗ, ମାଲବୁଦା ଇଷ୍ଟେଟ୍ ଅନ୍ତର୍ଗତ ଗୌଡ଼ ଗୁରାଣ୍ଡି ଓ କୋରାନଟା ଗ୍ରାମଦ୍ୱୟ, ଚିକାକୋଲ୍‌ର ଆନନ୍ଦପୁରମ୍ ଓ ପୁରୀ ଜିଲ୍ଲା ଅନ୍ତର୍ଗତ ଡେଲାଙ୍ଗ ଇଷ୍ଟେଟ୍‌ର ଅଧୀଶ୍ୱର ଥିଲେ । ଫଳରେ ଗଜପତି ବଂଶୋଦ୍ଭବ ପୁରୀ ଜିଲ୍ଲା ଜଗନ୍ନାଥ ରାଜ୍ୟର ସେ ଭକ୍ତ ଓ ଅଧିବାସୀ ଥିଲେ । କିନ୍ତୁ ମହାରାଜାଙ୍କ ଅକାତର ଦାନ ବିଶାଳ ଉତ୍କଳ ଗଠନରେ ପ୍ରାଣପାତ ପରିଶ୍ରମ ରାଜନୈତିକ ନିପୁଣତା, ଅକଳିତ ଧନବ୍ୟୟ, ଛିନ୍ନ ବିଚ୍ଛିନ୍ନା ଉତ୍କଳ ଜନନୀଙ୍କ ଅଙ୍ଗ ସଂଯୋଜନରେ ସ୍ୱତନ୍ତ୍ର ପ୍ରଦେଶ ନିର୍ମାଣ, ରାଜକୀୟ ସ୍ୱାଭିମାନର ଗୌରବ ଓ ବିଭିନ୍ନ ଅନୁଷ୍ଠାନ ଗଠନରେ ତାଙ୍କର ମହନୀୟ ଚରିତ୍ରବତ୍ତା ଚିରକାଳ ପାଇଁ ଇତିହାସରେ ସ୍ୱର୍ଣ୍ଣାକ୍ଷର ସହିତ ଲିପିବଦ୍ଧପୂର୍ବକ ଜାଜ୍ୱଲ୍ୟମାନ ହୋଇ ରହିବ ହିଁ ରହିବ ।

"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ, ମୃତ୍ୟୁରେବ ନ ସଂଶୟଃ," ଜନ୍ମ ହେଲେ ମରିବା ନିଶ୍ଚିତ, ଜନ୍ମ ଯେପରି ସତ୍ୟ, ମୃତ୍ୟୁ ତା ଅପେକ୍ଷା ଅଧିକ ସତ୍ୟ । ଏହା ଧ୍ରୁବବାଣୀ । ମହାକାଳର ଅନନ୍ତ ସ୍ପର୍ଶରେ ୮୨ ବର୍ଷର ମହାରାଜା ଜ୍ୟେଷ୍ଠ କୃଷ୍ଣ ପକ୍ଷରେ ମଇମାସ ୨୪ ତାରିଖ ୧୯୭୪ ମସିହାରେ ମହାପରାୟଣ କଲେ । ପୁଣ୍ୟଶ୍ଳୋକ ମହାରାଜା କୃଷ୍ଣଚନ୍ଦ୍ର ଆଜି କୋଟି କୋଟି ଓଡ଼ିଆ ଜାତିର ଗର୍ବ ଓ ଗୌରବ ।

ଓଡ଼ିଶାର ସର୍ବଶ୍ରେଷ୍ଠ ସମାଲୋଚନା ପତ୍ରିକା "ନିଆଁଖୁଣ୍ଟା"ର ସମ୍ପାଦକ ସ୍ୱର୍ଗତ ଗୋଦାବରୀଶ ମହାପାତ୍ର, ମହାରାଜାଙ୍କୁ ଶ୍ରେଷ୍ଠ ସମ୍ମାନ ମଧ ଦେଇଛନ୍ତି । ତାଙ୍କ ମନ୍ତବ୍ୟ ଏଠାରେ ଉଲ୍ଲେଖ କରୁଛି । "ମହାରାଜାଙ୍କ ମନ୍ତ୍ରିତ୍ୱ ଥିବାଯାଏ ତାଙ୍କର ମାସିକ ଦରମା

Digitized by srujanika@gmail.com

ଓ ଗସ୍ତଖର୍ଚ୍ଚ ସବୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ କରୁଥିଲେ । ଆଉଥରେ ଭାରତୀୟ କୃଷି କମିଟିର ମେମ୍ବର ହିସାବରେ ତାଙ୍କର ସମସ୍ତ ଅର୍ଥ ସେ କୋଏମ୍ବାଟୁର କୃଷି ଅନୁଷ୍ଠାନକୁ ଦାନ କରିଥିଲେ ଓ ତାର ପୋଷଣ ପାଇଁ ଅର୍ଥ ଖଞ୍ଜି ଦେଇଥିଲେ, ମନ୍ତ୍ରୀମାନଙ୍କର ଦରମା ସେତେବେଳେ ଅଧିକ ହୋଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ମହାରାଜାଙ୍କ ଦାନର ଗୁବଲ୍ ପାଇଥାନ୍ତା ।" ସେଥିପାଇଁ ସେ ଜୟଗାନ୍ କରି ଗାଇଥିଲେ —

"ଶସ୍ତକର ମନ୍ତ୍ରିବର ଅର୍ଥକର ଦାନ
ଅସ୍ତ୍ର ହେଉ ନେତାପ୍ରାଣେଁ ହୀନବୃତ୍ତିମାନ ।"

(ନିଆଁଖୁଣ୍ଟା—୩ୟ ବର୍ଷ — ୧୯୪୪)

୭୮ ବର୍ଷ ବୟସରେ ଓଡ଼ିଆ ଜାତି ମହାରାଜାଙ୍କୁ "ଜୀବିତ ଶରଦ ଶତମ୍" ବୋଲି ଅଭିନନ୍ଦନ କରିଥିଲା । କିନ୍ତୁ ୧୯୭୪ରେ ତାଙ୍କୁ ଯେତେବେଳେ ୮୨ ବର୍ଷ ବୟସ, ସେତେବେଳେ ତାଙ୍କୁ ଶତବର୍ଷର ନିକଟବର୍ତ୍ତୀ ଜୀବିତ ଶରଦଂ ଚିରମ୍‌ଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଦେଇ ଅମୃତମୟ ଚରିତ୍ରର ବର୍ତ୍ତମାନ ଉପସଂହାର କରୁଛି ।

ଶୁଭସ୍ତୁ, ଶୁଭମସ୍ତୁ, ଇତିଶମ୍ ।

Digitized by srujanika@gmail.com